NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
THURSDAY 24 JULY 2025
ଗୁରୁବାର ୨୪ ଜୁଲାଇ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 70 BHUBANESWAR I BERHAMPUR I SAMBALPUR I BALASORE I JAJPUR
ବର୍ଷ ୧୧ • ସଂଖ୍ୟା ୭୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ସଂସଦର ଉଭୟ ସଦନରେ ଅଚଳାବସ୍ଥା ଜାରି

**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି:**



### ବିରୋଧୀଙ୍କ ନାରାବାଜି, ହଟ୍ଟଗୋଳରେ ଧୋଇଗଲା ୩ୟ କାର୍ଯ୍ୟଦିବସ
### ୩ଦିନରେ ଖର୍ଚ୍ଚ ହେଲାଣି ୨୩ କୋଟି ଟଙ୍କା, କାହାର ଚିନ୍ତା ନାହିଁ
### ୨୮/୨୯ରେ 'ଅପରେସନ୍ ସିନ୍ଦୂର' ଉପରେ ଚର୍ଚ୍ଚା

ମୌସୁମୀ ଅଧିବେଶନ ଆରମ୍ଭରୁ ସଂସଦର ଉଭୟ ଗୃହରେ ବିରୋଧୀଙ୍କ ହୋହଲ୍ଲା ଜାରି ରହିଛି । ଏକାଧିକ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରୁଥିବାର ଦେଖିବାକୁ ମିଳୁଛି । ଏସବୁ କାରଣରୁ ଗତ ୩ ଦିନ ଧରି ସଂସଦର ଉଭୟ ସଦନରେ ଏକପ୍ରକାର ଅଚଳାବସ୍ଥା ଜାରି ରହିଛି । ବିଶେଷକରି ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ ଲୋକସଭା ଏବଂ ରାଜ୍ୟସଭାରେ ଜୋରଦାର ବିରୋଧ ପ୍ରଦର୍ଶନ କରିବାରୁ ଗତ ୩ ଦିନ ଧରି ସଂସଦୀୟ କାର୍ଯ୍ୟ ପ୍ରାୟତଃ ବାଧାପ୍ରାପ୍ତ ହୋଇଛି । ପୂର୍ବ ଦୁଇ ଦିନ ଭଳି ବୁଧବାର ମଧ୍ୟ ପ୍ଲାକାର୍ଡ ଧରି ଏବଂ ସ୍ଲୋଗାନ ଦେଇ, ବିରୋଧୀ ସଦସ୍ୟମାନେ ବାରମ୍ବାର ଉଭୟ ଗୃହର କକ୍ଷ ଭିତରକୁ ପଶି ଆସିଥିଲେ ଏବଂ ନାରାବାଜି କରିଥିଲେ । ଯାହା ଫଳରେ ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ଅଧିବେଶନରେ ଦିନ ପାଇଁ କାର୍ଯ୍ୟକୁ ମୁଲତବୀ ରଖାଯାଇଥିଲା । ବାରମ୍ବାର ବାଧା ସୃଷ୍ଟି ହେବାରୁ ବିରକ୍ତ ହୋଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିରୋଧୀ ସାଂସଦଙ୍କୁ ନିଜ ଅଶୋଭନୀୟ ଆଚରଣ ତଥା ଲୋକପ୍ରତିନିଧି ଭାବେ ସେମାନଙ୍କ ଭୂମିକା ଉପରେ ଆତ୍ମସମୀକ୍ଷା କରିବାକୁ ଅନୁରୋଧ କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଏହି ଡ୍ରାମାସବୁ ଦେଖିବାକୁ ମିଳିଥିଲା । ତେବେ ରାଜ୍ୟସଭାକୁ ଦିନକ ପାଇଁ ମୁଲତବୀ ରଖିବା ପୂର୍ବରୁ, ରାଜ୍ୟସଭା ସମୁଦ୍ର ଦ୍ୱାରା ସାମଗ୍ରୀ ପରିବହନ ବିଲ୍, ୨୦୨୫ ବିଚାର ଏବଂ ପାସ୍ ପାଇଁ ଗ୍ରହଣ କରିଥିଲା । ଏହି ବିଲ୍ ୧୦୦ ବର୍ଷ ପୁରୁଣା ଭାରତୀୟ ସମୁଦ୍ର ଦ୍ୱାରା ସାମଗ୍ରୀ ପରିବହନ ଆଇନ, ୧୯୨୫କୁ ବଦଳାଇବାକୁ ଚେଷ୍ଟା କରୁଛି । ▶▶ ୫

## ମହାପ୍ରଭୁଙ୍କୁ ଲାଗିହେବ ସ୍ୱର୍ଣ୍ଣଚିତା
# ଆଜି ଚିତାଲାଗି ଅମାବାସ୍ୟା


**ପୁରୀ, ୨୩।୭/ଏନ୍‌ଏନ୍‌ଏସ୍ :**



### ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ

ଶ୍ରୀମନ୍ଦିରରେ ପାଳିତ ଅନେକ ଯାତ୍ରା, ଉପଯାତ୍ରା, ଉତ୍ସବ ମଧ୍ୟରେ ଚିତାଲାଗି ଅମାବାସ୍ୟା ଅନ୍ୟତମ । ଆସନ୍ତାକାଲି ତଥା ଶ୍ରାବଣ-କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଚିତା ଲାଗି ଅମାବାସ୍ୟା ନୀତିକାନ୍ତି ପାଳିତ ହେବ । ଏହି ଅବସରରେ ମହାପ୍ରଭୁଙ୍କୁ ସ୍ୱର୍ଣ୍ଣ ଚିତା ଲାଗି କରାଯିବ । ଏନେଇ ଅପରାହ୍ନ ଘ.୨.୩୦ମିନିଟ୍ ଠାରୁ ସନ୍ଧ୍ୟା ଘ ୬.୩୦ମିନିଟ୍ ଅର୍ଥାତ୍ ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହି ଦିନ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଓ ମା' ସୁଭଦ୍ରାଙ୍କର ଚିତାଲାଗି ହୋଇଥାଏ । ନିତିଦିନିଆ ପୂଜା ଓ ଧୂପ ଶେଷହେବା ପରେ ପତିମହାପାତ୍ର ଓ ▶▶ ୫

# ବଜ୍ରପାତରେ ୫ ମୃତ, ୪ ଗୁରୁତର



**ଢେଙ୍କାନାଳ, ଓଡ଼ଗାଁ, ଶରଣକୁଳ, ୨୩।୭/ଏନ୍‌ଏନ୍‌ଏସ୍:**

ସମ୍ପ୍ରତି ରାଜ୍ୟରେ ବର୍ଷା ଓ ଘଡ଼ଘଡ଼ି ଜାରି ରହିଛି । ବୁଧବାର ଅପରାହ୍ନରେ ବିଭିନ୍ନ ସ୍ଥାନରେ ବଜପାତ ଘଟି ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଢେଙ୍କାନାଳ ଜିଲ୍ଲା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ବଳଦିଆବନ୍ଧ ପଲେଇସାହି ପଥର ଖାଦାନରେ କାମ କରୁଥିବା ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୨ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଏସ୍‌ସିବିକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ମୃତାହତ ଶ୍ରମିକମାନେ ଖୁଣ୍ଟୁଣି ଥାନା ଅନ୍ତର୍ଗତ ମହାଲକ୍ଷ୍ମୀପୁର ଅଞ୍ଚଳର ବୋଲି ଜଣାପଡ଼ିଛି । ମୃତ ଦୁଇ ଶ୍ରମିକ ହେଲେ ଅନନ୍ତପୁର ଗ୍ରାମର କୃଷ୍ଣଚନ୍ଦ୍ର ଦେହୁରୀଙ୍କ ଦୁଇ ପୁଅ କମଳାକାନ୍ତ ଦେହୁରୀ ଓ ନରେଶ ଦେହୁରୀ । ଏମାନେ ବେଆଇନ ଭାବେ ଚାଲୁଥିବା ଏହି ପଥର ଖାଦାନରୁ କାମ ସାରି ଫେରୁଥିବା ସମୟରେ ବର୍ଷା ହେବାରୁ ଏକ ଗଛମୂଳେ ଆଶ୍ରୟ ନେଇଥିଲେ । ସେଠାରେ ବଜ୍ରପାତ ହୋଇଥିଲା । ଗୋବିନ୍ଦପୁର ଫାଣ୍ଡି ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଶିଖରପୁର ମଣ୍ଡପ ସାହିର ସୁଦର୍ଶନ ପଲେଇ (୭୦)ଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ସେହି ଗ୍ରାମର ଶଙ୍କର୍ଷଣ ପରିଡ଼ା(୫୦) ▶▶ ୫

## ତାରିଣୀ ପୀଠରେ ସୌନ୍ଦର୍ଯ୍ୟକରଣ
# ଅଢ଼େଇ ବର୍ଷରେ କାର୍ଯ୍ୟ ସାରିବା ଲକ୍ଷ୍ୟ



**ଭୁବନେଶ୍ୱର, ୨୩।୭/ଏନ୍‌ଏନ୍‌ଏସ୍:**

୫୯ ଏକର ପରିମିତ ଅଞ୍ଚଳରେ ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୪ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି । ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ଯାଜପୁରର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ, ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ଉଦ୍ଦିଷ୍ଟ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟ ବି ତ୍ୱରାନ୍ୱିତ ହେବ ।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା' ତାରିଣୀ ପୀଠ, ଯାଜପୁର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରି ଏହା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଘଟଗାଁ ମା' ତାରିଣୀଙ୍କ ପୀଠରେ ଅଢ଼େଇ ବର୍ଷର ଅବଧି ଭିତରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ୍ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ୍, ପୁଷ୍କରିଣୀ ଓ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି । ଏଥି ସହିତ ଘଟଗାଁ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ମାର୍କେଟ୍ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରାଯାଉଛି । ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁରର ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି । ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି । ଆହୁରି ମଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏକାମ୍ର କ୍ଷେତ୍ର ହେଉଛି ଭାରତ ବର୍ଷର ଏକ ପ୍ରାଚୀନ ଶୈବ ପୀଠ । ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ଼ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଏ ସବୁ ମନ୍ଦିରଗୁଡ଼ିକର ଉନ୍ନତିକରଣ କରାଗଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁରକ୍ଷିତ କର୍ମକ୍ଷେତ୍ର ପାଇଁ ସରକାର ପ୍ରତିବଦ୍ଧ



**ଭୁବନେଶ୍ୱର, ୨୩।୭/ଏନ୍‌ଏନ୍‌ଏସ୍:**

ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ଲୋକସେବା ଭବନ କର୍ମଚାରୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତ ପ୍ରକାଶ କରିଛନ୍ତି । ବୁଧବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟର୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକସେବା ଭବନ କର୍ମଚାରୀଙ୍କୁ ଲିଙ୍ଗଗତ ଉତ୍ପୀଡନ ବିରୋଧରେ ସ୍ୱର ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ । ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡ଼ନର ଶିକାର ହୋଇପାରନ୍ତି । ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ସମାଜରେ ମହିଳା ଓ ପୁରୁଷ ସମାଜର ଦୁଇଟି ଚକ ସଦୃଶ । ▶▶ ୫

## ମହାନଦୀ ଜଳ ବିବାଦ ସମାଧାନ ପାଇଁ ଉଚ୍ଚସ୍ତରୀୟ ବୈଠକ
# ଆପୋଷ ଆଲୋଚନା ଉପରେ ଗୁରୁତ୍ୱ



**ଭୁବନେଶ୍ୱର:** ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହଛନ୍ତି, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ । ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ । ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଫେବୃଆରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳସମ୍ପଦ ମନ୍ତ୍ରୀଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା । ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି । ବୈଠକରେ ଆଡ୍‌ଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କଲେ ମିଳିବ ସମ୍ମାନ ଓ ପୁରସ୍କାର

**ଭୁବନେଶ୍ୱର, ୨୩।୭/ଏନ୍‌ଏନ୍‌ଏସ୍:**

### ଗୁଡ୍ ସମରିଟାନ୍ ଯୋଜନା ସକ୍ରିୟ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ
### ଦୁଇ ଗୁଡ୍ ସମରିଟାନ୍ ହେଲେ ସମ୍ମାନିତ



ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ଜୀବନ ରକ୍ଷା କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରୁଛନ୍ତି ସରକାର । ଏହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରାଧାନ୍ୟ ଦେଇଛି । ଏ କ୍ଷେତ୍ରରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଇଛି । ନିକଟରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ତାରସିଂ ଥାନା ଘୋଗଡ଼ ସଡ଼କ ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଦୁଇ ଯୁବକଙ୍କୁ ସମ୍ମାନିତ କରାଯିବା ସହ ଦୁଇ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ । ଏଥିପାଇଁ ଗୁଡ୍ ସମରିଟାନ୍ ଭାବଗ୍ରାହୀ ମଲ୍ଲିକ ଓ ବସନ୍ତ ଜାନୀଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପ୍ରଶଂସା କରାଯାଇଛି । ଏଭଳି ମାନବିକତା ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେବ ବୋଲି ଆଶା କରାଯାଇଛି । ସେହିଭଳି ଗଞ୍ଜାମ ଏସ୍‌ପିଙ୍କ ପ୍ରସ୍ତାବ କ୍ରମେ ଗୁଡ୍ ସମରିଟାନ୍ ବା ଉତ୍ତମ ସାହାଯ୍ୟକାରୀଙ୍କୁ ସମ୍ମାନିତ କରିବାକୁ ଉପଯୁକ୍ତ ପଦକ୍ଷେପ ନେଇଥିବାରୁ ଭଞ୍ଜନଗର ଆର୍‌ଟିଓଙ୍କୁ ମଧ୍ୟ ପ୍ରଶଂସା କରାଯାଇଛି ।

ସଡ଼କ ଦୁର୍ଘଟଣା ଘଟିବାର ପ୍ରଥମ ଏକ ଘଣ୍ଟା ବା ଗୋଲ୍‌ଡେନ୍ ଆୱାର ମଧ୍ୟରେ ଯଦି ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚା ଯାଇପାରେ ତେବେ ଜୀବନ ରକ୍ଷାର ଆଶା ବୃଦ୍ଧି ପାଇଥାଏ । ▶▶ ୫

# ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ ପାଇଁ ଆଉ ୨ ବାଟାଲିଅନ୍

**ଭୁବନେଶ୍ୱର, ୨୩।୭/ଏନ୍‌ଏନ୍‌ଏସ୍:**

ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ' ବା ଓଆଇଏସ୍‌ଏଫ୍‌ର ଆଉ ଦୁଇଟି ବାଟାଲିଅନ୍ ଗଠନ କରାଯିବ । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି । ଏହି ଦୁଇଟି ନୂତନ ବାଟାଲିଅନ୍ ପାଇଁ ସମୁଦାୟ ୨୦୮୦ ପଦବୀ ସୃଷ୍ଟି କରାଯାଇଛି । ଏଥିରୁ ୧୯୪୪ ନିୟମିତ ପଦବୀ ଥିବାବେଳେ ୧୩୬ ପଦବୀ ଆଉଟ୍‌ସୋର୍ସିଙ୍ଗ ଭିତ୍ତିରେ ସୃଷ୍ଟି କରାଯାଇଛି । ରାଜ୍ୟରେ ଓଆଇଏସ୍‌ଏଫ୍‌ରେ ଗୋଟିଏ ବାଟାଲିଅନ୍ କାର୍ଯ୍ୟରତ ଥିଲା । ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ । ▶▶ ୫

### ମିଳିଲା ମଞ୍ଜୁରୀ, ୨୦୮୦ ନୂତନ ପଦବୀ ସୃଷ୍ଟି
### ପ୍ରତ୍ୟେକ ବାଟାଲିଅନ୍‌ରେ ରହିବ ୧୦୪୦ ପଦବୀ
### ସମୁଦାୟ ୪ ବାଟାଲିଅନ୍‌ରେ ପଦବୀ ସଂଖ୍ୟା ୪୯୨୭

# ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ

**କଟକ, ୨୩।୭/ଏନ୍‌ଏନ୍‌ଏସ୍:**



### କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ କାର୍ଯ୍ୟରତ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ ୪ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି ।

ଏଥିରେ ଭୁବନେଶ୍ୱରର ବଡ଼ଗଡ଼ସ୍ଥିତ ତାଙ୍କ ତିନିମହଲା କୋଠା, ବାଲିଅନ୍ତା ତହସିଲର ରଣପୁରସ୍ଥିତ ତାଙ୍କ ଫାର୍ମ ହାଉସ୍, ବିଏମ୍‌ସି ଅଫିସ୍‌ରେ ଥିବା ତାଙ୍କ ଚାମ୍ବର୍ ଓ ରାୟଗଡ଼ା ଜିଲ୍ଲା ଗୁଣୁପୁରସ୍ଥିତ ପୈତୃକ ବାସଭବନ ଅନ୍ତର୍ଭୁକ୍ତ । ଚଢ଼ଉ ବେଳେ ତାଙ୍କର ପୁଳା ପୁଳା ସମ୍ପତ୍ତି ଥିବା ସାମ୍ନାକୁ ଆସିଛି । ବଡ଼ଗଡସ୍ଥିତ ତିନିମହଲା କୋଠାଟି ୪୫୬୦ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି । ଗୁଣୁପୁରରେ ତାଙ୍କର ଗୋଟିଏ ଦୁଇମହଲା ଘର ସହ ଭୁବନେଶ୍ୱରର ବଡ଼ଗଡ଼ ଅଞ୍ଚଳରେ ୨ ଓ ଖଣ୍ଡଗିରି ଅଞ୍ଚଳରେ ଗୋଟିଏ ପ୍ଲଟ୍ ରହିଛି । ସେହିପରି ବାଲିଅନ୍ତା ତହସିଲର ରଣପୁର ମୌଜାରେ ୧ ଏକର ୫୭ ଡିସମିଲ୍ ଜାଗାରେ ଏକ ଫାର୍ମ ହାଉସ୍ ରହିଛି । ଏହି ଫାର୍ମ ହାଉସ୍‌ରେ ଥିବା ଦୁଇଟି ଘର ମଧ୍ୟରୁ ଗୋଟିଏ ଦୁଇମହଲା ବିଶିଷ୍ଟ ବୋଲି ଜଣାପଡ଼ିଛି । ଏହା ସହିତ ଏକ ମାଛ ପୋଖରୀ ଓ ଗୋଟିଏ କୁକୁଡ଼ା ଫାର୍ମ ମଧ୍ୟ ରହିଛି । ଶ୍ରୀ ପଟ୍ଟନାୟକଙ୍କଠାରୁ ଦୁଇଟି ହରିଣ ଶିଙ୍ଗ ଓ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ତାଙ୍କ ଘରୁ ୪୬୦ ଗ୍ରାମ୍‌ର ସୁନା ଅଳଙ୍କାର ମିଳିଥିବା ବେଳେ ତାଙ୍କର ବ୍ୟାଙ୍କ ଓ ବୀମା ଜମା ସହିତ ମ୍ୟୁଚୁଆଲ୍ ଫଣ୍ଡ ନିବେଶର ମୂଲ୍ୟ ୮୦ ଲକ୍ଷ ୩୫ ହଜାର ୩୭୧ ଟଙ୍କା ବୋଲି ଭିଜିଲାନ୍ସ ହିସାବ କରିଛି । ତାଙ୍କର ଗୋଟିଏ ଚାରିଚକିଆ ଗାଡ଼ି ଓ ୨ଟି ଦୁଇଚକିଆ ଗାଡ଼ି ରହିଛି । ଜବତ ନଗଦ ଓ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଘର ଓ ପ୍ଲଟଗୁଡ଼ିକ ବାସ୍ତବ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଓ ହିସାବ ଜାରି ରହିଛି ।

## ଉପରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ
# ଖୁବଶୀଘ୍ର ଜାରି ହେବ ବିଜ୍ଞପ୍ତି: ଇସିଆଇ

**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି :**





ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଆୟୋଗ ଦର୍ଶାଇଛି, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏବେ ଇଲେକ୍ଟୋରାଲ୍ କଲେଜ୍ ପ୍ରସ୍ତୁତି ଓ ରିଟର୍ଣ୍ଣିଂ ଅଫିସର୍ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉଛି । ସେହିପରି ପୂର୍ବରୁ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନ ବ୍ୟବସ୍ଥା ଉପରେ ଅନୁଧ୍ୟାନ କରାଯିବ । ଏସମସ୍ତ ପ୍ରକ୍ରିୟା ଶେଷ ହେବା ମାତ୍ରେ (ପ୍ରାୟ ଏକ ସପ୍ତାହ) ବିଜ୍ଞପ୍ତି ପ୍ରକାଶ କରାଯିବ । ସମସ୍ତ ନିର୍ବାଚିତ ଏବଂ ମନୋନୀତ ସଦସ୍ୟ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଆଇନ୍ ୧୯୫୨ ଅନୁଯାୟୀ କରାଯିବ । ଏହି ଆଇନ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନିର୍ଦ୍ଧାରିତ ନିୟମ ଏବଂ ସମୟ ସୀମା ସ୍ପଷ୍ଟକରେ । ନିର୍ବାଚନର ବିଜ୍ଞପ୍ତି ଜାରି ହେବା ପରେ ପ୍ରାର୍ଥୀଙ୍କୁ ନାମାଙ୍କନ ଦାଖଲ କରିବାକୁ ୧୪ ଦିନ ସମୟ ଦିଆଯାଏ । ନାମାଙ୍କନପତ୍ର ଦାଖଲର ଶେଷ ତାରିଖର ପରଦିନ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ଯାଞ୍ଚ ପରେ, ପ୍ରାର୍ଥୀମାନେ ନାମ ପ୍ରତ୍ୟାହାର କରିବା ପାଇଁ ଦୁଇ ଦିନ ସମୟ ପାଇବେ । ଯଦି ଏକାଧିକ ପ୍ରାର୍ଥୀ ନିର୍ବାଚନରେ ସାମିଲ ହୁଅନ୍ତି ତେବେ , ତେବେ ନାମାଙ୍କନ ପ୍ରତ୍ୟାହାର ତାରିଖର ୧୫ ଦିନ ମଧ୍ୟରେ ଭୋଟ୍ ଦିଆଯାଇପାରିବ । ସମ୍ବିଧାନ ଅନୁଯାୟୀ, ଉପରାଷ୍ଟ୍ରପତିଙ୍କ ଆକସ୍ମିକ ମୃତ୍ୟୁ, ଇସ୍ତଫା କିମ୍ବା ବହିଷ୍କାର ଆଦି କ୍ଷେତ୍ରରେ ଯଥାଶୀଘ୍ର ନିର୍ବାଚନ କରାଯିବା ଆବଶ୍ୟକ ।

ଗତ ୨୧ତାରିଖରେ ଆକସ୍ମିକ ଭାବେ ୭୪ବର୍ଷୀୟ ଜଗଦୀପ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ଏହି ପଦବୀ ଖାଲି ପଡ଼ିଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଙ୍ଗଳବାର ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫାର ଏକ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି କରିଥିଲା । ତେବେ ପରବର୍ତ୍ତୀ ଉପରାଷ୍ଟ୍ରପତି କିଏ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ତେବେ ଯେକୌଣସି ପରିସ୍ଥିତିରେ ମଧ୍ୟ ଆସନ୍ତା ଅଗଷ୍ଟ ପ୍ରଥମ ସପ୍ତାହ ଶେଷ ସୁଦ୍ଧା ନୂଆ ଉପରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇସାରିଥିବ ବୋଲି ଅନୁମାନ କରାଯାଉଛି ।

### ସରକାରୀ ବାସଭବନ ଛାଡ଼ିବାକୁ ପ୍ରସ୍ତୁତି

ଏସବୁ ମଧ୍ୟରେ ଆଉ ଏକ ରିପୋର୍ଟ ସାମ୍ନାକୁ ଆସିଛି । ଧନଖଡ଼ ଯଥାଶୀଘ୍ର ଉପରାଷ୍ଟ୍ରପତି ଭବନ ଖାଲି କରିବେ । ସୂତ୍ରରୁ ଜଣାପଡ଼ିଛି ଯେ ସେ ଇସ୍ତଫା ଦେଇଥିବା ରାତିରୁ ହିଁ ନିଜ ଜିନିଷପତ୍ର ପ୍ୟାକିଂ ଆରମ୍ଭ କରିଥିଲେ, ଯଦିଓ ତାଙ୍କର ଇସ୍ତଫାକୁ ଗତକାଲି ରାଷ୍ଟ୍ରପତି ଔପଚାରିକ ଭାବେ ଗ୍ରହଣ କରିଥିଲେ । ଧନଖଡ଼ ୨୦୨୨ ମସିହା ଅଗଷ୍ଟରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୨୭ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଥିଲା । ଗତ ବର୍ଷ ଏପ୍ରିଲ୍‌ରେ ସେ ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସ ନିକଟସ୍ଥ ଚର୍ଚ୍ଚ ରୋଡ୍‌ରେ ନିର୍ମିତ ନୂଆ ଉପରାଷ୍ଟ୍ରପତି ଏନ୍‌କ୍ଲେଭ୍‌କୁ ସ୍ଥାନାନ୍ତରିତ ହୋଇଥିଲେ । ଏହି ଏନକ୍ଲେଭ୍, ଯେଉଁଥିରେ ଉପରାଷ୍ଟ୍ରପତିଙ୍କ ନିବାସ ଓ କାର୍ଯ୍ୟାଳୟ ଉଭୟ ରହିଛି, ସେଣ୍ଟ୍ରାଲ୍ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ନିର୍ମିତ । ପ୍ରାୟ ୧୫ ମାସ ଏହି ନିବାସରେ ରହିବା ପରେ ଧନଖଡ଼ଙ୍କୁ ଏବେ ଖାଲି କରିବାକୁ ପଡ଼ିବ ।

# ଗୁଜରାଟରୁ ୪ ଅଲ୍-କାଏଦା ଆତଙ୍କୀ ଗିରଫ



**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି:** ବିଶ୍ୱର ଅନ୍ୟତମ କୁଖ୍ୟାତ ଆତଙ୍କବାଦୀ ଗୋଷ୍ଠୀ 'ଅଲ୍-କାଏଦା'ର ୪ ଆତଙ୍କୀ ଗୁଜରାଟରୁ ଗିରଫ ହୋଇଛନ୍ତି। ଏମାନେ ଗୁଜରାଟରେ ନକଲି ଟଙ୍କାର ରାକେଟ ଚଳାଇବା ଏବଂ ଅଲ୍-କାଏଦାର ଚିନ୍ତାଧାରା ପ୍ରସାର କରିବାରେ ସମ୍ପୃକ୍ତ ଥିଲେ। ଏମାନଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଗୁଜରାଟ ଆତଙ୍କବାଦୀ ବିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଚଢ଼ଉ କରିବା ପୂର୍ବକ ଗିରଫ କରିଛି। ଚଢ଼ଉ ସମୟରେ ଜଣେ ଆତଙ୍କୀ ଖସିଯିବାରେ ସଫଳ ହୋଇଥିଲେ ମଧ୍ୟ ତା'କୁ ଅନ୍ୟ ରାଜ୍ୟରୁ ଗିରଫ କରାଯାଇଛି। ଗିରଫ ଆତଙ୍କବାଦୀମାନେ ହେଲେ ମହମ୍ମଦ ଫୈକ୍, ମହମ୍ମଦ ଫର୍ଦ୍ଦିନ୍, ସୈଫୁଲ୍ଲା କୁରେଶି ଏବଂ ଜୀଶାନ୍ ଅଲି। ଏମାନେ ମୁଖ୍ୟତଃ ଅଲ୍-କାଏଦାର ଚିନ୍ତାଧାରା ପ୍ରସାର କରିବା ପାଇଁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ସନ୍ଦିଗ୍ଧ ଆପ୍ ବ୍ୟବହାର କରୁଥିଲେ। ତେବେ ଏମାନଙ୍କୁ ଯେତେବେଳେ ଗିରଫ କରାଗଲା ସେତେବେଳେ ସେମାନେ ନିଜ ଫୋନ୍‌ରେ ଥିବା ଏକ ଅଟୋ ଡିଲିଟ୍ ଆପ୍ ବ୍ୟବହାର କରିଥିଲେ, ଯାହାଫଳରେ ସେମାନଙ୍କ ଫୋନ୍‌ର ସମସ୍ତ ପୂର୍ବ ଚାଟ୍ ବା ମେସେଜ୍ ରେକର୍ଡ, ଫଟୋଗ୍ରାଫ, ଭିଡିଓ ତଥା କଲ୍ ଡିଟେଲ୍ସ ଆଦି ସବୁକିଛି ସ୍ୱତଃପ୍ରବୃତ୍ତ ଭାବେ ନଷ୍ଟ ହୋଇଯାଇଥିଲା। ଏସମ୍ପର୍କରେ ଏଟିଏସ୍ ସ୍ପଷ୍ଟ କରିଛି। ଏଟିଏସ୍ ଏବେ ଏମାନଙ୍କୁ ହେପାଜତ୍‌ରେ ରଖି ଜେରା କରିବା ଆରମ୍ଭ କରିଥିବା ବେଳେ ଏମାନେ ଅଲ-କାଏଦା ପାଇଁ କାମ କରୁଥିବା ସ୍ୱୀକାର କରିଛନ୍ତି। ଏମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ଯୋଗେ ଅଲ୍-କାଏଦା ସମ୍ପର୍କରେ ଆସିଥିବା କଥା ମଧ୍ୟ ମାନିଛନ୍ତି।

# ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ



**ମେଲ୍‌ବର୍ଣ୍ଣ, ୨୩।୭/ଏଜେନ୍ସି:** ଅଷ୍ଟ୍ରେଲିଆରେ ଜଣେ ଭାରତୀୟ ଛାତ୍ରଙ୍କୁ ମରଣାନ୍ତକ କରାଯାଇଛି। ତାଙ୍କ ମୁହଁରେ ଫ୍ରାକ୍‌ଚର ହୋଇଥିବାବେଳେ ମସ୍ତିଷ୍କରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଆଡିଲେଡ୍‌ସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିବା ସମ୍ପର୍କରେ ସୂଚନା ମିଳିଛି। ଗତ ଶନିବାରଠାରୁ ଏହି ଘଟଣା ଘଟିଥିଲେ ହେଁ ପୁଲିସ ଏଯାଏ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଆକ୍ରମଣକାରୀମାନେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟ ହୋଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ପୀଡ଼ିତ ଛାତ୍ରଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁତର ଆହତ ଭାରତୀୟ ଛାତ୍ର ଜଣକ ହେଉଛନ୍ତି ଚରଣପ୍ରୀତ ସିଂହ। ସେ ତାଙ୍କ ପତ୍ନୀଙ୍କ ସହିତ ଲାଇଟ୍ ଡିସପ୍ଲେ ଦେଖିବାକୁ ଯାଇଥିବା ସମୟରେ କିନଟୋର ଆଭିନ୍ୟୁ ନିକଟରେ କାର ପାର୍କିଂକୁ ନେଇ କିଛି ସ୍ଥାନୀୟ ଯୁବକଙ୍କ ସହିତ ଯୁକ୍ତିତର୍କ ହୋଇଥିଲ। ଅଭିଯୁକ୍ତମାନେ ଚରଣପ୍ରୀତଙ୍କୁ ବର୍ଣ୍ଣବୈଷମ୍ୟଜନିତ ଗାଳିଗୁଲଜ କରିବା ସହ ହଠାତ୍ ମାଡ଼ ମାରିବା ଆରମ୍ଭ କରିଥିଲେ। ଚରଣପ୍ରୀତ ତଳେ ପଡ଼ିଯିବା ପରେ ବି ସେମାନେ ତାଙ୍କୁ ଛାଡ଼ିନଥିଲେ। ଖବର ପାଇ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦକ୍ଷ କୂଟନୀତି

# ସୁଦୃଢ଼ ହେଉଛି ମାଳଦ୍ୱୀପ, ଶ୍ରୀଲଙ୍କା ସହ ସମ୍ପର୍କ

**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର କୂଟନୀତି ସବୁବେଳ ରାଷ୍ଟ୍ର ପ୍ରଥମ ନୀତି ଉପରେ ଗୁରୁତ୍ୱ ଦେଇଆସିଛି। ଉଭୟ ଅନ୍ତର୍ଜାତୀୟ ମଞ୍ଚ ଏବଂ ଘରୋଇ କ୍ଷେତ୍ରରେ ଭାରତକୁ ଏହାର ସୁଫଳ ମିଳୁଛି। ନିକଟରେ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ସହ ଭାରତର ସମ୍ପର୍କକୁ ନେଇ ପରିବର୍ତ୍ତିତ ଘଟଣାକ୍ରମରେ ଏହାର ଲାଭ ଦେଖିବାକୁ ମିଳୁଛି।

ଦୁଇ ବର୍ଷ ପୂର୍ବେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ମୁକ୍ତ ଭାରତ 'ଇଣ୍ଡିଆ ଆଉଟ୍' (ଭାରତକୁ ବହିଷ୍କାର) ନୀତି ନେଇ ମାଳଦ୍ୱୀପରେ କ୍ଷମତାକୁ ଆସିଥିଲେ। ସେତେବେଳେ ଗଣମାଧ୍ୟମ ସମ୍ପାଦକୀୟଗୁଡିକ ଭାରତର ମାଳଦ୍ୱୀପ ନୀତିକୁ ନେଇ ପ୍ରଶ୍ନ ଉଠାଇବା ସହ ଏହାର ପରିସମାପ୍ତି ହୋଇଛି ବୋଲି ଲେଖିଥିଲେ। ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ନୂଆଦିଲ୍ଲୀ ନିଜର ନିକଟତମ ସାମୁଦ୍ରିକ ସହଯୋଗୀ ସହ ସମ୍ପର୍କ ରଖିଥିବା ସମ୍ପର୍କ ହରାଇବାକୁ ଯାଉଛି ବୋଲି ସେମାନେ ମତ ଦେଇଥିଲେ। କେତେକ ଅଗ୍ରଣୀ ଗଣମାଧ୍ୟମ ମତ ଦେଇଥିଲେ ଯେ, ଭାରତ ନିଜର ବିଶ୍ୱସ୍ତ ସହଯୋଗୀକୁ ହରାଇବାକୁ ଯାଉଛି। ଏହା ଭାରତ ପାଇଁ ଧକ୍କା ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ୍ ପାଇଥିଲା। ଏହି ସମ୍ପର୍କର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଭାରତ କୂଟନୀତିରେ ନିଜର ଦୃଷ୍ଟିକୋଣ ବଦଳାଇବା ଆବଶ୍ୟକ ବୋଲି ମଧ୍ୟ କୁହାଗଲା। ବିଦେଶୀ ଗଣମାଧ୍ୟମ ଭାରତର ରଣନୀତିକୁ ନେଇ ମଧ୍ୟ ସନ୍ଦେହ ପ୍ରକଟ କରିଥିଲା।



ଏଭଳି ପରିସ୍ଥିତିରେ ଭାରତ ସବୁଠୁ ଉପଯୁକ୍ତ ପଦକ୍ଷେପ ନେଇ ସଂଯମତା ଅବଲମ୍ବନ କରିଥିଲା। ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ନକରି ନିରବ ଏବଂ ସ୍ଥିର ରହିଥିଲା। ଭାରତ ଜବାବୀ ପଦକ୍ଷେପ ଗ୍ରହଣ କରିବ ବୋଲି ସମସ୍ତେ ଭାବୁଥିବା ସମୟରେ ଏହାର ବିପରୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ବିଶ୍ୱନେତା ଭାବେ ରାଷ୍ଟ୍ରପତି ମୁଇଜୁଙ୍କ ନିର୍ବାଚନ ସଫଳତା ପାଇଁ ଶୁଭକାମନା ଜଣାଇଥିଲେ। ସମୟକ୍ରମେ ଏହି ସମ୍ପର୍କ ଅଧିକ ସୁଦୃଢ଼ ହେଲା। ଚଳିତ ସପ୍ତାହରେ ପ୍ରଥମ ବିଦେଶୀ ନେତା ଭାବେ ମୋଦୀ ମାଳଦ୍ୱୀପ ଗସ୍ତରେ ଯାଉଛନ୍ତି। ରାଷ୍ଟ୍ରପତି ମୁଇଜୁଙ୍କ ନିମନ୍ତ୍ରଣକ୍ରମେ ସେ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିବେ।

ପ୍ରକାଶ, ୪୦୦ ନିୟୁତ ଡଲାରର ଆର୍ଥିକ ସହାୟତା ସହିତ ମୁଦ୍ରା ବିନିମୟ ଜରିଆରେ ୩ହଜାର କୋଟି ଟଙ୍କାର ସହଯୋଗ ଯୋଗାଇଛି ଭାରତ। ମାଳଦ୍ୱୀପର ବିଭିନ୍ନ ଅଞ୍ଚଳକୁ ନୌକା ସେବା ପାଇଁ ୧୩ଟି ନୂଆ ବୁଝାମଣା ସ୍ୱାକ୍ଷର କରିଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ସାମୁଦ୍ରିକ ଏବଂ ଦକ୍ଷତା ବିକାଶ ସହଯୋଗ ଅତୁଳନୀୟ ଭାବେ ବୃଦ୍ଧି ପାଇଛି। ଭାରତୀୟ ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ଆଗମନ ସହ ମାଳଦ୍ୱୀପରେ ବାଣିଜ୍ୟ ଓ ନିବେଶ ପରିମାଣ ବଢ଼ିଛି। ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ୫୪୮ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ମାଳଦ୍ୱୀପ ତଟରକ୍ଷୀ ବାହିନୀ ଏବଂ ପ୍ରତିରକ୍ଷା ବାହିନୀର ଅଧିକାରୀଙ୍କୁ ଭାରତ ଦକ୍ଷତା ତାଲିମ୍ ଦେଇଛି।

ଭାରତର ନିରବ କୂଟନୀତି କେବଳ ମାଳଦ୍ୱୀପ ସହ ସମ୍ପର୍କରେ ସୀମିତ ହୋଇ ରହିନାହିଁ। ଶ୍ରୀଲଙ୍କାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଦେଶିକ ନୀତିର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ହେଉଛି ରଣନୀତିକ ସଂଯମତା। ସେ ଅତ୍ୟନ୍ତ ମାର୍ଜିତ ଏବଂ ଚିନ୍ତାଶୀଳ ଆଭିମୁଖ୍ୟ ଗ୍ରହଣ କରିଥାନ୍ତି ଯାହା ଦେଶକୁ ଲାଭ ପହଞ୍ଚାଇଥାଏ।

## ଭାରତ ସରକାରଙ୍କ ବଡ଼ ଘୋଷଣା

# ଚୀନ୍ ନାଗରିକଙ୍କୁ ପୁଣି ମିଳିବ ପର୍ଯ୍ୟଟନ ଭିସା

**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି:** ଭିସା ପ୍ରସଙ୍ଗରେ ଭାରତ ସରକାର ନିଜ ନୀତିରେ ଏକ ବଡ଼ ପରିବର୍ତ୍ତନ କରିଥିବା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଭାରତ ସରକାର ଏବେ ଚୀନ୍ ନାଗରିକଙ୍କୁ ପୁନଃ ପର୍ଯ୍ୟଟନ ଭିଜା ପ୍ରଦାନ କରିବା ଘୋଷଣା କରିଛନ୍ତି। ଏହି ପ୍ରକ୍ରିୟା ୨୪ ଜୁଲାଇ, ୨୦୨୫ରୁ ପୁନଃ ଆରମ୍ଭ ହେବ। ବେଜିଂରେ ଥିବା ଭାରତୀୟ ଦୂତାବାସ ବୁଧବାର ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛି। ଦୂତାବାସ ଦର୍ଶାଇଛି ଯେ ଚୀନ୍ ସହ ବନ୍ଦ ରହିଥିବା ଭିସା ନୀତିର ପୁନଃ ସମୀକ୍ଷା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏବେ ଠାରୁ ଚୀନ୍ ନାଗରିକଙ୍କୁ ପୁନଃ ପର୍ଯ୍ୟଟନ ଭିସା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏପରି ହେଲେ ଦୀର୍ଘ ୫ ବର୍ଷ ପରେ ପୁଣିଥରେ ଚୀନ୍ ନାଗରିକଙ୍କୁ ଭାରତ ପର୍ଯ୍ୟଟନ ଭିସା ପ୍ରଦାନ କରିବ ବୋଲି ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚରେ କୋଭିଡ - ୧୯ ମହାମାରୀ ସମୟରେ କରୋନା ସଂକ୍ରମଣକୁ ରୋକିବା ପାଇଁ ଭାରତ ସମସ୍ତ ପର୍ଯ୍ୟଟନ ଭିସାକୁ ଅସ୍ଥାୟୀ ଭାବରେ ସ୍ଥଗିତ କରିଥିଲା। ପରେ ଗଲୱାନ୍ ଘାଟିରେ ଭାରତ ଏବଂ ଚୀନ୍ ସୈନ୍ୟଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ରକ୍ତାକ୍ତ ସଂଘର୍ଷ ପରିସ୍ଥିତିକୁ ଅଧିକ ଖରାପ କରିଦେଇଥିଲା। ଦୁଇ ଦେଶ ମଧ୍ୟରେ ଯାତ୍ରା ଏବଂ ପାରସ୍ପରିକ ଯୋଗାଯୋଗ ପ୍ରାୟ ସ୍ଥଗିତ ହୋଇଯାଇଥିଲା। ସେବେଠାରୁ ଚୀନ୍ ନାଗରିକଙ୍କ ପାଇଁ ଭାରତ ଭିସା ସେବା ବନ୍ଦ ରଖିଆସିଥିଲା। କିନ୍ତୁ ବିଗତ ବର୍ଷଗୁଡ଼ିକରେ, ଚୀନ୍ କିନ୍ତୁ ଭାରତୀୟ ଛାତ୍ର ଏବଂ ବ୍ୟବସାୟୀଙ୍କୁ ଭିସା ଦେବା ଆରମ୍ଭ କରିଛି। ଅବଶ୍ୟ ଏହା ଭାରତୀୟଙ୍କ ସାଧାରଣ ଯାତ୍ରା ଉପରେ ପ୍ରତିବନ୍ଧକ ଜାରି ରଖିଛି। ତେବେ ଭାରତ ମଧ୍ୟ ଏବେ ଚୀନ୍ ନାଗରିକଙ୍କୁ ପର୍ଯ୍ୟଟନ ଭିସା ପୁନଃ କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଦୂତାବାସ ସ୍ପଷ୍ଟ କରିଛି ଯେ, ବେଜିଂରେ ଥିବା ଭାରତୀୟ ଭିସା କେନ୍ଦ୍ରରେ ପାସପୋର୍ଟ ଫେରସ୍ତ ପାଇଁ ଆବେଦନ କରିବା ସମୟରେ ଏକ ସଠିକ ଦସ୍ତଖତଯୁକ୍ତ 'ପାସପୋର୍ଟ ପ୍ରତ୍ୟାହାର ପତ୍ର' ବାଧ୍ୟତାମୂଳକ ହେବ। ଭାରତୀୟ ଭିସା ପାଇବା ପାଇଁ ଆଗ୍ରହୀ ଚୀନ୍ ନାଗରିକଙ୍କୁ ସର୍ବପ୍ରଥମେ ୱେବ୍ ଲିଙ୍କ୍‌ରେ ଅନଲାଇନ୍ ଭିସା ଆବେଦନ ଫର୍ମ ପୂରଣ କରିବାକୁ ପଡିବ ଏବଂ ଏହାର ପ୍ରିଣ୍ଟଆଉଟ୍ ନେବାକୁ ପଡିବ। ଏହା ପରେ, ୱେବ୍‌ଲିଙ୍କରେ ଏକ ନିଯୁକ୍ତି ନେବାକୁ ପଡିବ। ଭାରତୀୟ ଭିସା ଆବେଦନ କେନ୍ଦ୍ରରେ ଆବେଦନ ଦାଖଲ କରିବା ପାଇଁ ସେମାନଙ୍କୁ ପାସପୋର୍ଟ, ଭିସା ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ସମ୍ପର୍କିତ ଡକ୍ୟୁମେଣ୍ଟ ଆଣିବାକୁ ପଡିବ।'



ଗଲୱାନ ଉପତ୍ୟକାରେ ଭାରତ ଏବଂ ଚୀନ୍ ମଧ୍ୟରେ ସୃଷ୍ଟି ବିବାଦ ପରେ ପରେ ଖରାପ ହୋଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ଦିଗରେ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ କରିବା ଏବଂ କୈଳାସ ମାନସରୋବର ଯାତ୍ରା ପୁନଃ ଆରମ୍ଭ କରିବାର ଯୋଜନା ରହିଛି। କୋଭିଡ୍ ଯୋଗୁ ଏହି ଯାତ୍ରା ବନ୍ଦ ହୋଇଯାଇଥିଲା। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ କହିଛନ୍ତି, ଭାରତ-ଚାଇନା ସମ୍ପର୍କ ଧୀରେ ଧୀରେ ସଠିକ ଦିଗରେ ଅଗ୍ରସର ହେଉଛି।

# ଗାଜିଆବାଦ୍‌ରେ ନକଲି ଦୂତାବାସ

## ୭ବର୍ଷ ଧରି ଚାଲିଥିଲା, କେହି ଜାଣିପାରିଲେନି




**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି:** ଗାଜିଆବାଦ୍‌ର ଏକ ବଡ଼ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ହର୍ଷବର୍ଦ୍ଧନ ଜୈନ୍ ନାମକ ଜଣେ ବ୍ୟକ୍ତି ଦୀର୍ଘ ୭ ବର୍ଷ (୨୦୧୭-୧୮ରୁ) ଧରି ଏକ ନକଲି ଦୂତାବାସ ଚଳାଇଥିଲେ ମଧ୍ୟ ଏସମ୍ପର୍କରେ କାହା ନଜରକୁ ଆସିନଥିଲା। ଏକ ଆରାମଦାୟକ ଦୁଇ ମହଲା କୋଠା, ବାହାରେ ପାର୍କିଂ ହୋଇଥିବା କୂଟନୈତିକ ନମ୍ବର ପ୍ଲେଟ୍ ସହିତ ଚାରୋଟି ଅଡି/ମର୍ସିଡିଜ୍ ଭଳି ବ୍ରାଣ୍ଡେଡ୍ କାର, 'ଗ୍ରାଣ୍ଡ ଡଚି ଅଫ୍ ୱେଷ୍ଟଆର୍କଟିକା' ଏବଂ 'ଏଚ୍ ଇ ଏଚ୍‌ଭି ଜୈନ୍ ଅନରାରି କନସୁଲ୍' ଲେଖାଥିବା ଏକ ନାମ ପ୍ଲେଟ୍ - ଦିଲ୍ଲୀ ନିକଟ ଗାଜିଆବାଦରେ ଧରାପଡ଼ିବା ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ଉତ୍ତରପ୍ରଦେଶ ସ୍ପେଶାଲ୍ ଟାସ୍କ ଫୋର୍ସ ହର୍ଷବର୍ଦ୍ଧନ ଜୈନଙ୍କୁ ଗିରଫ କରିଛି। ହର୍ଷବର୍ଦ୍ଧନ ଲୋକମାନଙ୍କୁ ବିଦେଶରେ ଚାକିରି ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହୱାଲା ଏବଂ କୂଟନୈତିକ ଡକ୍ୟୁମେଣ୍ଟ ଜାଲିଆତି ମାଧ୍ୟମରେ ମନି ଲଣ୍ଡରିଂ ର୍ୟାକେଟ୍‌ର ଅଂଶୀଦାର ହେବାର ମଧ୍ୟ ଅଭିଯୋଗ ଅଛି।

ଚଢ଼ଉ ସମୟରେ ହର୍ଷବର୍ଦ୍ଧନ୍‌ଙ୍କ ଏହି ବିଳାସମୟ ଭଡାଘରୁ ଏସ୍‌ଟିଏଫ୍ ଅଧିକାରୀମାନେ କୂଟନୈତିକ ନମ୍ବର ପ୍ଲେଟ୍ ଥିବା କାର, ୧୨ଟି ଛୋଟ ଦେଶର 'କୂଟନୈତିକ ପାସପୋର୍ଟ', ବୈଦେଶିକ ମନ୍ତ୍ରଣାଳୟର ଷ୍ଟାମ୍ପ ଥିବା ଡକ୍ୟୁମେଣ୍ଟ, ୩୪ଟି ଦେଶର ସିଲ୍, ୪୪ ଲକ୍ଷ ଟଙ୍କା ନଗଦ, ବିଦେଶୀ ମୁଦ୍ରା, ୧୮ଟି କୂଟନୈତିକ ନମ୍ବର ପ୍ଲେଟ୍ ଏବଂ ବିଳାସପୂର୍ଣ୍ଣ ଘଣ୍ଟା ସଂଗ୍ରହ ଉଦ୍ଧାର କରିଛନ୍ତି। ଜୈନଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ସହିତ ଦେଖାଯାଉଥିବା ଫଟୋ ମଧ୍ୟ ଥିବା ଦେଖିବାକୁ ମିଳିଛି।

ହର୍ଷବର୍ଦ୍ଧନ ନିଜକୁ ସଚ୍ଚୋଟ ଦେଖାଇବା ପାଇଁ ଏହି ନକଲି 'ଦୂତାବାସ' ବାହାରେ ଭଣ୍ଡାର (ସମ୍ପ୍ରଦାୟ ଭୋଜ) ଭଳି ଦାନ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ତଦନ୍ତକାରୀମାନେ ଜୈନଙ୍କ କିଛି ଫଟୋ ମଧ୍ୟ ପାଇଥିଲେ ଯାହାକି ସେ ବିବାଦୀୟ 'ଗଡଫାଦର' ତଥା ଆତ୍ମଘୋଷିତ ଧର୍ମଗୁରୁ ଚନ୍ଦ୍ରସ୍ୱାମୀ ଏବଂ ସାଉଦି ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଅଦନାନ ଖଶୋଗୀଙ୍କ ନିକଟତର ଥିବାର ସ୍ପଷ୍ଟ ପ୍ରମାଣ ସାବ୍ୟସ୍ତ ହୋଇଛି।

## ଜେଲେନସ୍କିଙ୍କ ନୂଆ ସମସ୍ୟା

# ବିବାଦୀୟ ବିଲ୍ ପ୍ରତ୍ୟାହାର ଦାବିରେ ରାସ୍ତାକୁ ଓହ୍ଲାଇଲେ ଜନତା



**କିଭ୍, ୨୩।୭/ଏଜେନ୍ସି:** ରୁଷ୍ ସହିତ ଗତ ୩ ବର୍ଷ ଧରି ଚାଲିଥିବା ଯୁଦ୍ଧ ଯୋଗୁ ୟୁକ୍ରେନର ସ୍ଥିତି ଅତ୍ୟନ୍ତ ଖରାପ ହୋଇପଡିଛି। ୟୁକ୍ରେନ୍ ଜନସାଧାରଣ ମଧ୍ୟ ଏହାକୁ ନେଇ ଅସ୍ତବ୍ୟସ୍ତ ହୋଇପଡିଲେଣି। ତେବେ ଯୁଦ୍ଧ ଆରମ୍ଭ ସମୟରେ ଯେଉଁ ୟୁକ୍ରେନ୍‌ବାସୀ, ନିଜ ସରକାର ଏବଂ ସେନାକୁ ସମର୍ଥନ କରିବା ପୂର୍ବକ ଅସ୍ତ୍ର ଉଠାଇଥିଲେ ଏବଂ ରୁଷ୍ ସେନା ବିରୋଧରେ ଯୁଦ୍ଧ ଲଢୁଥିଲେ ଏବେ ସେହି ଜନସାଧାରଣ ଏକ ବିବାଦୀୟ ବିଲ୍‌କୁ ନେଇ ନିଜ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ଉପରୁ ବିଶ୍ୱାସ ତୁଟାଇଦେଇଛନ୍ତି। ରିପୋର୍ଟ ଅନୁସାରେ ୟୁକ୍ରେନ୍‌ର ଲୋକମାନେ ଜେଲେନସ୍କିଙ୍କ ବିରୋଧରେ ପ୍ରତିବାଦ କରିବା ପାଇଁ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ୟୁକ୍ରେନ୍ ସଂସଦରେ ସଦ୍ୟତମ ପାରିତ ବିବାଦୀୟ ବିଲ୍ ବିରୋଧରେ ଜନସାଧାରଣ ପ୍ରତିବାଦ ଆରମ୍ଭ କରିଛନ୍ତି। ଲକ୍ଷ ଲକ୍ଷ ଲୋକ ୟୁକ୍ରେନର ରାଜଧାନୀ କିଭ୍ ଏବଂ ଅନେକ ବଡ଼ ସହରରେ ରାସ୍ତାକୁ ଓହ୍ଲାଇ ରାଷ୍ଟ୍ରପତି ଜେଲେନସ୍କିଙ୍କ ବିରୋଧରେ ପ୍ରତିବାଦ କରିବା ସହ ଜେଲେନସ୍କିଙ୍କୁ ୟୁକ୍ରେନୀୟ ସଂସଦ ଦ୍ୱାରା ଗୃହୀତ ଏକ ବିବାଦୀୟ ବିଲ୍ ଉପରେ ଭିଟୋ ପ୍ରୟୋଗ କରିବାକୁ ଦାବି କରିଛନ୍ତି। ଏହା ପରେ, ଜେଲେନସ୍କି ତୁରନ୍ତ ଏକ ଜରୁରୀକାଳୀନ ବୈଠକ ଡାକିଛନ୍ତି। ଏସବୁ ମଧ୍ୟରେ ୟୁକ୍ରେନ୍ ସରକାରଙ୍କ ପାଇଁ ଚିନ୍ତା ବଢ଼ିଯାଇଛି। ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି ଯେ, ଜେଲେନସ୍କିଙ୍କ ସରକାର ଦ୍ୱାରା ସମ୍ପ୍ରତି ଗୃହୀତ ବିଲ୍ ଜାତୀୟ ଦୁର୍ନୀତି ନିବାରଣ ବ୍ୟୁରୋ (ଏନଏବିୟୁ) ଏବଂ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ପ୍ରସିକ୍ୟୁଟର ଅଫିସ (ଏସଏପିଓ)ର ସ୍ୱାଧୀନତାକୁ ବିପଦରେ ପକାଇପାରେ। ସରକାର ଦୁର୍ନୀତିକୁ ଲୁଚାଇବା ପାଇଁ ଏହି ଆଇନଗୁଡ଼ିକୁ ବ୍ୟବହାର କରିପାରିବେ। ନୂତନ ବ୍ୟବସ୍ଥା ଅନୁଯାୟୀ, ଏହି ଏଜେନ୍ସିଗୁଡ଼ିକ ଉପରେ ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟର କବଜା ବୃଦ୍ଧି ପାଇବ, ଯାହା ସେମାନଙ୍କର ତଦନ୍ତ ପ୍ରକ୍ରିୟାର ନିରପେକ୍ଷତା ଏବଂ ସ୍ୱାଧୀନତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ତେବେ ଯୁଦ୍ଧ ଆରମ୍ଭ ହେବା ପରେ ଏହା ପ୍ରଥମ ଥର ଯେ, ୟୁକ୍ରେନୀୟ ଜନସାଧାରଣ ତାଙ୍କ ବିରୁଦ୍ଧରେ ଏତେ ବଡ଼ ପ୍ରତିବାଦ କରିଛନ୍ତି।

## ଭାରତୀୟଙ୍କ ପାଇଁ ବଡ଼ ଆଶ୍ୱସ୍ତି

# ଏବେ ବିଦେଶରେ ବି ଚାଲିବ 'ୟୁପିଆଇ'

**ନୂଆଦିଲ୍ଲୀ, ୨୩।୭/ଏଜେନ୍ସି:** ଭାରତୀୟ ଉପଭୋକ୍ତାମାନଙ୍କ ପାଇଁ ଏକ ବଡ଼ ଖବର। ଏବେ ଭାରତୀୟମାନେ ବିଦେଶୀ ଭୂମିରେ ମଧ୍ୟ ନିଜର ପସନ୍ଦର ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ବ୍ୟବହାର କରିପାରିବେ। ଗ୍ଲୋବାଲ ପେମେଣ୍ଟ ପ୍ଲାଟଫର୍ମ ପେ'ପାଲ୍ ସହିତ ଏକ ଅଭୂତପୂର୍ବ ସହଯୋଗୀତା ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହୋଇଛି, ଯାହା ଭାରତୀୟ ପର୍ଯ୍ୟଟକ ଏବଂ ଅଣ-ନିବାସୀ ଭାରତୀୟଙ୍କ (ଏନ୍‌ଆରଆଇ) ପାଇଁ ଅନ୍ତର୍ଜାତୀୟ ପେମେଣ୍ଟକୁ ଆହୁରି ସରଳ କରିବ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଏବଂ ପେ'ପାଲ୍ ମିଳିତ ଭାବେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାଦ୍ୱାରା ଭାରତୀୟ ଉପଭୋକ୍ତାମାନେ ବିଦେଶୀ ଇ-କମର୍ସ ସାଇଟ୍‌ରେ କିମ୍ବା ଅନ୍ୟ ଅନ୍ତର୍ଜାତୀୟ




ପ୍ଲାଟଫର୍ମରେ ୟୁପିଆଇ ମାଧ୍ୟମରେ ସିଧାସଳଖ ପେମେଣ୍ଟ କରିପାରିବେ। ଏହାସହିତ, ଏନ୍‌ଆରଆଇ ଭାରତୀୟମାନେ ମଧ୍ୟ ସେମାନଙ୍କର ବିଦେଶୀ ମୋବାଇଲ ନମ୍ବର ସହିତ ଲିଙ୍କ୍ ହୋଇଥିବା ଏନ୍‌ଆରଇ ଏବଂ ଏନ୍‌ଆରଓ ଆକାଉଣ୍ଟ ବ୍ୟବହାର କରି ୟୁପିଆଇ ମାଧ୍ୟମରେ ଦେଶ-ବିଦେଶରେ ଟଙ୍କା ପଠାଇପାରିବେ।

ଏହି ସୁବିଧା ବିଶେଷ କରି ସେହି ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଲାଭଦାୟୀ ହେବ, ଯେଉଁମାନେ ବିଦେଶ ଯାତ୍ରା ସମୟରେ ୟୁପିଆଇର ସରଳତା ଏବଂ ତୁରନ୍ତ ପେମେଣ୍ଟ ସୁବିଧାକୁ ପସନ୍ଦ କରନ୍ତି। ଏହା ବ୍ୟତୀତ, ଏହି ପଦକ୍ଷେପ ଭାରତର ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମକୁ ବିଶ୍ୱ ମାନଚିତ୍ରରେ ଆହୁରି ସୁଦୃଢ଼ କରିବ, ଯାହା ଭାରତର ଅର୍ଥନୀତିକୁ ଆହୁରି ଗତିଶୀଳ କରିବ। ଏନ୍‌ପିସିଆଇ ଅନୁଯାୟୀ, ବର୍ତ୍ତମାନ ସମୟରେ ୟୁପିଆଇ ସିଙ୍ଗାପୁର, ଫ୍ରାନ୍ସ, ଆରବ ଏମିରେଟ୍ସ, ମରିସସ୍, ନେପାଳ ଏବଂ ଭୁଟାନ ଆଦି ଦେଶରେ ଉପଲବ୍ଧ ଅଛି। ପେ'ପାଲ୍ ସହିତ ଏହି ନୂଆ ସହଯୋଗୀତା ଅନ୍ତର୍ଜାତୀୟ ବଜାରରେ ୟୁପିଆର ପହଞ୍ଚକୁ ଆହୁରି ବ୍ୟାପକ କରିବ ବୋଲି ଏନ୍‌ପିସିଆଇ ଆଶାବ୍ୟକ୍ତ କରିଛି।

# 'ଆମକୁ ଭୁଲ୍ ମୃତଦେହ ମିଳିଛି'

**ଅହମଦାବାଦ ବିମାନ ଦୁର୍ଘଟଣା: ୨ ମୃତ ବ୍ରିଟେନ୍ ନାଗରିକଙ୍କ ପରିବାର ଆଣିଲେ ଗୁରୁତର ଅଭିଯୋଗ**

**ନୂଆଦିଲ୍ଲୀ, ଲଣ୍ଡନ, ୨୩।୭/ଏଜେନ୍ସି:** ଅହମଦାବାଦ୍ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨ ବ୍ରିଟେନ୍ ନାଗରିକଙ୍କ ପରିବାର ପକ୍ଷରୁ ବଡ଼ ଅଭିଯୋଗ କରାଯାଇଛି। ସେମାନଙ୍କ କହିବାନୁସାରେ ସେମାନଙ୍କୁ ଭୁଲ୍ ବ୍ୟକ୍ତିଙ୍କ ମୃତଦେହକୁ ହସ୍ତାନ୍ତର କରାଯାଇଛି। ସେମାନେ ସେଠାରେ ଡିଏନ୍‌ଏ ଟେଷ୍ଟ କରାଇଥିବା ବେଳେ ଭାରତ ପକ୍ଷରୁ ସେମାନଙ୍କୁ ହସ୍ତାନ୍ତର କରାଯାଇଥିବା ମୃତଦେହର ଡିଏନ୍‌ଏ ସହ ସେମାନଙ୍କ ଡିଏନ୍‌ଏ ମେଳ ଖାଉନାହିଁ। ଏପ୍ରକାର ଅଭିଯୋଗ ଆସିବା ପରେ ଭାରତ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଭାରତ ପକ୍ଷରୁ ଏହା ଉପରେ ପ୍ରତିକ୍ରିୟା ଦିଆଯାଇ କୁହାଯାଇଛି ଯେ, ଏହି ମାମଲାର ତଦନ୍ତ କରାଯାଉଛି। ଖୁବଶୀଘ୍ର ସ୍ପଷ୍ଟ ରିପୋର୍ଟ ପ୍ରଦାନ କରାଯିବ।

ଜୁନ୍ ୧୨ରେ, ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଉଡ଼ାଣ ଆରମ୍ଭ ହେବାର ୩୨ ସେକେଣ୍ଡ୍ ପରେ ଏକ ମେଡିକାଲ ହଷ୍ଟେଲ କୋଠା ସହିତ ଧକ୍କା ହୋଇଥିଲା। ଏଥିରେ ସର୍ବମୋଟ୍ ୨୭୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ବିମାନରେ ୨୪୨ ଜଣ ଯାତ୍ରୀ ଥିଲେ, ଯେଉଁଥିରେ ୫୩ ଜଣ ବ୍ରିଟିଶ, ୭ ଜଣ ପର୍ତ୍ତୁଗୀଜ୍ ଏବଂ ଜଣେ କାନାଡିଆନ୍ ନାଗରିକ ଥିଲେ। ତେବେ ଏସମସ୍ତ ବିଦେଶୀ ମୃତକଙ୍କ ଡିଏନ୍‌ଏ ଟେଷ୍ଟ କରାଯାଇ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଏବେ ମୃତକଙ୍କ ମଧ୍ୟରେ ସାମିଲ ଥିବା ୨ ବ୍ରିଟେନ୍ ନାଗରିକଙ୍କ ପରିବାର ପକ୍ଷରୁ ଏପ୍ରକାର ସଂଗୀନ୍ ଅଭିଯୋଗ ଅଣାଯାଇଛି।

ବ୍ରିଟିଶ ଖବରକାଗଜ ଡେଲି ମେଲର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ବ୍ରିଟେନରେ ରହୁଥିବା ଏକ ପରିବାର ସେମାନଙ୍କ ସମ୍ପର୍କୀୟଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ, କିନ୍ତୁ ଯେତେବେଳେ ଡିଏନଏ ପରୀକ୍ଷାରୁ ଜଣାପଡିଲା ଯେ କଫିନରେ ଅନ୍ୟ ଜଣେ ଯାତ୍ରୀଙ୍କ ମୃତଦେହ ଅଛି, ସେମାନଙ୍କୁ ଅନ୍ତିମ ସଂସ୍କାର ଯୋଜନା ବାତିଲ କରିବାକୁ ପଡିଲା। ଏୟାର ଇଣ୍ଡିଆ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଦେଇନାହିଁ। ସେହିପରି, ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ଏହି ମାମଲା ସାମ୍ନାକୁ ଆସିବା ପରେ, ଆମେ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ। ଭାରତର ଅଧିକାରୀମାନେ ପ୍ରୋଟୋକଲ ଅନୁଯାୟୀ ମୃତକମାନଙ୍କୁ ଚିହ୍ନଟ କରିଥିଲେ। ସମସ୍ତ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

# ରାଜ୍ୟପାଳଙ୍କ ସଚିବଭାବେ କାର୍ଯ୍ୟରେ ଯୋଗଦେଲେ ରୂପାରୋଶନ




**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ରୂପା ରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ ସଚିବଭାବେ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ। ୨୦୦୬ ମସିହା ଆଇଏଏସ୍ ବ୍ୟାଚର ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

## ରାଜ୍ୟର କୃତୀ ପ୍ରତିଭା ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

# ସବୁବେଳେ ସଚ୍ଚୋଟତା, ନମ୍ରତା ଅବଲମ୍ବନ କରିବାକୁ ପରାମର୍ଶ

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ବିଭିନ୍ନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପାଟି ସମ୍ବର୍ଦ୍ଧିତ କରିଛନ୍ତି। ଆଜି ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ଗର୍ବିତ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ ପାଟି ଏହି ସମାରୋହରେ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ମଧ୍ୟ ଏହି ସମାରୋହରେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧନ କରି ରାଜ୍ୟପାଳ କହିଥିଲେ ଯେ "ଏହା କେବଳ ଏକ ସମ୍ବର୍ଦ୍ଧନା ଉତ୍ସବ ନୁହେଁ, ଏହା କଠିନ ପରିଶ୍ରମ, ଉତ୍କର୍ଷତା, ଶୃଙ୍ଖଳା, ସୃଜନଶୀଳତା ଏବଂ ଜାତୀୟ ଗର୍ବ ଭଳି ମୂଲ୍ୟବୋଧର ଉତ୍ସବ"। ପଦ୍ମଶ୍ରୀ ବିଜେତାମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ସେମାନଙ୍କର ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଅପାର ଗର୍ବ ଆଣିଛି ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର



ସାହିତ୍ୟିକ ପ୍ରତିଭା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଓଡ଼ିଶାରୁ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷା- ୨୦୨୪ରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ଭାରତର ସବୁଠାରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସେମାନଙ୍କର ଉତ୍ସର୍ଗ ଓ ଦୃଢ଼ତାକୁ ପ୍ରଶଂସା କରିଥିଲେ। ସବୁବେଳେ ସଚ୍ଚୋଟତା ଓ ନମ୍ରତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା।

# ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** 'ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର'ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଭୁବନେଶ୍ୱର କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି ଯେ ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନ-ଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛ ଚାଷରେ



ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏହି ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରହିଛି। ତିନି ମହଲା ବିଶିଷ୍ଟ ଏହି ପ୍ରଶିକ୍ଷଣ ଭବନରେ ୧୨୦ କ୍ଷମତା ବିଶିଷ୍ଟ ସମ୍ମିଳନୀ କକ୍ଷ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ପରୀକ୍ଷାଗାର, ପାଠାଗାର, କର୍ମଚାରୀ କକ୍ଷ, ଅତିଥି କକ୍ଷ, ଅଭ୍ୟର୍ଥନା କକ୍ଷ, ଭୋଜନାଳୟ, ଯାନ ରହଣି ସ୍ଥାନ ପାଇଁ ସୁବିଧା ରହିବ। ପ୍ରତି ବ୍ୟାଚ୍‌ରେ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ନେଇ ପାରିବେ। ମତ୍ସ୍ୟ ଚାଷୀ, ଉଦ୍ୟୋଗୀ, ମତ୍ସ୍ୟ ଅଧିକାରୀମାନେ ଉନ୍ନତ ଆଧୁନିକ ମାଛ ଚାଷ ପଦ୍ଧତି ଏବଂ ଜ୍ଞାନ କୌଶଳ ଉପରେ ପ୍ରଶିକ୍ଷଣ ପାଇବା ଫଳରେ ଆମର ମାଛ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଚାଷୀଙ୍କ ଆୟ ବହୁଗୁଣିତ ହୋଇପାରିବ। ଚାଷୀଙ୍କ ଦକ୍ଷତା ବିକାଶ ଏବଂ ଉନ୍ନତ ମାଛ ଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ, ମତ୍ସ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଳଙ୍ଗା ପୀଡ଼ିତାଙ୍କ ପାଇଁ ବିଜେଡି ସଂଖ୍ୟାଲଘୁ ସେଲ୍‌ର ପ୍ରାର୍ଥନା

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ବଳଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଶଙ୍ଖ ଭବନଠାରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାର୍ଥନା ସଭାରେ ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀର ଆତ୍ମାର ସଦଗତି କାମନା କରାଯିବା ସହ ତାଙ୍କ ପରିବାରକୁ ସମବେଦନା ମଧ୍ୟ ଜ୍ଞାପନ କରାଯାଇଥିଲା।

ସଂଖ୍ୟାଲଘୁ ସେଲ୍ ସହସଂଯୋଜକ ରିଜୱାନ ବେଗମଙ୍କ ଆବାହକତ୍ୱରେ ଏହି ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ ଦାସ ବର୍ମା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମଞ୍ଜୁଲତା କହଁର, ମନ୍ମଥ ରାଉତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ବିଜୟ ନାୟକ, ସୁବ୍ରତ ଛାଟୋଇ, କସ୍ତୁରୀ ମହାପାତ୍ର, ମୋନାଲିସା ବେହେରା, ମିହିର କୁମାର ରାଉତ, ପ୍ରସନ୍ନ ସାହୁ, ଚଗଲା ଜେନା, ବାସନ୍ତୀ ସିଂ, ସୁମିତ୍ରା ଜେନା, ସୋଫିଆ ଆଲାମ, ବନଜା ମହାନ୍ତି, ଇଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟର ଶେଖ ନିଜାମୁଦ୍ଦିନ, ଶକିରୁଲ ରେହମାନ, ମୁଶ୍ରରତ ଖାନ, ମହମ୍ମଦ ମୁବୀନ, ଶେକ୍ ଜଲାଲ, ଶେକ୍ ସବୀର ଅଲ୍ଲୀ, ଜାକିର ଖାନ, ହାଜୀ ସଦ୍ଦୁରୁଲ୍ଲା, ପୀର ମହମ୍ମଦ କଲୀମ, ମେହବୁମ ବେଗ୍ ଓ ଅବୁଲ ଖାୟର ପ୍ରମୁଖ ଯୋଗ ଦେଇ ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା ସହ ପରିବାରକୁ ଏହି କଠିନ ସମୟର ସମ୍ମୁଖୀନ ହେବା ପାଇଁ ଶକ୍ତି ଓ ସାହସ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ।



# ଜାତୀୟ ମାଗାଜିନ୍‌ରେ କେଜିବିଭି ଛାତ୍ରୀଙ୍କ ସଫଳତାର କାହାଣୀ

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଜାତୀୟସ୍ତରୀୟ ମାଗାଜିନ୍‌ରେ ସ୍ଥାନ ପାଇବ କେଜିବିଭି ଛାତ୍ରୀଙ୍କ ସଫଳତାର କାହାଣୀ। ଜାତୀୟସ୍ତରୀୟ ହାଣ୍ଡବଲ୍ ଖେଳାଳି ବିଭୂତି ମୁଣ୍ଡାଗାଡ଼ିଆଙ୍କ ସଫଳତାର କାହାଣୀ ଜାତୀୟସ୍ତରୀୟ ମାଗାଜିନ୍ ରେ ପ୍ରକାଶ ପାଇବ। ମାଲକାନାଗିରି ଜିଲ୍ଲା ସିନ୍ଧ୍ରିମାଳ ସ୍ଥିତ କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ହେଉଛନ୍ତି ବିଭୂତି ମୁଣ୍ଡାଗାଡ଼ିଆ। ହାଣ୍ଡବଲ୍ ଖେଳ ପ୍ରତି ଥିବା ତାଙ୍କର ଶ୍ରଦ୍ଧା ଓ ସମର୍ପଣ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚୟ ପ୍ରଦାନ କରିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତୀତ୍ୱ ହାସିଲ୍ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ଏକ ମାଗାଜିନ୍ ପ୍ରସ୍ତୁତ କରାଯାଉଛି । ଏହି ମାଗାଜିନ୍ ରେ ବିଭୂତି ମୁଣ୍ଡାଗାଡ଼ିଆଙ୍କ କାହାଣୀକୁ ସ୍ଥାନିତ କରାଯିବା ରାଜ୍ୟ ପାଇଁ ଗର୍ବର ବିଷୟ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ଭବିଷ୍ୟତରେ ଏକ ବଡ଼ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ସ୍ୱପ୍ନ ଦେଖିଛନ୍ତି ବିଭୂତି ମୁଣ୍ଡାଗୁଡ଼ିଆ। ବାପା ମିସ୍ତ୍ରୀ କାମ କରୁଥିବା ବେଳେ ମାଆ କରନ୍ତି ଛତୁ ଚାଷ। ଆର୍ଥିକ ସ୍ଥିତି ଭଲ ନଥିବା ସତ୍ତ୍ୱେ ଭଲ ପାଠ ପଢ଼ି ଖେଳିକୁଦି ଭଲ ମଣିଷ ହେବା ବିଭୂତିଙ୍କ ଇଚ୍ଛା। ତାଙ୍କର ସେହି ଇଚ୍ଛାକୁ ପୂରଣ କରୁଛି କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ।



## ଉନ୍ମୋଚିତ ହେଲା 'ନାରୀ ନ୍ୟାୟ ବାହିନୀ' ଆପ୍

# 'କଂଗ୍ରେସର ସମସ୍ତ ଶକ୍ତି ନାରୀ ନ୍ୟାୟ ପାଇଁ ସମର୍ପିତ'




**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ନାରୀ ନ୍ୟାୟ ପାଇଁ ଲଢ଼ିବ 'ନାରୀ ନ୍ୟାୟ ବାହିନୀ'। ଆଉ ବାରମ୍ବାର ନାରୀ ଅତ୍ୟାଚାର ହେବନି। ନାରୀ ନ୍ୟାୟ ପାଇଁ ଜନ ସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବ। ନାରୀ ନ୍ୟାୟ ସ୍ୱତଃ ଓଡ଼ିଶାରେ ଜାଗି ଉଠୁ। ସମାଜରେ ନାରୀ ଆଉ ଶୋଷିତ ହେବନି। ରାଜ୍ୟ କଂଗ୍ରେସର ସମସ୍ତ ଶକ୍ତି ନାରୀ ନ୍ୟାୟ ପାଇଁ ସମର୍ପିତ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ବୁଧବାର ନାରୀ ନ୍ୟାୟ ବାହିନୀ ଆପ୍ ଉନ୍ମୋଚନ ଅବସରରେ ଶ୍ରୀ ଦାସ ଏହା କହିଛନ୍ତି।ଏହାଛଡ଼ା ସେ କହିଛନ୍ତି ଯେ ବିଭିନ୍ନ ସ୍କୁଲ, କଲେଜରେ, ରାସ୍ତା, ଘାଟରେ ନାରୀ ପ୍ରତି ଅନ୍ୟାୟ ହେଉଛି। ରାଜ୍ୟରେ ମହିଳା ଏବେ ସୁରକ୍ଷିତ ନୁହନ୍ତି। ରାହୁଲ ଗାନ୍ଧୀ, ଖଡ଼ଗେ ଓଡିଶା ଆସିଲେ। ନାରୀ ନ୍ୟାୟ ଦେବା ପାଇଁ ଆହ୍ୱାନ ଦେଲେ। ଏବେ ନାରୀ ନ୍ୟାୟ ପାଇଁ ଜନ ସାଧାରଣଙ୍କ ଭିତରେ ଆଲୋଡ଼ନ ସୃଷ୍ଟି ହୋଇଛି। କଂଗ୍ରେସ ଏଥିରେ ସାମିଲ ହେବ। ନାରୀ ନ୍ୟାୟକୁ ନେଇ କଂଗ୍ରେସ ରାଜନୀତି କରିବ ନାହିଁ ବୋଲି ଶ୍ରୀ ଦାସ କହିଥିଲେ।

ଏହି ଅବସରରେ ସମାଜସେବୀ ରଞ୍ଜିତା କୁମାରୀ ବେହେରା ନାରୀ ନ୍ୟାୟ ଆପ ଉଦଘାଟନ କରି କହିଥିଲେ ଯେ ଏବେବି ବହୁ ନାରୀଙ୍କ ନିର୍ଯାତନା ମାମଲା ଲୋକଲୋଚନକୁ ଆସି ପାରୁନି। ଆମେ ବ୍ଲକ ସ୍ତରରେ ସଚେତନ କାର୍ଯ୍ୟକ୍ରମ କରିବୁ। ସେମାନେ କେମିତି ବାହାରକୁ ଆସିବେ ଏବଂ କହିବେ ତାହା ଚେଷ୍ଟା କରିବୁ ବୋଲି ରଞ୍ଜିତା କହିଛନ୍ତି। ନାରୀ ନ୍ୟାୟ ବାହିନୀ ଆବାହକ ତଥା ସଂଯୋଜିକା ଗାୟତ୍ରୀ ବିଶ୍ୱାଳ କହିଥିଲେ ବହୁ ସମୟରେ ନାରୀଟିଏ ଅତ୍ୟାଚାର ହେବା ପରେ କେଉଁଠି ଅଭିଯୋଗ କରିବେ, ତାହା ଜାଣି ପାରୁନାହାନ୍ତି। ତେଣୁ ଗାଁକୁ ଯିବ ନାରୀ ନ୍ୟାୟ ବାହିନୀ। ଲୋକଙ୍କୁ ସଚେତନ କରିବ। ଓଡିଶାର ନାରୀମାନେ କିଭଳି ନ୍ୟାୟ ପାଇବେ, ସେ ନେଇ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।ଆଇନଜୀବୀ ସୂର୍ଯ୍ୟସ୍ମିତା ପଣ୍ଡା, ସମାଜସେବୀ ଶେଫାଳି ଶର୍ମା, ସୃଷ୍ଟି ସୋମେନ୍, ନିବେଦିତା ପଟ୍ଟନାୟକ ପ୍ରମୁଖ ନାରୀ ନ୍ୟାୟ ପାଇଁ ଆଗ ଭଳରେ ଚେଷ୍ଟା କରିବୁ, ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବୁ ବୋଲି ସେମାନେ କହିଛନ୍ତି।

# ଓଏଲ୍‌ଆଇସିର ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ



**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ଉଠା ଜଳ ସେଚନ ନିଗମ (ଓଏଲ୍‌ଆଇସି)ର ୨୦୯ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ଯେଉଁସବୁ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜଳସେଚନ କ୍ଷମତା ରହିଛି, ସେସବୁ ଅଂଚଳରେ ଅଧିକ ଜଳସେଚନ ପାଇଁ ପଦକ୍ଷେପ ନିଆଯିବା ସହ ୯ ଲକ୍ଷ ହେକ୍ଟରକୁ ନୂଆ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଏଲଆଇସି ତରଫରୁ ୫ ବର୍ଷିଆ ମାଷ୍ଟର ପ୍ଲାନ୍ ଉପସ୍ଥାପନ କରାଯାଇଥିଲା।ଆହୁରି ମଧ୍ୟ ବୈଠକରେ ୧୦,୩୮୦ ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (କ୍ଲିପ୍ସ) ଏବଂ ୧,୫୦,୫୦୦ଟି ଗଭୀର ବୋରକୂପ ସ୍ଥାପନ ସହିତ ସେସବୁର ନିରନ୍ତରତା ଭିତ୍ତିରେ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟରେ ସୌରଶକ୍ତି ଦ୍ୱାରା ପରିଚାଳିତ ହେବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଏଲଆଇସିର କାର୍ଯ୍ୟ ପରିଚାଳନା ବୃଦ୍ଧି ପାଇଥିବା ଅନୁଭବ କରିଥିଲେ। ଉନ୍ନୟନ କମିଶନର ତଥା ବୋର୍ଡର ଅଧ୍ୟକ୍ଷା ଓଏଲଆଇସିକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଦ୍ୟାନ କୃଷି ଓ ଅନ୍ୟ ବିଭାଗ ସହିତ ସମ୍ମିଳିତ ପ୍ରୟାସରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିଗମର କାର୍ଯ୍ୟ ନିରନ୍ତରତା ଭିତ୍ତିରେ ଲକ୍ଷ୍ୟ ରଖି କରାଯିବା, ଶକ୍ତିର ଉପଯୁକ୍ତ ବ୍ୟବହାର, ଫସଲ ବିବିଧିକରଣ, ମହିଳା କୃଷକ ସଶକ୍ତିକରଣ ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରି ଓଏଲଆରସି ପରିଚାଳନାରୁ ଆହୁରି ସୁଦୃଢ଼ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

**କଟକ,୨୩।୭/ଏନ୍‌ଏନ୍‌ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମାନସ ରଂଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ବେଳେ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତିକୁ ରାଜ୍ୟପାଳ ରଦ୍ଦ କରିଥିବା ନେଇ ହାଇକୋର୍ଟଙ୍କୁ ଆଡଭୋକେଟ ଜେନେରାଲ ଅବଗତ କରିଛନ୍ତି। ଏହା ବ୍ୟତୀତ ଭବିଷ୍ୟତରେ ଯେବେ ନିଯୁକ୍ତି ହେବ ତାହା ନିୟମକୁ ଦୃଷ୍ଟିରେ ରଖି କରାଯିବ। ତେବେ କ୍ୟାବିନେଟରେ ଭାରପ୍ରାପ୍ତ କୁଳପତି ନିଯୁକ୍ତି ନେଇ ଏକ ଅଧ୍ୟାଦେଶ ପାରିତ ହୋଇଥିବା ସମ୍ପର୍କରେ କୋର୍ଟରେ ଉପସ୍ଥାପନ କରାଯାଇଛି । ଉକ୍ତ ଅଧ୍ୟାଦେଶ ଜାରି ହେଲେ ଆଗାମୀ ନିଯୁକ୍ତି ହେବ ବୋଲି କୋର୍ଟଙ୍କୁ ଆଡ଼ଭୋକେଟ ଜେନେରାଲ ଦର୍ଶାଇଛନ୍ତି । ଉତ୍କଳ ବିଶ୍ୱିଦ୍ୟାଳୟ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇ ଆଇନଜୀବୀ ପ୍ରବୀର ଦାସ ଏହି ମାମଲା ରୁଜୁ କରିଥିଲେ। ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଗତ ୨୩ ନଭେମ୍ବର ୨୦୨୪ରେ ସଂପୂର୍ଣ୍ଣ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳ ଛଅମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ ରେ ସମାପ୍ତ ହେଲାପରେ କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକେନୋଲୋଜି ବିଭାଗର ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ୨୭ ମେ ୨୦୨୫ ରେ ନିଯୁକ୍ତି ଦେଇଥିଲେ। ଯାହାକି ବେଆଇନ ଦର୍ଶାଇ ପୁରାତନ ଛାତ୍ର ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଶ୍ରୀ ଦାସଙ୍କ ପକ୍ଷରୁ ଏ ନେଇ ମାମଲା ରୁଜୁ କରାଯାଇଥିଲା।

## ଓଡ଼ିଶାରେ ନାରୀ ସୁରକ୍ଷାକୁ ନେଇ ସରକାରଙ୍କୁ ଟାର୍ଗେଟ୍

# ବିଜେଡି ଅନାସ୍ଥା ଆଣୁ, କଂଗ୍ରେସ ସମର୍ଥନ ଦେବ: ଭକ୍ତ



**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ସ୍ୱାଧୀନତାର ଏତେ ବର୍ଷ ପରେ ବି ନାରୀ ସୁରକ୍ଷିତ ନାହିଁ। ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଏଭଳି ଘଟଣା ପରେ ସରକାର କ୍ଷମତାରେ ରହିବା ଉଚିତ୍ ନୁହେଁ। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ବାଲେଶ୍ୱର ଘଟଣାରେ ସୁପ୍ରିମକୋର୍ଟ ଲଜ୍ଜିତ ବୋଲି କହିବାରୁ ଓଡ଼ିଶାର ସମ୍ମାନହାନୀ ଘଟିଛି। ଯଦି ନାରୀ ନ୍ୟାୟ ପାଇଁ ଆନ୍ତରିକତା ରହିଛି, ତାହେଲେ ବିଜେଡି ବିଧାନସଭାରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣୁ। କଂଗ୍ରେସ ସମର୍ଥନ ଦେବ। ନଚେତ୍ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଲେ, ବିଜେଡି ସମର୍ଥନ ଦେଉ।

ବୁଧବାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଦାସ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏଭଳି ମତ ଦେଇଛନ୍ତି। ଏହାକୁ ନେଇ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଶ୍ରୀ ଦାସ କହିଛନ୍ତି ଯେ ବାଲେଶ୍ୱର ଘଟଣାରେ ସରକାର ଏବେବି ନୀରବଦ୍ରଷ୍ଟା, ମହିଳା କମିଶନ ଗଠନ ହୋଇପାରିଲା ନାହିଁ। ଏନେଇ ନେଇ ଆମେ ଲଜ୍ଜିତ। ମାତ୍ର ସରକାର ଲଜ୍ଜିତ ନଥିବା ଜଳ ଜଳ ଦେଖାଯାଉଛି।

ଶ୍ରୀ ଦାସ ଆହୁରି କହିଛନ୍ତି ଯେ ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରିବ କଂଗ୍ରେସ। ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଦିନ ୯ଟାରେ ଗୋଟିଏ ମିନିଟ୍ ପାଇଁ ନୀରବ ପାର୍ଥନା କରିବାକୁ ଅନୁରୋଧ ବୋଲି ସେ ପ୍ରକାଶ କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ଡ. ଦେବାଶିଷ ପଟ୍ଟନାୟକ, ଡ. ଲଲାଟେନ୍ଦୁ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ଉପସ୍ଥିତ ଥିଲେ।

# ବିଜେଡି ବିଧାୟକ ଦଳ ବୈଠକ ନେବ ଅନାସ୍ଥା ନିଷ୍ପତ୍ତି

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ନାରୀଙ୍କୁ ନିର୍ଯାତନାକୁ ବିଜେଡି ସର୍ବଦା ନିନ୍ଦା କରି ଆସିଛି। ମହିଳାମାନଙ୍କ ପାଇଁ ସର୍ବଦା ଲଢ଼େଇ କରିଆସିଛି। ଆନ୍ଦୋଳନକୁ ଓଲ୍ଲାଇଛି। ବିଜେଡି ରାଜ୍ୟର ବୃହତ୍ତମ ଦଳ ଭାବରେ, ନବୀନ ବାବୁଙ୍କ ନେତୃତ୍ୱରେ ମହିଳାଙ୍କ ହକ୍ ପାଇଁ ଲଢ଼େଇ କରିଛି। ବିଧାନସଭାର ଯେତେବେଳେ ବିଜ୍ଞପ୍ତି ପ୍ରକାଶ ପାଇବ ସେତେବେଳେ ବିଜେଡି ବିଧାୟକ ଦଳ ବୈଠକ ବସି ଅନାସ୍ଥା ପ୍ରସଙ୍ଗରେ ହିଁ ନିଷ୍ପତ୍ତି ହେବ।



ପିସିସି ସଭାପତି ଭକ୍ତ ଦାସଙ୍କ ଆନାସ୍ଥା ନେଇ ପ୍ରତିକ୍ରିୟା ଉପରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ,ବର୍ତ୍ତମାନ ସୁଦ୍ଧା ବିଧାନସଭାର କୌଣସି ବିଜ୍ଞପ୍ତି ପ୍ରକାଶ ହୋଇନାହିଁ। ବିଜୁ ଜନତା ଦଳ ସବୁବେଳେ ମହିଳାଙ୍କ ସମ୍ମାନକୁ ଗୁରୁତ୍ୱ ଦେଉଛି। ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିଛି।

## ଆଇସିସି ରିପୋର୍ଟ ନଦେବା ପଡ଼ିଲା ମହଙ୍ଗା

# ୨୧୦ କଲେଜ କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**କଟକ,୨୩।୭/ଏନ୍‌ଏନ୍‌ଏସ୍:** ଜିଲ୍ଲାର ୨୧୦ କଲେଜ କର୍ମଚାରୀଙ୍କ ଦରମା ବନ୍ଦ ହେବ। ଦରମା ବନ୍ଦ ଲାଗି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲ୍ଲାର କଲେଜଗୁଡ଼ିକୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରିପୋର୍ଟ ମଗାଯାଇଥିଲା। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ୪୮ଘଣ୍ଟା ମଧ୍ୟରେ ସମସ୍ତ କଲେଜ ଏହି ରିପୋର୍ଟ ଦେବାକୁ କୁହାଯାଇଥିଲାବେଳେ କିଛି କଲେଜ ଉକ୍ତ ନିର୍ଦ୍ଦେଶ ପାଳନ କରିଥିଲେ। ମାତ୍ର ପାଖାପାଖି ୨୧୦ଟି କଲେଜରୁ ନିର୍ଦ୍ଦିଷ୍ଟ ସମୟ ଭିତରେ ରିପୋର୍ଟ ମିଳିଲା ନାହିଁ। ତେଣୁ ସେଠାକାର କର୍ମଚାରୀମାନଙ୍କ ଦରମା ବନ୍ଦ ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଆଗାମୀ ୨୪ ଘଣ୍ଟା ଭିତରେ ଆଇସିସି ରିପୋର୍ଟ ନମିଳେ ତେବେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ କଲେଜ ପ୍ରିନ୍ସପାଲଙ୍କୁ ସସ୍‌ପେଣ୍ଡ୍ କରାଯିବ ବୋଲି କଟକ ଜିଲ୍ଲାପାଳ ତାଗିଦ୍ କରିଛନ୍ତି। ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ରାଜ୍ୟର ବିଭିନ୍ନ କଲେଜରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି କେତେ କାର୍ଯ୍ୟକ୍ଷମ ରହିଛି ସେ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି।

# ସିନ୍ଥେଟିକ୍ ଡ୍ରଗ୍ସ ସହ ଯୁବକ ଗିରଫ

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ରାଜଧାନୀରୁ ମାରାତ୍ମକ ସିନ୍ଥେଟିକ ଡ୍ରଗ୍ସ ଠାବ। ୨୩ ବର୍ଷୀୟ ଯୁବକ ପାଖକୁ ଆସିଥିଲା ପାର୍ଶଲ। ଏହି ଘଟଣାରେ ଅଭିଯୁକ୍ତ ଆର୍ଯ୍ୟମାନ ପଟ୍ଟନାୟକଙ୍କୁ ଗିରଫ କରିଛି ଏନସିବି। ବିଦେଶରେ ବ୍ୟବହାର ହୁଏ ଏହି ହାଇ ପ୍ରୋଫାଇଲ ଡ୍ରଗ୍ସ । ଓଡ଼ିଶାରେ ପ୍ରଥମ ଥର ଏଭଳି ମାମଲା ସାମ୍ନାକୁ ଆସିଛି। ଅଭିଯୁକ୍ତ ଜଣଙ୍କ ୨୩ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର। ନୋଏଡାରୁ ସେ ଇଞ୍ଜିନିୟରିଂ ପାସ କରିଥିବା ଏନସିବି ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବ ତୀରନ୍ଦାଜଙ୍କୁ ସମର୍ଥନ କରିଆସୁଛି ବେଦାନ୍ତ

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ବେଦାନ୍ତ ଏହାର ପ୍ରମୁଖ କ୍ରୀଡ଼ା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଜଣେ ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର କୋଲକାତାରେ ଅନୁଷ୍ଠିତ ପୂର୍ବ ଜୋନାଲ ତୀରନ୍ଦାଜ ଚାମ୍ପିଅନସିପରେ ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ରାଉଣ୍ଡ ବର୍ଗରେ ପ୍ରତିଯୋଗିତା କରି, କ୍ଷୀରୋଦ ଉଲ୍ଲେଖନୀୟ ଧ୍ୟାନ ଏବଂ ସଠିକତା ପ୍ରଦର୍ଶନ କରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଛନ୍ତି। ସେ ପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପରେ ପାଞ୍ଚଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଗତ ତିନି ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ ପଦକ୍ଷେପ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି ବୋଲି ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ତୃଣମୂଳସ୍ତରୀୟ କ୍ରୀଡା ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବର ଏକ ଶକ୍ତିଶାଳୀ ପ୍ରମାଣ।କ୍ରୀଡା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରହିଛି। ୨୦୧୮ ମସିହାରେ ଆରମ୍ଭ ହୋଇଥିବା, ବେଦାନ୍ତର କ୍ରୀଡ଼ା ତାଲିମ ପଦକ୍ଷେପ ଅନୁନ୍ନତ ସମ୍ପ୍ରଦାୟର କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ ଏବଂ ପ୍ରୋତ୍ସାହିତ କରେ, ଗୁଣାତ୍ମକ ଉପକରଣ ଏବଂ ତାଲିମ ଭିତ୍ତିଭୂମିର ଉପଲବ୍ଧତା ସହିତ ଧନୁର୍ବିଦ୍ୟା ଏବଂ ଆଥଲେଟିକ୍ସରେ ବିଶେଷଜ୍ଞଙ୍କ ନେତୃତ୍ୱରେ ତାଲିମ ପ୍ରଦାନ କରେ। କମ୍ପାନୀ ଦେଶବ୍ୟାପୀ ବିଭିନ୍ନ ପ୍ରତିଯୋଗିତାରେ ସେମାନଙ୍କର ଅଂଶଗ୍ରହଣକୁ ମଧ୍ୟ ସୁବିଧା ପ୍ରଦାନ କରୁଛି।

# ଷ୍ଟେନୋଗ୍ରାଫର୍‌ଙ୍କ ପକ୍ଷରୁ ଦାବିପତ୍ର



**କଟକ,୨୩।୭/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ଅଧିନସ୍ଥ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଷ୍ଟେନୋଗ୍ରାଫର ତଥା ବ୍ୟକ୍ତିଗତ ସହାୟକମାନେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କୁ ଭେଟି ଓଆରଏସପି ୨୦୧୭ ଅଧିନିୟମ ଅନୁଯାୟୀ ପଦୋନ୍ନତି ଏବଂ ବେତନ ବୃଦ୍ଧି ସମ୍ବନ୍ଧରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# କ୍ୟାମ୍ବ୍ରିଜ୍ ପକ୍ଷରୁ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** କ୍ୟାମ୍ବ୍ରିଜ୍ ୟୁନିଭର୍ସିଟି ପକ୍ଷରୁ ଗୁଣାତ୍ମକ ଶିକ୍ଷାକୁ ଅଧିକ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ୧,୦୩୪ଟି କ୍ୟାମ୍ବ୍ରିଜ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସ୍ଥାପନା କରାଯିବ। ତେବେ ବର୍ତ୍ତମାନ ୮୦୦ ରୁ ଅଧିକ ସ୍କୁଲ୍‌ରେ କ୍ୟାମ୍ବ୍ରିଜ୍ ପ୍ରୋଗ୍ରାମ୍ ଚାଲିଛି ବୋଲି ଆଜି ବରିଷ୍ଠ ଉପାଧ୍ୟକ୍ଷ ବିନୟ ଶର୍ମା କହିଛନ୍ତି। ସେ କହିଛନ୍ତି ଯେ କେମ୍ବ୍ରିଜର ଅଭିବୃଦ୍ଧି ଅନ୍ତର୍ଜାତୀୟ ଶିକ୍ଷା ପ୍ରତି ବିଶ୍ୱସ୍ତରୀୟ ପରିବର୍ତ୍ତନକୁ ପ୍ରତିଫଳିତ କରେ। କ୍ୟାମ୍ବ୍ରିଜ ମାର୍ଚ୍ଚ ୨୦୨୬ରେ ଏକ ତୃତୀୟ କେମ୍ବ୍ରିଜ ଚେକପଏଣ୍ଟ ପରୀକ୍ଷା ସିରିଜ୍ ପ୍ରଚଳନ କରିବ, ଯାହା ସ୍କୁଲଗୁଡ଼ିକୁ ସେମାନଙ୍କର ଶିକ୍ଷାଗତ କ୍ୟାଲେଣ୍ଡର ସହିତ ମୂଲ୍ୟାଙ୍କନ ସୂଚୀବଦ୍ଧ କରିବା ପାଇଁ ଅଧିକ ନମନୀୟତା ପ୍ରଦାନ କରିବ। ୧,୦୦୦ ସ୍କୁଲ ଅତିକ୍ରମ କରିବା ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟ ରହିଥିବା ବେଳେ ଶିକ୍ଷା ଉପଯୋଗୀ ପରିବେଶ ଏବଂ ଗୁଣାତ୍ମକ ଶିକ୍ଷା ପଦ୍ଧତିକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

# ପଦ୍ମିନୀ ରଥଙ୍କ ବାର୍ଷିକ ସ୍ମୃତି ସମାରୋହ

**କଟକ,୨୩।୭/ଏନ୍‌ଏନ୍‌ଏସ୍:** ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ସମାରୋହ 'ସ୍ମୃତିରେ ପଦ୍ମିନୀ ରଥ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ସ୍ମୃତିଚାରଣ ସମାରୋହରେ ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ପୂଜ୍ୟ ସତ୍ୟାନନ୍ଦ ଦାସ ମହାରାଜ କହିଲେ, ସଂସାରରେ ପିତାମାତା ହେଉଛନ୍ତି ଶ୍ରେଷ୍ଠ, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଶେଷ ପ୍ରତିଫଳିତ। ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ। ତେବେ ନିଜର କାର୍ଯ୍ୟ ଏମିତି ହେବା ଦରକାର ମୃତ୍ୟୁ ପରେ ବି ମନୁଷ୍ୟ ଜନମାନସରେ ଅମର ହୋଇ ରହିବ। ଆଜିର ଜ୍ଞାନବିଜ୍ଞାନ ଯୁଗରେ ଆଧ୍ୟାତ୍ମିକତାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ବାବା ସତ୍ୟାନନ୍ଦ କହିଲେ ଯେଉଁଠି ବିଜ୍ଞାନ ନିରବୀ ଯାଏ ସେହିଠାରୁ ଆଧ୍ୟାତ୍ମିକତାର ଆରମ୍ଭ। ଧର୍ମକୁ ଛାଡି ବିଜ୍ଞାନ ସ୍ଥିତି ନାହିଁ, ସେମିତି ସମସ୍ତ ଶାସ୍ତ୍ରର ନିର୍ଯ୍ୟାସ ହେଉଛି ବିଜ୍ଞାନ - ଏହାକୁ ପ୍ରତ୍ୟେକ ବୁଝିବା ଦରକାର। ଏ କଥା ସତ୍ୟ ଯେ, ଜୀବନର ସୁଖ, ଶାନ୍ତି ଧନସମ୍ପତ୍ତି, ପ୍ରାଚୁର୍ଯ୍ୟ କିମ୍ବା ପ୍ରତିପତ୍ତି ଭିତରେ ନଥାଏ, ଈଶ୍ୱରଙ୍କ ଶରଣାଗତ ହୋଇପାରିଲେ ହିଁ ଜୀବନରେ ପ୍ରକୃତ ଆନନ୍ଦକୁ ପ୍ରାପ୍ତ ହୋଇଥାଏ। ଯେତେ ଉଚ୍ଚ ଶିକ୍ଷିତ ହେଲେ ବି ଯଦି ଜଣକ ପାଖରେ ବିନମ୍ରତା ନାହିଁ ତେବେ ସେ ଶିକ୍ଷା ଅର୍ଥହୀନ। ନିଜର ଜ୍ଞାନଗରିମାକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।




ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଧନେଶ୍ୱର ରଥ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଓଡ଼ିଶା ଲୋକ ସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡ. ତିରୁପତି ପାଣିଗ୍ରାହୀ, ଡ. ଅଶୋକ କୁମାର ବାସା, ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଭାଲ ଚନ୍ଦ୍ର ମହାନ୍ତି, ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ ପ୍ରଭାକର ସ୍ୱାଇଁ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ବିଜେପି ନେତା ଚୌଧୁରୀ ହେମନ୍ତ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଅଖିଳ ମୋହନ ମହାପାତ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଡା. ଶକ୍ତି ପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଜଗନ୍ନାଥ ଭକ୍ତ ସମାଜର ସନ୍ତୋଷ କୁମାର ଧର, 'ପଦ୍ମିନୀ କେୟାର' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଶିକ୍ଷାବିତ୍ ଉତ୍କଳ ରଞ୍ଜନ ଦାସ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସହ-ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥଙ୍କ ସମେତ ରଥ ପରିବାରର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପଦାଧିକାରୀ, ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା, ଯୋଗଦେଇଥିଲେ। ଏହି ଅବସରରେ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ପଦ୍ମିନୀ ରଥଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ସରକାରୀ ଭାଷା ହିନ୍ଦୀକୁ ଅଧିକ ପ୍ରଭାବଶାଳୀ ଉପରେ ଗୁରୁତ୍ୱାରୋପ

**ସମ୍ବଲପୁର,୨୩।୭/ଏନ୍‌ଏନ୍‌ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍), ବୁର୍ଲାର ମୁଖ୍ୟାଳୟରେ ସରକାରୀ ଭାଷା



କାର୍ଯ୍ୟାନ୍ୱୟନ କମିଟି (ରାଭାକାସ୍)ର ଏକ ବୈଠକ ଆୟୋଜିତ ହୋଇଯାଇଛି। ମହାପ୍ରବନ୍ଧକ (ସରକାରୀ ଭାଷା) ସମ୍ବିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଷେତ୍ରଗୁଡ଼ିକର ଆଞ୍ଚଳିକ ମାନବ ସମ୍ବଳ ପରିଚାଳକ / ମୁଖ୍ୟ ସରକାରୀ ଭାଷା ଅଧିକାରୀ, କ୍ଷେତ୍ର ଏବଂ ମୁଖ୍ୟାଳୟର ବିଭିନ୍ନ ବିଭାଗରୁ ମନୋନୀତ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସରକାରୀ ଭାଷା ହିନ୍ଦୀର ବ୍ୟବହାର ଏବଂ ପ୍ରଗତି ସମୀକ୍ଷା କରାଯାଇଥିଲା ଏବଂ କ୍ଷେତ୍ର ଏବଂ ମୁଖ୍ୟାଳୟର ବିଭାଗଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ମାର୍ଚ୍ଚ ଏବଂ ଜୁନ୍, ୨୦୨୫ର ତ୍ରୈମାସିକ ପ୍ରଗତି ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା। ମହାପ୍ରବନ୍ଧକ (ସରକାରୀ ଭାଷା) ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ସରକାରୀ ଭାଷା ହିନ୍ଦୀର କାର୍ଯ୍ୟାଳୟ ବ୍ୟବହାରକୁ ଅଧିକ ପ୍ରଭାବଶାଳୀ କରିବା ଏବଂ ସମସ୍ତ ସରକାରୀ ଭାଷା ଅଧିକାରୀଙ୍କଠାରୁ ସକ୍ରିୟ ସହଯୋଗ ଆଶା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ହିନ୍ଦୀକୁ ନିୟମିତ ଏବଂ ସ୍ୱାଭାବିକ ଭାବରେ ବ୍ୟବହାର କରାଯିବା ଉଚିତ। ଏହାକୁ କେବଳ ଏକ ଭାଷା ନୁହେଁ, ବରଂ ଏକ କାର୍ଯ୍ୟର ମାଧ୍ୟମ ଭାବରେ ବିବେଚନା କରିବା ଉଚିତ। ଉପସ୍ଥିତ ଅଧିକାରୀମାନେ ପିପିଟି ମାଧ୍ୟମରେ ସେମାନଙ୍କ କ୍ଷେତ୍ର ଏବଂ ବିଭାଗରେ କରାଯାଉଥିବା ସରକାରୀ ଭାଷା ସମ୍ବନ୍ଧୀୟ କାର୍ଯ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ସମାଧାନ ଉପରେ ସଂଶୋଧନାତ୍ମକ ପରାମର୍ଶ ମଧ୍ୟ ଦେଇଥିଲେ। ବୈଠକର ଉଦ୍ଦେଶ୍ୟ ଥିଲା ସମସ୍ତ କାର୍ଯ୍ୟାଳୟରେ ସରକାରୀ ଭାଷା ନୀତିର ସଠିକ୍ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା।

# ଜାତୀୟ କ୍ୟାଲ୍‌ସିୟମ୍ ଦିବସ



**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଦେଶ ବିଦେଶର ବହୁ ପ୍ରଖ୍ୟାତ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞମାନଙ୍କୁ ନେଇ ପ୍ରାଚୀ ଏଜୁକେସନ୍ ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ତିନି ଦିନିଆ ଅର୍ନ୍ତଜାତୀୟ କନକ୍ଲେଭ ପ୍ରାଚୀକନ୍ ୨୦୨୫ ଇତି ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ହୋଟେଲ ମେ ଫେୟାର ଲାଗୁନ୍ ଠାରେ ଚାଲିଥିବା ଏହି ସମ୍ମିଳନୀ ଅବସରରେ ମୁମ୍ବାଇର ଅଗ୍ରଣୀ ଫାର୍ମା କମ୍ପାନୀ ମେୟର ଅର୍ଗାନିକ୍ସ ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ ଜୁଲାଇ ୨୦ ତାରିଖରେ ଜାତୀୟ କ୍ୟାଲସିୟମ ଦିବସ ପାଳନ କରାଯାଇଥିଲା । ଏହି ଉପଲକ୍ଷେ କମ୍ପାନୀର ସଭାପତି ତଥା ଗ୍ଲୋବାଲ୍ ହେଡ୍ ସୁଦୀପ୍ ମୁଖାର୍ଜୀଙ୍କ ଉପସ୍ଥିତିରେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ା ପୂର୍ଣ୍ଣଚନ୍ଦ୍ର ମହାପାତ୍ର କ୍ୟାଲସିୟମ ମେଡ଼ିସିନ୍ କାଲ୍ସିମାକ୍ସ ଟାବଲେଟ୍‌ର ସଫଳତା ପାଇଁ କମ୍ପାନୀର କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମେୟର କମ୍ପାନୀ ପ୍ରସ୍ତୁତ ଏହି ଔଷଧ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହେଉଥିବାର ଜଣାପଡ଼ିଛି।

# ରେଳବାଇ ଶ୍ରମିକ କଂଗ୍ରେସ୍‌ର ନୂତନ କର୍ମକର୍ତ୍ତା



**କଟକ,୨୩।୭/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ କଟକ ଶାଖାର ଏକାଦଶ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ କଟକ ଷ୍ଟେସନ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ରୋଜାଲିୟାନ ପଟ୍ଟନାୟକ ଓ ସମ୍ପାଦକ ଭାବେ ଶିବଦତ୍ତ ଦେବତା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ସୁଶାନ୍ତ ରଞ୍ଜନ ସ୍ୱାଇଁ, ଉପ ସଭାପତି ମହେନ୍ଦ୍ର କୁମାର ଯାଦବ ନିର୍ବାଚିତ ହୋଇଛନ୍ତି। ତତ୍ ସହିତ କୋଷାଧ୍ୟକ୍ଷ ବି. ପି. ସାହୁ, ସହସମ୍ପାଦକ ଭାବେ ଜ୍ଞାନ ରଞ୍ଜନ ଜେନା, ନାରାୟଣ ଦାସ, ସୁମିତ୍ରା ପଣ୍ଡା ଏବଂ ସଂଗଠନ ସମ୍ପାଦକ ଭାବେ କୈଳାସ ବେହେରା, ଅରୁଣ କୁମାର ମଲ୍ଲିକ ଓ ବିଜୟ କୁମାର ମହନ୍ତ ମନୋନୀତ ହୋଇଛନ୍ତି। ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ଭୁବନେଶ୍ୱରର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା।

# ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁବିଧା ଯୋଗାଇବାରେ ଶୀର୍ଷରେ ଏପିଡେ

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ବ୍ୟକ୍ତିଙ୍କୁ ସହଜ ଓ ସରଳ ଭାବେ ସୁବିଧା ଯୋଗାଇବାରେ ଏପିଡେ ଶୀର୍ଷରେ ରହିଛି। ତେବେ ସବୁଠାରୁ ଅଧିକ ସର୍ଚ୍ଚ କରାଯାଇଥିବା ତାଲିକାରେ ଏହା ରହିଥିବା ଅକ୍ଷୟ ଶାହି କହିଛନ୍ତି। ଆଜି ସେ କହିଛନ୍ତି ଯେ ଚଳିତ ବର୍ଷର ଇଭେଣ୍ଟରେ ଟିୟର ୨ ଓ ଟିୟର ୩ ସହରରେ ଏହାର ଲୋକ ପ୍ରିୟତା ବୃଦ୍ଧି ପାଇଛି। ତେବେ ଅର୍ଡରରେ ୭ ଗୁଣ ବୃଦ୍ଧି ପାଇଥିବା ବେଳେ ଟେଲିଭିଜନରେ ୧୩ ଗୁଣ ବୃଦ୍ଧି ପାଇଛି। ଅନ୍‌ଲାଇନ୍ ବ୍ୟବସ୍ଥାକୁ ଅଧିଖ ତ୍ୱରାନ୍ୱିତ କରାଯିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଯେପରି ସବୁ ବର୍ଗର ଲୋକମାନେ ଉପକୃତ ହୋଇପାରିବେ ସେଥିଲାଗି ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

# ଦଶାବତାର କଥାମୃତ ଉଦ୍‌ଘାଟିତ



**କଟକ,୨୩।୭/ଏନ୍‌ଏନ୍‌ଏସ୍:** ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଂଘ କଳକୀ ସେନା ପକ୍ଷରୁ ଦଶାବତାର କଥାମୃତ ପ୍ରସିଦ୍ଧ ଶୈବକ୍ଷେତ୍ର ଶ୍ରୀ ଶ୍ରୀ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦଶାବତାର ସ୍ତୋତ୍ର, ଜଗନ୍ନାଥାଷ୍ଟକ ଓ କଳକୀ ଭଜନ ଗାନ କରାଯିବା ପରେ ମନ୍ଦିରର ମୁଖ୍ୟପୂଜକ ପଣ୍ଡିତ ହୃଷିକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିଥିଲେ। କଳକୀ ସେନାର କେନ୍ଦ୍ରୀୟ ସଭାପତି ଡକ୍ଟର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍‌ସଙ୍ଗରେ ବିଶିଷ୍ଟ ପାଲାଗାୟକ ଯୋଗେନ୍ଦ୍ରନାଥ ମାର୍ଥା ପ୍ରବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଫେସର ପ୍ରଭାକର ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ମୀନ ଅବତାର ଉପରେ ପାରାୟଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବାସଚନ୍ଦ୍ର ମିଶ୍ର, ବେତାର କଣ୍ଠଶିଳ୍ପୀ ଅଖିଳ ମୋହନ ଦାସ, ପଣ୍ଡିତ ଦେବାଶିଷ ପଣ୍ଡା ଓ ପଣ୍ଡିତ ବିଶ୍ୱନାଥ କର ପ୍ରମୁଖ ଭକ୍ତମାନେ ଅବତାରବାଦ ଉପରେ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ଶେଷରେ ପଣ୍ଡିତ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସୋଫିଆଙ୍କ ଉପରେ ଅଙ୍ଗୁଳି ଉଠାଇବା ହାସ୍ୟାସ୍ପଦ: ଗିରିବାଳା

**କଟକ,୨୩।୭/ଏନ୍‌ଏନ୍‌ଏସ୍:** ରାଜ୍ୟରେ ପ୍ରତ୍ୟେକ ଦିନ ନାରୀ ନିର୍ଯାତନା, ଗଣ ଦୁଷ୍କର୍ମ, ହତ୍ୟା ବଢ଼ିଚାଲିଛି। ବାଲେଶ୍ୱର ଘଟଣା ହେଉ କି ବଲାଙ୍ଗୀ ଘଟଣା ହେଉ ଜଗତସିଂପୁର ଘଟଣା ହେଉ ଅବା ମାଲକାନଗିରି ଘଟଣା ହେଉ, ତାହା ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି। ରାଜ୍ୟରେ ଆଇନ ଶୃଙ୍ଖଳାକୁ ନସଜାଡ଼ି ଔଷଧ ବିକଳରେ ତାଟିଆ କାମୁଡୁଛି ବିଜେପି। ଲୋକପ୍ରିୟ ବିଧାୟିକା ସୋଫିଆ ଫିର୍ଦୋଷ ଓ ପିସିସି ସଭାପତି ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି। ବିଜେପି ଯେଉଁ ଘଟଣାକୁ ନେଇ କଂଗ୍ରେସ ଦଳ ବା ଆମ ଲୋକପ୍ରିୟ ବିଧାୟିକାଙ୍କ ଉପରେ ଅଙ୍ଗୁଳି ଉଠାଉଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। କଂଗ୍ରେସ ଦଳ ଜିରୋ ଟଲେରାନ୍ସରେ ବିଶ୍ୱାସ କରେ, ଅଭିଯୋଗ ଆସିବା ମାତ୍ରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ନିଲମ୍ବନ କରାଯାଇଛି। ପୁଲିସ ମଧ୍ୟ ତାଙ୍କୁ ଆରେଷ୍ଟ କରିଛି। ଏହା ପରେ ନ୍ୟାୟିକ ବ୍ୟବସ୍ଥା ରହିଛି। ତଦନ୍ତ ପରେ ଘଟଣା ବିଷୟରେ ଜଣାପଡ଼ିବ। ଆମ ବିଧାୟିକା କଟକର ଗର୍ବ, କେବଳ ରାଜ୍ୟ ନୁହେଁ ଜାତୀୟ ସ୍ତରରେ ମଧ୍ୟ ସେ ନାଁ କମେଇଛନ୍ତି। ବିଧାନସଭାରେ କଟକ ସହର ବା ରାଜ୍ୟର ସମସ୍ୟାକୁ ନେଇ ସେ ବାରମ୍ବାର ଆଲୋଚନା କରିବା ହେଉ ବା ଷ୍ଟାଣ୍ଡିଂ କମିଟିରେ ହେଉ ସେ ସଦାସର୍ବଦା ଆଲୋଚନା କରୁଛନ୍ତି। ବିଧାନସଭାରେ ସବୁଠାରୁ ଅଧିକ ପ୍ରଶ୍ନ ପଚାରି ଅନ୍ୟ କୀର୍ତ୍ତିମାନ କରିଛନ୍ତି। କଟକ ସହରକୁ ବିଜେଡି ଓ ବିଜେପି ମିଶିକି ବରବାଦ କରିଥିଲେ। ମୋକିମ ଆସିଲା ପରେ କଟକର ଉନ୍ନତି ଆଗକୁ ନେଇଛନ୍ତି। ଆଉ ଏବେ ସୋଫିଆ ଫିର୍ଦୋଷ ଆଉ ପାଦେ ଆଗକୁ ନେଉଛନ୍ତି। ନିଜେ ସରକାରରେ ଥାଇ ଆଇନ ଶୃଙ୍ଖଳାକୁ ନସଜାଡ଼ି ଏଭଳି ହୀନ ଉଦ୍ଦେଶ୍ୟ ରଖି ଅନ୍ୟକୁ ଅଙ୍ଗୁଳି ଦେଖାଇବା ପରୋକ୍ଷରେ ତାଙ୍କର ଅସହାୟକୁ ଦର୍ଶାଉଛି ବୋଲି ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେଲ୍‌ଟର୍ ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ, ଜନାର୍ଦ୍ଦନ ପରିଡ଼ା, ବଟକୃଷ୍ଣ ସାହୁ ଏବଂ ସ୍ୱର୍ଣ୍ଣପ୍ରଭା ପସାୟତ, କଂଗ୍ରେସ ନେତା ଶରତ ଚନ୍ଦ୍ର ସେଠୀ, ଅଜିତ ବେହେରା, ଟୁକୁନା ସେନାପତି, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର, ସୁରଜିତ ସାହୁ, ଦିଲ୍ଲୀପ ମହାନ୍ତି, ଜନ ଆଶୁତୋଷ ଦାସ, ପ୍ରଭାତୀ ପଟ୍ଟନାୟକ ଓ ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# କାରଖାନା ଅଗ୍ନି ସୁରକ୍ଷା ଅଧିକାରୀଙ୍କ ତାଲିମ କର୍ମଶାଳା

**ଭୁବନେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଶିଳ୍ପାୟନରେ ଅଗ୍ନି ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ କାରଖାନାମାନଙ୍କରେ ନିଯୁକ୍ତ ଅଗ୍ନି ସୁରକ୍ଷା ଅଧିକାରୀମାନଙ୍କର ପାରିଦର୍ଶିତା ବୃଦ୍ଧି ନିମନ୍ତେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସ୍ଥିତ ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ସଂସ୍ଥାନ ସମ୍ମିଳନୀ କକ୍ଷରେ ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ କର୍ମଶାଳାକୁ ମୁଖ୍ୟ ଅତିଥିଭାବେ ସରକାରଙ୍କ ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ତଥା କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଏବଂ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ନିର୍ଦ୍ଦେଶକ ନିତି ରଂଜନ ସେନ୍ ଉଦ୍‌ଘାଟନ କରିଥିଲେ। ଅଗ୍ନି ସୁରକ୍ଷା ଅଧିକାରୀମାନେ ସଚେତନ ଏବଂ ଦାୟିତ୍ୱବାନ ହେଲେ ଅଗ୍ନି ଜନିତ କ୍ଷୟକ୍ଷତିକୁ ଏଡ଼ାଇବା ସହିତ ବହୁ ଧନଜୀବନକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ମୁଖ୍ୟଅତିଥି ତାଙ୍କ ଉଦବୋଧନରେ ପ୍ରକାଶ କରିଥିଲେ। କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ(ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ କାରଖାନା ପରିସରରେ ଅଗ୍ନି ପ୍ରବଣ ସ୍ଥାନ ଚିହ୍ନଟ ଏବଂ ଏହାର ବର୍ଗୀକରଣକୁ ପ୍ରାଥମିକତା ଦେବା ସହିତ ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ କିମ୍ବା ବ୍ୟବସ୍ଥାରେ ଅଭିବୃଦ୍ଧିର ଆବଶ୍ୟକତା ଉପରେ ଏକ ସ୍ୱଷ୍ଟ ବିଚାର ରଖିବା ଏବଂ ଏହା ଶୀଘ୍ର କାର୍ଯ୍ୟକାରୀ ହୋଇପାରିଲେ ରାଜ୍ୟରେ ଶୂନ୍ୟ ଦୁର୍ଘଟଣା ନୀତିର ପରିପାଳନ ସମ୍ଭବ ହେବାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଅପରାହ୍ଣରେ ୮୧ ଜଣ ଶ୍ରମ ଅଗ୍ନି ସୁରକ୍ଷା ଅଧିକାରୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଶ୍ରୀ ସେନ୍ ପ୍ରମାଣପତ୍ର ବଣ୍ଟନ୍ କରିଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ୫ କୋର୍ଟଚାଲାଣ

**ସାଲେପୁର,୨୩।୭/ଏନ୍‌ଏନ୍‌ଏସ୍:** ସାମ୍ବାଦିକଙ୍କୁ ଆକ୍ରମଣ କରିବା ମହଙ୍ଗା ପଡ଼ିଲା। ଜଣେ କର୍ତ୍ତବ୍ୟରତ ସାମ୍ବାଦିକ ନିଜ ଖବର କାର୍ଯ୍ୟସାରି ନିକଟସ୍ଥ ଜନୈକ ଅସୁସ୍ଥ ଥିବା ନିକଟ ସମ୍ପର୍କୀୟଙ୍କ ଘରେ ଔଷଧ ଦେଇ ଫେରିବା ବେଳେ ବାଟରେ କିଛି ଅସାମାଜିକ ଯୁବକଙ୍କ ଆକ୍ରମଣର ଶିକାର ହୋଇଥିଲେ। ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡ଼ା ଅଞ୍ଚଳର ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ ରାତି ୧୧ଟା ସମୟରେ ଔଷଧ ଦେଇ ନିକଟ ସମ୍ପର୍କୀୟଙ୍କ ଘରୁ ଫେରୁଥିବା ବେଳେ କୁସମ୍ବୀ ନିକଟ ରାସ୍ତାରେ କେତେକ ଅସାମାଜିକ ଯୁବକ ମହେଶ୍ୱର ସ୍ୱାଇଁ ଓରଫ ମକରା(୪୦), ଜିତୁ ସ୍ୱାଇଁ(୨୮), ଗିରି ସ୍ୱାଇଁ(୨୮), ଅମିତ ସ୍ୱାଇଁ ଓରଫ ଲିପୁ(୨୮), ରାମଚନ୍ଦ୍ର ସେଠୀ(୪୩) ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ବାଇକକୁ ଛଡାଇ ନେବାକୁ ଉଦ୍ୟମ କରି ବିଫଳ ହେବାରୁ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏହାପରେ ତାଙ୍କ ପକେଟରୁ ୫୭୦୦ ଟଙ୍କା ଓ ହାତଘଣ୍ଟା ଛଡାଇ ନେଇଥିଲେ ବୋଲି ଅଭିଯୋଗ ହୋଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଓ ଲୋକମାନେ ଆସିଯିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ଏ ସମ୍ପର୍କରେ ସାମ୍ବାଦିକ ଶ୍ରୀ ସାହୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ କାଳିଆ ସ୍ୱାଇଁ(୨୮) ଫେରାର ହୋଇଯାଇଥିବା ଜଣାପଡିଛି। ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସାଲେପୁର ଥାନା ଆଇଆଇସି ଅନିତା ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଫେରାର ଅଭିଯୁକ୍ତକୁ ଗିରଫ କରାଯିବା ସହିତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଲେପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ଦାବି କରିଛନ୍ତି। ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏଭଳି ଆକ୍ରମଣକୁ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ଦୃଢ଼ ନିନ୍ଦା କରିଛନ୍ତି।

## ବୁଢ଼ୀମା’ ପୀଠ ଉନ୍ନୟନ ସମିତି ପରିଚାଳନା ସମିତି ପୁନର୍ଗଠିତ

**ପୁରୀ,୨୩।୭/ଏନ୍‌ଏନ୍‌ଏସ୍:** ତଳନୂଆ ସାହି, ବୋର୍ଡ଼ି ଛକ ନିକଟସ୍ଥ ପୁରୀ ସହରର ବହୁ ପୁରାତନ ଅଗ୍ରଣୀ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମା’ ବୁଢ଼ୀମା ପୀଠ ଉନ୍ନୟନ ସମିତି ପରିଚାଳନା ସମିତି ପୁରୀର ରାଜ୍ୟସଭା ସାଂସଦ ତଥା ଅନୁଷ୍ଠାନର ପ୍ରାକ୍ତନ ସାଧାରଣ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆଙ୍କ ଉଦ୍ୟମରେ ଓ ପ୍ରବୋଧ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପରିଚାଳନା କମିଟି ପୁନଃ ଗଠିତ ହୋଇଯାଇଛି। ଏହି ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ଭାବେ ନୃସିଂହ ଚନ୍ଦ୍ର ସିହ୍ନା, ଉପସଭାପତି ପ୍ରଭାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଗୁରୁ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ରତେଶ ମହାନ୍ତି, ସହ ସମ୍ପାଦକ ଧର୍ମେନ୍ଦ୍ର କୁମାର ବରାଳ, କୋଷାଧ୍ୟକ୍ଷ ଦେବାଶିଷ ମହାନ୍ତି, ସମୀକ୍ଷକ, ବିଜୟ କୁମାର ପାତ୍ର ଓ ଛଅଗୋଟି ସାହିର ପ୍ରତିନିଧି ଭାବେ ସର୍ବଶ୍ରୀ ସୌମ୍ୟରଞ୍ଜନ ମହାନ୍ତି, ଶରତ କୁମାର ମହାନ୍ତି, ସତ୍ୟନାରାୟଣ ସ୍ୱାଇଁ, ସୁଜିତ୍ କୁମାର ମହାନ୍ତି, ଜ୍ଞାନେନ୍ଦ୍ର ପ୍ରସାଦ ଦାସ, ମହେଶ୍ୱର ସାହୁ, ଶିବପ୍ରସାଦ ମହାନ୍ତି, ସନାତନ ଦାସ, ରତ୍ନ ରଞ୍ଜନ ଦାସ, ମାନସ କୁମାର ନାୟକ, ରତିରଞ୍ଜନ ମିଶ୍ର, ଲକ୍ଷ୍ମୀଧର ସାହୁ, ବିଷ୍ଣୁ ପ୍ରସାଦ ଦାଶ, ସଦାଶିବ ସାହୁ ଏବଂ ଉପଦେଷ୍ଟା ମଣ୍ଡଳୀକୁ ଶୁଭାଶିଷ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପରିଡା, ପ୍ରବୋଧ ଚାନ୍ଦ, ଗୁରୁପ୍ରସାଦ ମହାରଣା, ଜ୍ଞାନରଞ୍ଜନ ବାରିକ, ବିପିନ୍ ଦାଶ, ମୀନକେତନ ପାତ୍ର, ଅକ୍ଷୟ ପଣ୍ଡା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ।

## ରଣ ମେଳା ଓ ସଚେତନତା ଶିବିର



**ସାକ୍ଷୀଗୋପାଳ,୨୩।୭/ଏନ୍‌ଏନ୍‌ଏସ୍:** ସାକ୍ଷୀଗୋପାଳସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ଏକ ଋଣ ମେଳା ସହିତ ସିବି ଡିସି ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଋଣ ଉତ୍ପାଦର ବଜାରୀକରଣ ଏବଂ ଭାରତ ସରକାରଙ୍କ ସିବି ଡିସି ଆପ୍ ବ୍ୟବହାରକୁ ଲୋକପ୍ରିୟତା ସହିତ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ ନେଇ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀ, ଏସ୍‌ଏଚ୍‌ଜି ଗୋଷ୍ଠୀ ସଦସ୍ୟ, ବ୍ୟବସାୟୀ ଏବଂ ଦୋକାନୀ, ପରିବହନ ଅପରେଟର, ଖୁଚୁରା ଗ୍ରାହକ, ଶିକ୍ଷକ, ଡାକ୍ତର ଏବଂ ପେନ୍‌ସନ୍‌ଭୋଗୀ ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାହକମାନଙ୍କୁ ଟେଲିଭିଜନ ପ୍ରସାରଣ ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବାର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ମେଳାରେ ବ୍ୟକ୍ତିଗତ ଋଣ ଓ ପେନସନ୍ ଋଣ ୨ଟି ଲେଖାଏଁ। ସେହିପରି ଅଟୋ ଋଣ, ଆବାସ ଋଣ ଓ ସୂର୍ଯ୍ୟ ଘର ଋଣ ଗୋଟିଏ ଲେଖାଏଁ ସହିତ ଏସ୍‌ଆରଟିଓ ୨ଟି କେସିସି ସୋର୍ସି ୫୦, ସ୍ୱୟଂ ସିଦ୍ଧ ୧, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭ଟି ଋଣ ପ୍ରଦାନ ସହିତ ଲକର୍ ସିବିଡିସି ପଞ୍ଜିକରଣ ୭ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ମୁଖ୍ୟ ଶାଖାର ଆଞ୍ଚଳିକ ମୁଖ୍ୟ ପରିଚାଳକ (ବିଜିନେସ୍ କ୍ରେଡିଟ) ରୋହନ ତ୍ରିପାଠୀ, ସାକ୍ଷୀଗୋପାଳ ଶାଖା ମୁଖ୍ୟ ପରିଚାଳକ ସିମାଞ୍ଚଳ ପଣ୍ଡା ଉପ ପରିଚାଳକ ସୁଜାତା ପଟେଲ ଓ କ୍ଷେତ୍ର ଅଧିକାରୀ ମୋନାଲିସା ମହାରଣା, ସାଗରିକା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କାଉଡ଼ିଆଙ୍କୁ ଧକ୍କା ଦେଇଥିବା ପିକ୍‌ଅପ୍ ଗାଡ଼ି ଥାନାରେ ଅଟକ

**ଓଡ଼ଗାଁ,୨୩।୭/ଏନ୍‌ଏନ୍‌ଏସ୍:** ଗତ ସୋମବାର ଦିନ କାଉଡିଆଙ୍କୁ ଧକ୍କାଦେଇ ଖସି ଯାଇଥିବା ପିକ୍‌ଅପ୍ ଗାଡ଼ିକୁ ଶରଣକୁଳ ଥାନା ପୁଲିସ ଜବତ କରିଛି। ସୂଚନା ଅନୁଯାୟୀ ଗତ ସୋମବାର ଦିନ କଲ୍ୟାଣପୁର ଛକ ନିକଟରେ ଏକ ଅଟୋରେ ୭ଜଣ କାଉଡ଼ିଆ ଶରଣକୁଳ ଲଡୁବାବାଙ୍କ ମନ୍ଦିରକୁ ପାଣି ଭାର ଧରି ଆସୁଥିଲେ। ଓଡ଼ଗାଁ ପଟୁ ଯାଉଥିବା ଏକ ପରିବା ବୋଝେଇ ପିକ୍‌ଅପ୍ ଗାଡ଼ି ନଂ ଓଡ଼ି୦୨ ଡ଼ିଡ଼ି (୬୫୯୯) ଅଟୋକୁ ମୁହାଁମୁହିଁ ଧକ୍କା ଦେବାରୁ ଅଟୋ ଗାଡ଼ିଟି ରାସ୍ତାରେ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା କଟରାଝରୀ ଗ୍ରାମର କେଦାରନାଥ ସ୍ୱାଇଁଙ୍କ ଝିଅ ପୂଜା ସ୍ୱାଇଁ (୨୩) ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ଅନ୍ୟ ୬ଜଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ବିଟଳଗାଡ଼ିଆ ଗ୍ରାମର ଦୀନବନ୍ଧୁ ଦାଶଙ୍କ ସ୍ତ୍ରୀ ରମା ଦାଶଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୫ଜଣ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ଅଟୋ ଗାଡ଼ିଟି ଚୁରମାର ହେବା ଓ ଗାଡ଼ିରୁ ସବୁ କାଉଡ଼ିଆମାନେ କ୍ଷତ ବିକ୍ଷତ ହୋଇ ରାସ୍ତାରେ ପଡ଼ିବା ଦେଖି ସେଠାରୁ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ଛଟପଟ ହୋଇ ପୂଜା ସ୍ୱାଇଁଙ୍କ ଜୀବନ ଚାଲିଯାଇଥିଲା। ପିକ୍‌ଅପ୍ ଗାଡ଼ିକୁ ଧରିବା ପାଇଁ ପୂଜା ସ୍ୱାଇଁଙ୍କ ବାପା କେଦାରନାଥ ସ୍ୱାଇଁ ଓ ପୁଲିସ ପକ୍ଷରୁ ବିଭିନ୍ନ ସିସିଟିଭି ଯାଞ୍ଚ କରାଯାଇଥିଲା। ପିକ୍‌ଅପ୍ ଗାଡ଼ି ନୟାଗଡ଼ ନିକଟସ୍ଥ ସିନ୍ଦୁରିଆ ଠାରେ ଥିବା ଜଣାପଡ଼ିଥିଲା। ଶରଣକୁଳ ଓ ନୟାଗଡ଼ ପୁଲିସଙ୍କ ଉଦ୍ୟମ ବଳରେ ଗାଡ଼ିକୁ ଜବତକରି ଶରଣକୁଳ ଥାନାକୁ ଅଣା ଯାଇଛି। ଦୁର୍ଘଟଣା ଘଟାଇ ଦୁଇଦୁଇଟି ଜୀବନ ନେଇଥିବା ଗାଡ଼ି ଚାଳକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏହି ଘଟଣାରେ ଶରଣକୁଳ ଥାନା ଦାୟିତ୍ୱରେ ଥିବା ବି କୁନିମଣି ପିକ୍‌ଅପ ଗାଡ଼ିକୁ ଜବତ କରାଯାଇଥିବା ସ୍ୱୀକାର କରିଛନ୍ତି।

## ପଞ୍ଚାୟତସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି



**ଓଡ଼ଗାଁ,୨୩।୭/ଏନ୍‌ଏନ୍‌ଏସ୍:** ଆଗାମୀ ୭୯ତମ ସ୍ୱାଧୀନତା ଦିବସ ପାଳନପାଇଁ ପଞ୍ଚାୟତ ସ୍ତରୀୟ ପ୍ରସ୍ତୁତି ବୈଠକ କୁରାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ଦିବସକୁ ସୁନ୍ଦର ଓ ନିରାଡ଼ମ୍ବର ଭାବେ ପାଳନ କରାଯିବାପାଇଁ ନିଷ୍ପତ୍ତି ହୋଇଥିବାବେଳେ କୁରାଳର ସର୍ବ ପୁରାତନ ଅନୁଷ୍ଠାନ ରାଧାକୃଷ୍ଣ ଥିଏଟର ଏବଂ ପଞ୍ଚାୟତ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଉତ୍ସବରେ ଅଞ୍ଚଳର ପ୍ରତିଭା ସମ୍ପର୍ଣ୍ଣ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାପାଇଁ ନିଶ୍ଚିତ ହୋଇଥିଲା। ଚଳିତବର୍ଷ ଦଶମ, ଦ୍ୱାଦଶ ଓ ସ୍ନାତକରେ ଉତ୍ତୀର୍ଣ୍ଣ କୃତୀ ଛାତ୍ରଛାତ୍ରୀ, ଡାକ୍ତର, ଇଂଜିନିୟର, ସମାଜସେବୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ରାଧାକୃଷ୍ଣ ଥିଏଟରର ସଭାପତି ଗୌରଚନ୍ଦ୍ର ସାହୁ, ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଧ୍ୟକ୍ଷ ରାମେଶ୍ୱର ପଣ୍ଡା, ଶିକ୍ଷକ ସୁଶାନ୍ତ କୁମାର ମିଶ୍ର, ଦୀପକ କୁମର ସାହୁ, ଦୁର୍ଗାମାଧବ ଦାସ, ବିଷ୍ଣୁ ପ୍ରସାଦ ତ୍ରିପାଠୀ ଓ କଳ୍ପନା ପାଣିଗ୍ରାହୀଙ୍କ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ରାଧାକୃଷ୍ଣ ଥିଏଟର ସମ୍ପାଦକ ତଥା ସାମ୍ବାଦିକ ଗଣେଶ୍ୱର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ଜଣାପଡ଼ିଛି।

## ଅଙ୍ଗଦାନ କରିଥିବା ସୌମ୍ୟଙ୍କ ସ୍ମୃତିଚାରଣ



**କଣ୍ଟିଲୋ,୨୩।୭/ଏନ୍‌ଏନ୍‌ଏସ୍:** ମୃତ୍ୟୁ ପୂର୍ବରୁ ନିଜର ଅଙ୍ଗଦାନ କରିଥିବା ସୌମ୍ୟରଞ୍ଜନ ବେହେରା ଆଜକୁ ଠିକ୍ ୮ଦିନ ପୂର୍ବେ ରକ୍ତଚାପ ଯୋଗୁ ବ୍ରେନ୍ ଷ୍ଟ୍ରୋକ୍‌ରେ ପ୍ରାଣ ହରାଇଥିଲେ। ତାଙ୍କ ବଡ଼ଭାଇ ରବିନ୍ଦ୍ର କୁମାର ବେହେରା ସୌମ୍ୟଙ୍କର ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ସୌମ୍ୟଙ୍କର ଦୁଇ କିଡ୍‌ନୀ ଓ ଲିଭରକୁ ପ୍ରଶାସନକୁ ଦାନକରିଥିଲେ। ଫଳରେ ଜୀବନମୃତ୍ୟୁ ସହିତ ସଂଗ୍ରାମ କରୁଥିବା ୩ଜଣଙ୍କୁ ନୂଆ ଜୀବନ ମିଳିପାରିଥିଲା। ଏହି ଘଟଣାରେ ଗତ ମଙ୍ଗଳବାର କଣ୍ଟିଲୋ ନୀଳମାଧବ କଲ୍ୟାଣମଣ୍ଡପଠାରେ ଏକ ସ୍ମୃତିଚାରଣ ସଭା କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ପରିଚାଳନା କରିଥିବା ବେଳେ ପଞ୍ଚାୟତର ନାଏବ ସରପଞ୍ଚ ପ୍ରଭାତ ସାହୁ, ସମସ୍ତ ସଭ୍ୟସଭ୍ୟା, ୫ ଓ ୬ ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଓ ଉଜ୍ଜଳ ମହାରଣା, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଉପସ୍ଥିତ ଗ୍ରାମବାସୀ, ଯୁବକ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରଭାକର ଶିରୋମଣି, ସରୋଜ କୁମାର ମିଶ୍ର ଓ ଶୁଭ୍ରାଂଶୁ ମହାରଣା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗୀୟ ସୌମ୍ୟ ସୂର୍ଯ୍ୟ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ନିଜ ଜନ୍ମମାଟି କଣ୍ଟିଲୋ ଅଞ୍ଚଳ ସମେତ ଖଣ୍ଡପଡ଼ା ବ୍ଲକ ଓ ନୟାଗଡ଼ ଜିଲ୍ଲାର ଯଶ, ସମ୍ମାନ ଓ ଗୌରବ ରଖିଲେ ବୋଲି ମଞ୍ଚାସୀନ ଅତିଥି ମତପ୍ରକାଶ କରିଥିଲେ। ଉପସ୍ଥିତ ଥିବା ସମସ୍ତ ସାଧାରଣ ଜନତା, ବୁଦ୍ଧିଜୀବୀ ସୌମ୍ୟଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ପଞ୍ଚାୟତ ତରଫରୁ ସରପଞ୍ଚ ଶ୍ରୀମତୀ ବେହେରା ୧୦ହଜାର ଟଙ୍କାର ଏକ ଚେକ୍ ସ୍ୱର୍ଗୀୟ ସୌମ୍ୟଙ୍କ ପରିବାରଙ୍କୁ ପ୍ରଦାନ କରିଥିବା ଖବର ହସ୍ତଗତ ହୋଇଛି।

## ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନତା



**ଓଡ଼ଗାଁ,୨୩।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚିରିଡା ମାନପୁର ଲୋକ ସରକାରୀ ଉଚ୍ଚବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ଗାଁ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ଯୋଦ୍ଧା ମୁସ୍ତାକିମ ମହମ୍ମଦ ଓ ଆଗ୍ନିକ ଯୋଦ୍ଧା ମାନସ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ତୁରିତ କାର୍ଯ୍ୟାନୁଷ୍ଠାନ ଓ ମୁକାବିଲା, ବିପର୍ଯ୍ୟୟ ପରେ ଥଇଥାନ ଓ ପୁନଃ ସଂସ୍ଥାପନ ଏବଂ ଏହାର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ନିଆଁଲିଭା କୌଶଳ ଓ ପାଣିରେ ବୁଡି ଯାଉଥିବା ଲୋକଟିକୁ ଉଦ୍ଧାର କରିବାର କୌଶଳ ସଂପର୍କରେ ସମ୍ୟକ ତଥ୍ୟ ରଖିଥିଲେ। ଆଗ୍ନିକ ଯୋଦ୍ଧା ଶ୍ରୀବେହେରା ବିପର୍ଯ୍ୟୟ ପରିଚାଳନାରେ ବ୍ୟବହୃତ ବିଭିନ୍ନ ଉପକରଣର ଉପଯୋଗ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଶ୍ରୀ ରଣସିଂହ ପରିଚାଳନା କରିଥିବାବେଳେ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ, ରାଜେଶ କୁମାର ମାହାର, ଖେଳଶିକ୍ଷକ ମନୋରଞ୍ଜନ ରାଉତ ଏବଂ ଯୋଗଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈକୁଣ୍ଠ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ଡେଲାଙ୍ଗ,୨୩।୭/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଓ କଣାସ ରୋଡ ରେଳଷ୍ଟେସନ ମଧ୍ୟବର୍ତ୍ତୀ ଓଳିଆ ଖାତ ନିକଟରୁ ଖୋର୍ଦ୍ଧାରୁ ପୁରୀ ଡାଉନ ଲାଇନ ରେଳ ଧାରଣା ମଝିରେ ପଡିଥିବା ଜଣେ ଯୁବକଙ୍କ ମୃତଦେହ ପୁରୀ ଜିଆର୍‌ପି ପୋଲିସ ଉଦ୍ଧାର କରିଛନ୍ତି। ଯୁବକ ଜଣକ ବାଦାମୀ ଲାଲ ରଙ୍ଗର ଚେକ ସାର୍ଟ ପିନ୍ଧିଥିବା ବେଳେ ନୀଳ ରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧିଥିଲେ। ଯୁବକ ଜଣକର ବୟସ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିପାରି ନଥିବା ଜିଆର୍‌ପି ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୋମବାର ସକାଳ ସମୟରେ ଯୁବକ ଜଣକ ରେଳ ଧାରଣା ମଝିରେ ପଡ଼ିଥିବା ଓ ତାଙ୍କ ମୁଣ୍ଡ ପଛପଟେ ଶକ୍ତ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଡେଲାଙ୍ଗ ଷ୍ଟେସନ ମାଷ୍ଟର ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସୂଚନାକ୍ରମେ ସାକ୍ଷୀଗୋପାଳ ଷ୍ଟେସନ ଅଧୀକ୍ଷକ ହରପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଆରପି ପୁଲିସ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ଜବତ କରିଥିବା ଜଣାପଡ଼ିଛି।

## ଶିକ୍ଷାକେନ୍ଦ୍ରର ନୂତନ ଗୃହ ପ୍ରବେଶ, ଚାରା ବଣ୍ଟନ



**ଟାଙ୍ଗୀ,୨୩।୭/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ନୂତନ ଶ୍ରେଣୀ ଗୃହ ପ୍ରବେଶ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ରର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଟାଙ୍ଗୀ ସାଲେପୁରର ସଂଗଠକ ହିମାଂଶୁ କୁମାର ମହାନ୍ତି ଓ ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ର କଟକର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼ ରଞ୍ଜନ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ନୂତନ ଶ୍ରେଣୀ ଗୃହର ଉଦଘାଟନ କରିବା ସହ ଶିକ୍ଷା ଜୀବନର ଆଧାର ଏଥିପାଇଁ ସମସ୍ତେ ପିଲାମାନଙ୍କ ସଠିକ ଭାବେ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେବିକେ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟୋପକରଣ ଓ ବିଭିନ୍ନ କିସମର ଚାରା ଅତିଥି ଦ୍ୱାରା ଅବିଭାବକ ମାନଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

**ମାହାଙ୍ଗା,୨୩।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର (ପରିଡାପାଟଣା) ଗ୍ରାମର ଅବସରପ୍ରାପ୍ତ ସେନା ଅଧିକାରୀ ପଦ୍ମନାଭ ପାଣିଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡାଙ୍କ ସଂଯୋଜନାରେ ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ସମୀର କୁମାର ପଣ୍ଡା, ମନୋଜ କୁମାର ସାହୁ, ଅମିତାଭ ଷଡଙ୍ଗୀ, ପ୍ରଶାନ୍ତ ଦାସ, ସୁଶ୍ରୀ ସଂଗୀତା ଦାଶ, ସସ୍ମିତା ମିଶ୍ର, ଅଭିସ୍ମିତା ଷଡଙ୍ଗୀ, ଗଣେଶ୍ୱର ସାହୁ, ସଚ୍ଚିନ୍ଦ୍ର ନାଥ ବାରିକ, ନିରଞ୍ଜନ ମହାନ୍ତି, ବିନୋଦ ପରିଡା, କ୍ଷୀରୋଦ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପାଣିଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଗ୍ରାମ କେଶରୀ ପାଣି, ସୁଧାସ୍ମିତା ପାଣି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷିଆନ୍ କଂଗ୍ରେସ ନେତା କାହ୍ନୁ ଲେଙ୍କାଙ୍କ ୮୬ତମ ଜୟନ୍ତୀ



**ବାଲିଅନ୍ତା,୨୩।୭/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ ଫୁଲନଖରା ଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ବୁଧବାର ଦିନ ଅଗ୍ରଣୀ ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ପକ୍ଷରୁ କଂଗ୍ରେସର ବର୍ଷିଆନ ନେତା ତଥା ରାଜ୍ୟ ଓ କେନ୍ଦ୍ରର ପୂର୍ବତନ ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ୮୬ତମ ଜୟନ୍ତୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି।

ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ସରପଂଚ ବଂଶୀଧର ଭୋଳ, ସହଯୋଗ ଓଡ଼ିଶାର ସାଧାରଣ ସଂପାଦକ ତଥା ସାମ୍ବାଦିକ ଲଳିତ କୁମାର ଦାଶ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବୈଦ୍ୟନାଥ ନାୟକ, ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ,ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ ବିଶିଷ୍ଟ ପାଲଗାୟକ୍ ଗାୟକ ଆଲ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, କର୍ପୋରେଟର ସୁକୁମାର ସାହୁ, ଗୁଣନିଧି ପଟ୍ଟନାୟକ, ବିଚିତ୍ରାନନ୍ଦ ଦଳାଇ, ପ୍ରଦ୍ୟୁମ୍ନ ପତି, ଅଭୟ କୁମାର ଜେନା, ପଦ୍ମନାଭ ପଟ୍ଟନାୟକ, ହଂସନାଥ ସାହୁ, ପୂର୍ବତନ ସରପଞ୍ଚ କିଶୋର ରାଉତରାୟ, ଟ୍ୱିନ୍ ସିଟି ପ୍ରେସ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜା, ସବୁଦିନ ଟିଭି ଟ୍ରଷ୍ଟ ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ର, ସାମ୍ବାଦିକ ବଙ୍ଗାଳୀ ପରିଜା, ଅଜୟ କୁମାର ଦାଶ, କାନନବିହାରୀ ନାୟକ,ଅକ୍ଷୟ କୁମାର ଲେଙ୍କା, ରାଜକିଶୋର ବେହେରା, ଅମୂଲ୍ୟ ବାରିକ, ଧୀରେନ୍ଦ୍ର ସାହୁ ,ଅର୍ଣ୍ଣପୂର୍ଣ୍ଣା ସାହୁ, ପ୍ରମୁଖ ଯୋଗଦେଇ ବର୍ଷିୟାନ କଂଗ୍ରେସ ନେତା କାହ୍ନୁଚରଣ ଲେଙ୍କାଙ୍କ ଜୀବନୀ ଓ କାର୍ଯ୍ୟ ସଂପର୍କରେ ଉଦ୍‌ବୋଧନ ଦେଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ କାହ୍ନୁଚରଣ ଲେଙ୍କାଙ୍କ ଜୀବନୀ ଉପରେ ପାଞ୍ଚଶହ ପୃଷ୍ଠା ବିଶିଷ୍ଟ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.


For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

**ନିତି ଭାରତୀ**

ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅନାହିଁ। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN
ଗୁରୁବାର, ୨୪ ଜୁଲାଇ, ୨୦୨୫

# କ୍ରୂର ଦୁନିଆ, ସମ୍ବେଦନାହୀନ ମଣିଷ



ସନ୍ତୋଷ କୁମାର ମହାପାତ୍ର

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣା ବା ହୃଦୟ ବିଦାରକ ଓ ମର୍ମସ୍ପର୍ଶୀ ଦୁର୍ଘଟଣା ଅତ୍ୟନ୍ତ ଚିନ୍ତାଜନକ ଏବଂ ଆମ ମନକୁ ଆନ୍ଦୋଳିତ କରୁଛି। ଅବଶ୍ୟ ସୌମ୍ୟାଙ୍କ ମୃତ୍ୟୁ ଖବର ସାରା ଓଡ଼ିଶାରେ ଚହଳ ପକାଇଛି; ଏପରିକି ଦେଶ ବିଦେଶରେ ମଧ୍ୟ। ରାଜ୍ୟ ରାଜନୀତି ସରଗରମ ହୋଇଛି, ଯଦିଓ ଏ ପର୍ଯ୍ୟନ୍ତ ସଠିକ୍ ଭାବରେ ଜଣା ପଡ଼ିନି ଯେ ଝିଅଟି ପ୍ରକୃତରେ ନିଜେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଛି ନା ଆଉ କିଏ ଲଗାଇଛି! ନିଜକୁ ନିଜେ ଜାଳିଦେଇ ଆତ୍ମହତ୍ୟା କରିବା ସମ୍ଭବତଃ ସବୁଠୁ ଯନ୍ତ୍ରଣାଦାୟକ ମୃତ୍ୟୁ। ଏହାକୁ ଲୋକଙ୍କ ସମ୍ମୁଖରେ, ଏପରିକି କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସର ଭିତରେ ଯୋଜନାବଦ୍ଧ ଭାବେ ସମ୍ପନ୍ନ କରିବା ଆଦୌ ସହଜ ନୁହେଁ। ସେ ନିଜେ କ'ଣ ପେଟ୍ରୋଲ୍ ଓ ଅଗ୍ନିସଂଯୋଗକାରୀ ଜିନିଷ ସାଙ୍ଗରେ ଆଣିକି ଆସିଥିଲେ ନା କିଏ ଆଣି ଦେଇଥିଲା? ପୁନଶ୍ଚ, ନିଆଁ ଲଗେଇଲା ବେଳେ ଅନ୍ୟମାନେ କ'ଣ କରୁଥିଲେ? ସେ ଆତ୍ମଦାହ ନିଷ୍ପତ୍ତି ନେଇଥିଲେ ନା କେହି ତାଙ୍କୁ ସେଭଳି କରିବାକୁ ବାଧ୍ୟ କରିଥିଲେ? ନା କେହି ଅଧ୍ୟକ୍ଷ, ନେତା, ପ୍ରଶାସକ, ଜନତା ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କୁ ନିଆଁ ଲଗାଇବା ବେଳେ ଅଟକାଇବାର ପ୍ରତିଶ୍ରୁତି ଦେଇ ଏହି ଭୟଙ୍କର ପଦକ୍ଷେପ ନେବାକୁ ପ୍ରବର୍ତ୍ତାଇ ଥିଲେ, କିନ୍ତୁ ନିଆଁ ଲଗେଇଲା ବେଳେ ଅଟକେଇ ନଥିଲେ! ବରଂ ନିଆଁ ଲାଗିବା ପରେ ମଧ୍ୟ ଅତ୍ୟନ୍ତ କ୍ରୂର ଓ ନିଷ୍ଠୁର ହୋଇ ସେହି ଭୟାନକ ଦୃଶ୍ୟର ମଜା ନେଉଥିଲେ।

ବିଭିନ୍ନ ଚ୍ୟାନେଲ ଓ ସାମାଜିକ ଗଣମାଧ୍ୟମରେ ଯେଉଁସବୁ ସମ୍ବାଦ ପଢ଼ିବାକୁ, ଶୁଣିବାକୁ ବା ଦେଖିବାକୁ ମିଳୁଛି, ତାହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ। ପିଅନଙ୍କ ସାଂଘାତିକ ବୟାନ ସୂଚାଉଛି ଯେ ମଣିଷ କେତେ ସମ୍ବେଦନାହୀନ! ସୌମ୍ୟାଶ୍ରୀ ଏମିତି ଜାଗାରେ ନିଜ ଦେହରେ ନିଆଁ ଲଗାଇଛନ୍ତି, ଯେଉଁଠି ସିସିଟିଭି ନଥିଲା। ତେବେ ପିଅନଙ୍କ ବୟାନ ଅନୁସାରେ, ସୌମ୍ୟାଶ୍ରୀଙ୍କ ଦେହରେ ନିଆଁ ଲାଗିବା ପରେ ସେ ଦୌଡ଼ି ଦୌଡ଼ି କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ଯିବାକୁ ଚେଷ୍ଟା କରିଥିଲେ। ହେଲେ ଜଳିପୋଡ଼ି ଯାଉଥିବା ସୌମ୍ୟାଶ୍ରୀଙ୍କୁ ପିଅନ ବଞ୍ଚେଇବା ପରିବର୍ତ୍ତେ ଅଟକାଇ ଦେଇଥିଲେ। କାଳେ କଲେଜ ଅଧ୍ୟକ୍ଷଙ୍କ ଦେହରେ ନିଆଁ ଲାଗିଯିବ, ସେ ନେଇ ସେ ସୌମ୍ୟାଙ୍କୁ ତଡ଼ି ଦେଇଥିଲେ। ଏଥିରୁ ଜଣାପଡୁଛି ଯେ ଅଧ୍ୟକ୍ଷ ଅଫିସ ଭିତରେ ଥିଲେ ଏବଂ ଚୁପ୍ ରହିଥିଲେ। ଯେତେବେଳେ ନିଆଁ ଲାଗିଥିଲା, ସେତେବେଳେ ସବୁ ଚୁପ୍ ଥିଲେ। ଅଧ୍ୟକ୍ଷଙ୍କ ବ୍ୟତୀତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ପିଅନ ଓ ଛାତ୍ରୀଛାତ୍ର ସବୁ ନିରବଦ୍ରଷ୍ଟା ସାଜିଥିଲେ। ସେଠି ଅଗ୍ନି ନିର୍ବାପକ ଯନ୍ତ୍ର ଥିବା ସତ୍ତ୍ୱେ କେହି ଏହାର ବ୍ୟବହାର କରି ନଥିଲେ। ଏହା କେତେ ଭୟଙ୍କର! ଏହା ସୂଚାଉଛି ମଣିଷ କେତେ ସମ୍ବେଦନାହୀନ, ସ୍ୱାର୍ଥପର, କ୍ରୂର, ନିଷ୍ଠୁର ହେଲାଣି ଓ ମାନବିକ ମୂଲ୍ୟବୋଧ, ମାନବିକତା ହ୍ରାସ ପାଇଲାଣି। ଅବଶ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୋଡ଼ି ହୋଇଛନ୍ତି। ସେହି ପିଲାକୁ ପଚାରିଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ।

କଲେଜରେ ଗଠିତ ଆଭ୍ୟନ୍ତରୀଣ କମିଟି (ଆଇସିସି) ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିସ କରିଥିବା ବେଳେ ଅଧ୍ୟକ୍ଷ ତାହା କରି ନଥିଲେ କାହିଁକି? ଏକ ଭିଡିଓରେ ଦୃଶ୍ୟମାନ ହେଉଛି ଯେ ଅଧ୍ୟକ୍ଷ ପ୍ରକୋଷ୍ଠରେ ସମ୍ଭବତଃ ଅଧ୍ୟକ୍ଷ, ଛାତ୍ରନେତା, ଅଭିଯୁକ୍ତ ଶିକ୍ଷକ ଓ ସୌମ୍ୟାଶ୍ରୀଙ୍କ ମଧ୍ୟରେ ଆଲୋଚନା ସହିତ ଯୁକ୍ତିତର୍କ ହୋଇଛି। ଯେଉଁଠି ଛାତ୍ରନେତା ଅଭିଯୁକ୍ତ ଶିକ୍ଷକଙ୍କୁ ଦୋଷ ଦେଉଛନ୍ତି ଏବଂ ତାଙ୍କର ଉତ୍ତର ସଠିକ୍ ଭାବେ ଅଭିଯୁକ୍ତ ଶିକ୍ଷକ ଦେଇପାରୁ ନାହାନ୍ତି। ପ୍ରଶ୍ନ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ କାହିଁକି ଦଣ୍ଡ ଦେଲେ ନାହିଁ? କୌଣସି କ୍ଷମତାଶାଳୀ ଲୋକ ତାଙ୍କୁ ଠିକ୍ ପଦକ୍ଷେପ ନେବାରେ ଚାପ ସୃଷ୍ଟି କରିଥିଲେ ନା ଅଧ୍ୟକ୍ଷ ନିଜେ ମଧ୍ୟ ସୌମ୍ୟା-ବିରୋଧୀ 'ଷଡ଼ଯନ୍ତ୍ର'ରେ ସାମିଲ୍ ଥିଲେ? ଯେଉଁ ବ୍ୟକ୍ତି ଚାପ ସୃଷ୍ଟି କରୁଥିଲେ, ସେହି ବ୍ୟକ୍ତି ହିଁ ପ୍ରକୃତ ଦୋଷୀ।

ବୋଧହୁଏ ଶିକ୍ଷକ ଜଣକ ଜଣେ ବିବେକହୀନ, ନୀତିହୀନ ବ୍ୟକ୍ତି ଯିଏକି ଛାତ୍ରୀ ଜଣଙ୍କ ସହିତ ଅବୈଧ ସମ୍ପର୍କ ରଖିବାକୁ ଚାହୁଁଥିଲେ। ଛାତ୍ରୀ ଜଣକ ଭଲ ଚରିତ୍ରର ପିଲା ହୋଇଥିବାରୁ ଶିକ୍ଷକଙ୍କ କଥାରେ ରାଜି ହୋଇ ନଥିଲେ, ବରଂ ସ୍ୱାଭିମାନ ବଜାୟ ରଖିବାକୁ ଚେଷ୍ଟା କରି ହଇରାଣ ହରକତ ତଥା ଅପମାନିତ ହୋଇଥିଲେ। ଶିକ୍ଷକଙ୍କ ଅନୈତିକ କାର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ କରିବାକୁ ସମର୍ଥନ ଜଣାଇବା ପରିବର୍ତ୍ତେ ସେହି ଛାତ୍ରୀଙ୍କ ବିରୁଦ୍ଧରେ କୁତ୍ସା ରଟନା ସଂଗଠିତ ଭାବେ କରାଯାଉଥିଲା। ଶିକ୍ଷକଙ୍କ ବିରୁଦ୍ଧରେ ଲଢ଼େଇ କରିବା ବେଳେ ବୋଧହୁଏ ଝିଅଟି ତା'ର ପରିବାର ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଙ୍ଗସାଥୀଙ୍କଠାରୁ ସମର୍ଥନ ପାଇ ନଥିଲା। ସେ ପାଠ ନପଢ଼ି ବେଶୀ ରାଜନୀତି କରୁଛି ବୋଲି ଅପପ୍ରଚାର କରାଯାଇଥିଲା। ଅତ୍ୟନ୍ତ ଲଜ୍ଜାକର ଘଟଣା ହେଉଛି ସୌମ୍ୟାଙ୍କୁ ଅଶାଳୀନ ଇଙ୍ଗିତ କରି ତାଙ୍କୁ ମାନସିକ ନିର୍ଯାତନା ଦେଇଥିବା ଅଧ୍ୟାପକଙ୍କ ସପକ୍ଷରେ କୁଆଡ଼େ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଥିଲେ। ୧୦୦ ପିଲା ଲିଖିତ ଭାବେ ଦେଇଥିବା ମଧ୍ୟ କିଛି କହୁଛନ୍ତି। ଏହି ପିଲାଙ୍କୁ ମତାଇଲା କିଏ ଓ କିଭଳି? ଅଧ୍ୟକ୍ଷ ସେତେବେଳେ କ'ଣ କରୁଥିଲେ? ସୌମ୍ୟା ନିଜେ ଗଣମାଧ୍ୟମରେ କହିବା ଅନୁଯାୟୀ, ୯ ଜଣ ପିଲାଙ୍କ ନାଁ ପରୀକ୍ଷାରୁ ବାରଣ କରାଯାଇଥିବା ତାଲିକାରେ ରହିଥିଲା, କିନ୍ତୁ ୮ ଜଣଙ୍କୁ ପରୀକ୍ଷାରେ ବସିବା ପାଇଁ ଅନୁମତି ଦିଆଗଲା ବେଳେ ତାଙ୍କୁ ସେଥିରୁ ବଞ୍ଚିତ କରାଯାଇଥିଲା। କାହିଁକି? ଅଭିଯୁକ୍ତ ଶିକ୍ଷକ ତାଙ୍କୁ ଫେଭର ବା ଅନୁଗ୍ରହ ମାଗିଥିଲେ। ଜଣେ ଛାତ୍ରୀ କି ପ୍ରକାର ଫେଭର ବା ଅନୁଗ୍ରହ ଜଣେ ଶିକ୍ଷକଙ୍କୁ ଦେବ? ଅଧ୍ୟାପକ ସୌମ୍ୟା ଭଳି ଝିଅଠାରୁ ଫେଭର ମାଗିବା ଦର୍ଶାଉଛି ଆମ ଶିକ୍ଷା ବ୍ୟବସ୍ଥା କେତେ କଳୁଷିତ ଏବଂ କିଛି ଶିକ୍ଷକଙ୍କର ବୃତ୍ତିଗତ ସାଧୁତା କିପରି ବିପନ୍ନ ହେଉଛି। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀଙ୍କ ସମ୍ପର୍କରେ ଅବକ୍ଷୟ ଘଟୁଛି।

ଆଜି ସମାଜରେ ଏଭଳି ଘଟଣା ବେଶୀ ଘଟୁଛି, କାରଣ ଦୋଷୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ ସବୁବେଳେ ପୀଡ଼ିତାଙ୍କୁ ଦୋଷ ଦେବା ଆଜି ଏକ ନିୟମ ହୋଇ ଯାଇଛି। ପୁନଶ୍ଚ, ରାଜନୀତି କରିବା କ'ଣ ଖରାପ? ଛାତ୍ର ଅବସ୍ଥାରେ ରାଜନୀତି କରୁଥିବା ଲୋକ ଆଜି ବଡ଼ ମନ୍ତ୍ରୀ ଓ ନେତା। ସେଇମାନେ ତ ଆମକୁ ଶାସନ କରୁଛନ୍ତି। ଆମେ ଭଲ ପାଠ ପଢ଼ି କ'ଣ କରୁଛୁ? ଅସଲ ସମସ୍ୟା ହେଉଛି, ସାଧାରଣତଃ ଅଧ୍ୟକ୍ଷଙ୍କ ଇଚ୍ଛା ବିରୁଦ୍ଧରେ ଅଧସ୍ତନ କର୍ମଚାରୀମାନେ ଯିବାକୁ ସାହସ କରିବେ ନାହିଁ। ଏଣୁ ଅନ୍ୟ ଶିକ୍ଷକମାନେ ବୋଧହୁଏ ଏସବୁ ଜାଣି ନିଜ କ୍ୟାରିୟର ପାଇଁ ଚୁପ୍ ରହୁଥିଲେ। ଉପର ପଦାଧିକାରୀଙ୍କ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ନ କହି ପାରିବା ବା ଉପରିସ୍ଥ କର୍ମଚାରୀ, ପଦାଧିକାରୀଙ୍କ ଦୋଷ ଭୟରେ ନ ଦେଖେଇ ପାରିବା ଆଜି ଶୋଷଣମୟ କର୍ମ ସଂସ୍କୃତି ସୃଷ୍ଟି କରୁଛି। ଅନ୍ୟାୟ ଚପି ଯାଉଛି। କିଛି କହୁଛନ୍ତି, ଏକ ଛାତ୍ର ସଂଗଠନର ଜଣେ ସକ୍ରିୟ ସଦସ୍ୟା ଥିଲେ ସୌମ୍ୟା। ସେହି ଛାତ୍ର ସଂଗଠନର ଆଉ ଗୋଟିଏ ଗୋଷ୍ଠୀ ତାଙ୍କୁ ବିରୋଧ କରୁଥିଲେ, କାରଣ ସେ ଆଗାମୀ ଛାତ୍ର ନିର୍ବାଚନରେ ଜଣେ ପ୍ରାର୍ଥୀ ହେବାକୁ ଚାହୁଁଥିଲେ। ଏହି ରାଜନୀତି ତାଙ୍କ ପାଇଁ କାଳ ହେଲା ବୋଲି କିଛି କହୁଛନ୍ତି। ବିରୋଧୀ ଗୋଷ୍ଠୀ ଓ ଅନ୍ୟ ବିରୋଧୀ ଛାତ୍ର ସଂଗଠନ ପ୍ରାୟ ସୌମ୍ୟାଙ୍କୁ ହଇରାଣ କରିବା ପାଇଁ ଅଭିଯୁକ୍ତ ଶିକ୍ଷକଙ୍କୁ ସମର୍ଥନ କରୁଥିଲେ ବୋଲି କିଛି ମଧ୍ୟ କହୁଛନ୍ତି। କିଛି କହୁଛନ୍ତି, ସୌମ୍ୟା ନିଜ କଲେଜରୁ ନିରାଶ ହେବା ପରେ ଶେଷରେ ପ୍ରଶାସକ, ଉଚ୍ଚ ପୁଲିସ ଅଧିକାରୀ, ବିଧାୟକ, ସାଂସଦ, କିଛି ନେତା, ମନ୍ତ୍ରୀ ତଥା ସମସ୍ତଙ୍କୁ ଟୁଇଟ୍ କରି ଜଣାଇ ଥିଲେ। ସେମାନେ ସମସ୍ତେ କାହିଁକି ଏପରି ଗୁରୁତ୍ୱପୂର୍ଣ୍ଣ ମାମଲାକୁ ଉପେକ୍ଷା କଲେ? ସ୍ଥାନୀୟ ପୁଲିସ ଓ ପ୍ରଶାସକ କାହିଁକି ନିରବ ରହିଥିଲେ? ଚାପରେ ନିରବ ଥିଲେ ନା ଜାଣିଶୁଣି କର୍ତ୍ତବ୍ୟରେ ଅବହେଳା କରିଛନ୍ତି? ଅବଶ୍ୟ ଚାପରେ ନ କରିବା ମଧ୍ୟ ଭୟଙ୍କର ଅପରାଧ। ସେ ଝିଅର ମୃତ୍ୟୁ ପାଇଁ ସେମାନେ ମଧ୍ୟ ଉତ୍ତରଦାୟୀ। କଲେଜ ଅଧ୍ୟକ୍ଷ ବେଶୀ ଦାୟୀ, କାରଣ ସେ ତାଙ୍କର କର୍ତ୍ତବ୍ୟ ଠିକ୍ ଭାବେ କରି ନାହାନ୍ତି। ବଡ଼ ଦାୟିତ୍ୱରେ ରହିଲେ ସର୍ବଦା ଚାପରେ କାର୍ଯ୍ୟ କରିବାକୁ ପଡ଼ିଥାଏ।

ବାସ୍ତବରେ ମାନବିକତା, ମୂଲ୍ୟବୋଧ ହ୍ରାସ ପାଇବା ଏବଂ ସତ୍ୟ ଓ ନ୍ୟାୟର ମୃତ୍ୟୁ ଘଟିବାର ଏହା ଏକ ଉଦାହରଣ। ଝିଅଟି କାହିଁକି ଆତ୍ମହତ୍ୟା ନ କରି କାହିଁକି ନ୍ୟାୟ ପାଇଁ ଲଢ଼ିଲା ନାହିଁ ବୋଲି ଅନେକ ପ୍ରଶ୍ନ କରୁଛନ୍ତି। କିନ୍ତୁ କାହା ବିରୁଦ୍ଧରେ, କାହା ସାହାଯ୍ୟରେ, କିପରି ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ବିରୁଦ୍ଧରେ ଏକାକୀ ଲଢ଼ିଥାନ୍ତା? କେହି ତ ସାହାଯ୍ୟ କଲେ ନାହିଁ। ବାସ୍ତବରେ ଆମ ବ୍ୟବସ୍ଥା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ, ଯେଉଁଠି ଅନେକ ଆଇନ ପ୍ରଣେତାଙ୍କ ଜୀବନ ଦୁର୍ନୀତି ଓ ଅପରାଧରେ ପରିପୂର୍ଣ୍ଣ। ଯାହାର ବେଶୀ ଅର୍ଥ ବା କଳାଧନ, ତାହାର ନିର୍ବାଚନ ଜିତିବାର ସମ୍ଭାବନା ଅଧିକ ବୋଲି ଆମେ ଜାଣିଛୁ। କିନ୍ତୁ ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ୍ ଅନୁଯାୟୀ, ସ୍ୱଚ୍ଛ, ନିଷ୍କପଟ ଓ ସଚ୍ଚୋଟଙ୍କ ଅପେକ୍ଷା ଅପରାଧରେ ସମ୍ପୃକ୍ତ ଥିବା ଜଣେ ଲୋକ ନିର୍ବାଚନରେ ଜିତିବାର ସମ୍ଭାବନା ଅଧିକ। ଏହାର ଅର୍ଥ, ଯଦି ଅପରାଧରେ ସମ୍ପୃକ୍ତ ଥିବା ଲୋକମାନେ ଅଧିକ ନିର୍ବାଚିତ ହୁଅନ୍ତି, ତେବେ ଆମ ଶାସନ ବ୍ୟବସ୍ଥା ସେହିପରି ତ୍ରୁଟିପୂର୍ଣ୍ଣ ହେବା ସ୍ୱାଭାବିକ। ଏହିପରି ଦୁଃଖଦାୟକ ଘଟଣାମାନ ଘଟିବାର ସମ୍ଭାବନା ଅଧିକ। ଆମର ରାଜନୈତିକ ବ୍ୟବସ୍ଥା, ନିର୍ବାଚନ ପ୍ରକ୍ରିୟା କଳୁଷିତ, ତ୍ରୁଟିପୂର୍ଣ୍ଣ ହେବା ଏବଂ ଅର୍ଥ ଓ ବାହୁ ବଳ ଗୁରୁତ୍ୱ ପାଇବା ଯୋଗୁଁ ସମାଜ ଆଜି ବେଶୀ କଳୁଷିତ ହେଉଛି।

ବାସ୍ତବରେ ସମସ୍ତେ ନିଜ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ। ଅନ୍ୟମାନଙ୍କ ଚିନ୍ତା ଏବଂ ସମସ୍ୟା ଶୁଣିବା ପାଇଁ କାହା ପାଖରେ ସମୟ ନାହିଁ। ଯେତେବେଳେ ବୁଦ୍ଧିଜୀବୀମାନେ ନିରବ ରୁହନ୍ତି ଏବଂ ଲୋକମାନେ କ୍ଷମତାଶାଳୀଙ୍କ ପଛରେ ଧାଆଁନ୍ତି, ସେତେବେଳେ ଭଲ ଲୋକ ବେଶୀ ନିର୍ଯାତିତ, ଅପମାନିତ ହୁଅନ୍ତି। ତାଙ୍କୁ ଅଧିକ ଅଣଦେଖା କରାଯାଏ। ଯାହାର ଟିକେ ଭାବିବାର ଶକ୍ତି ଥିବ, ସେ କଳ୍ପନା କରି ପାରୁଥିବ ଯେ ସୌମ୍ୟାଶ୍ରୀ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ସମୟରେ କେତେ ଅସୁବିଧାର ସମ୍ମୁଖୀନ ହୋଇଥିବ ଏବଂ କେତେ ମାନସିକ କଷ୍ଟ, ଦୁଃଖ, ଯନ୍ତ୍ରଣା ଭୋଗ କରିଥିବ। ଅବଶ୍ୟ ନିଆଁରେ ଶରୀର ଜଳିବା ଆଗରୁ ମାନସିକ ଭାବରେ ସମ୍ପୂର୍ଣ୍ଣ ଜଳି ସାରିଥିଲେ ସୌମ୍ୟାଶ୍ରୀ। ବାସ୍ତବରେ ଏମିତି ସବୁ ଘଟଣା ଅଧିକ ମାତ୍ରାରେ ଘଟିବାର କାରଣ ହେଉଛି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିବା, କ୍ଷମତାଶାଳୀଙ୍କ ଦୋଷ ଦୁର୍ବଳତା ଦେଖାଇବା। ସରକାରଙ୍କ ବିଫଳତା କହିବାକୁ ଆଜି ନକାରାତ୍ମକ କାର୍ଯ୍ୟ କୁହାଯାଉଛି। କେହି କ୍ଷମତାଶାଳୀଙ୍କ ଦୋଷ ଦେଖାଇବାକୁ ଚାହୁଁ ନାହାନ୍ତି, ବରଂ ସାଲିସ କରି ଅଧିକ କିଛି ପାଇବାକୁ ଚେଷ୍ଟା କରୁଛନ୍ତି। ବିରୋଧୀ ଦଳକୁ ଟାର୍ଗେଟ କରୁଛନ୍ତି। ଶାସକ ଶ୍ରେଣୀ ମଧ୍ୟ ସେହିମାନଙ୍କ ସ୍ୱାର୍ଥ ସାଧନ ପାଇଁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଯେଉଁମାନେ ତାଙ୍କ ରାଜନୈତିକ ସ୍ୱାର୍ଥରେ ସହାୟକ ହୋଇଛନ୍ତି। ଭଲ ଲୋକ ହେବା ଓ ଲୋକଙ୍କ ସ୍ୱାର୍ଥ ପାଇଁ କହିବା ଆଜି ଅପରାଧ ବୋଲି ଧରାଯାଉଛି। ଏଣୁ ଶାସନ ବ୍ୟବସ୍ଥା ଓ ସମାଜ ବେଶୀ କଳୁଷିତ ହେଉଛି। ଏହି ଘଟଣା ସୂଚାଉଛି ଯେ ମଣିଷ ଆଜି ଦିନକୁ ଦିନ ଅଧିକ ସମ୍ବେଦନାହୀନ ଓ ସ୍ୱାର୍ଥପର ହୋଇ ଚାଲିଛି। ସ୍ୱାଭିମାନର ସହିତ ବଞ୍ଚିବା କଷ୍ଟକର ଏବଂ ଏ ସମାଜ ତାକୁ ବଞ୍ଚିବାକୁ ଦେବନାହିଁ। ଭଲ ଚରିତ୍ରର ପିଲା ହେଲେ ବେଶୀ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ।

ଏଠି ପ୍ରଶ୍ନ ନୁହେଁ କେଉଁ ରାଜନୈତିକ ଦଳ ଭଲ ବା ଖରାପ। ପ୍ରଶ୍ନ ହେଉଛି, କିଏ ଶାସନ ଦାୟିତ୍ୱରେ ଅଛି। କୌଣସି ବିଫଳତା ପାଇଁ ଶାସକ ଶ୍ରେଣୀକୁ ହିଁ ଦାୟୀ କରାଯାଏ। ଏଣୁ ଶାସନ ବ୍ୟବସ୍ଥା ଓ ସମାଜ ବେଶୀ କଳୁଷିତ ହେଉଛି। ସତ୍ୟ ଓ ନ୍ୟାୟର ମୃତ୍ୟୁ ଘଟୁଛି। ଅଭିଯୁକ୍ତ, ଦୋଷୀଙ୍କୁ ଅଧିକ ସମର୍ଥନ ମିଳୁଛି। ରାଜନୈତିକ ଦଳଗୁଡ଼ିକ ଏବେ ଯେଭଳି କଲେଜ କ୍ୟାମ୍ପସ୍‌ରେ ପ୍ରତ୍ୟକ୍ଷ ରାଜନୀତି କରୁଛନ୍ତି, ତାହା ହିଂସାକାଣ୍ଡର କାରଣ ପାଲଟୁଥିବା କାହାକୁ ଅଜଣା ନାହିଁ। ଏଣୁ ପ୍ରତ୍ୟକ୍ଷ ରାଜନୀତିରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦୂରେଇ ରଖାଯିବା ସମ୍ପର୍କରେ ମତ ପ୍ରକାଶ ପାଉଛି। ଛାତ୍ରଛାତ୍ରୀ କଲେଜ ନିର୍ବାଚନରେ ଅବତୀର୍ଣ୍ଣ ହୁଅନ୍ତୁ, ବକ୍ତବ୍ୟ ଦେବାର ଓ ନେତୃତ୍ୱ ନେବାର କଳା ଶିଖନ୍ତୁ। ତାଙ୍କର ରାଜନୈତିକ ଦର୍ଶନ ଲୋକମାନଙ୍କ ଓ ଦେଶର ସ୍ୱାର୍ଥ ସାଧନ ପାଇଁ ଉଦ୍ଦିଷ୍ଟ ହେଉ। କୌଣସି ରାଜନୈତିକ ଦଳର ହାତବାରିସୀ ନ ହୁଅନ୍ତୁ। କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ପ୍ରତ୍ୟକ୍ଷ ଭାବେ ସମର୍ଥନ କରନ୍ତୁ ନାହିଁ କି ବିରୋଧ ନ କରନ୍ତୁ। ଯାହା ଠିକ୍, ତାହା କୁହନ୍ତୁ ଏବଂ ଭୁଲ୍‌ର ପ୍ରତିବାଦ କରନ୍ତୁ। ପୁନଶ୍ଚ, ରାଜନେତାମାନେ ଦୋଷୀକୁ ସୁରକ୍ଷା ଦେବା ଅନୁଚିତ୍। ପ୍ରତ୍ୟେକ କାର୍ଯ୍ୟ, ସିଦ୍ଧାନ୍ତ ଦେଶର ହିତ ଦୃଷ୍ଟିରୁ କରାଯାଉ, ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ନୁହେଁ। ରାଜନେତା ବିରୋଧୀ ଦଳରେ ଥିଲାବେଳେ ଯେଉଁ ନୀତି, ସିଦ୍ଧାନ୍ତ ଓ କାର୍ଯ୍ୟକୁ ବିରୋଧ କରନ୍ତି, ସରକାର ଗଠନ କଲା ପରେ ସେସବୁକୁ ସମର୍ଥନ କରିବା ଅନୁଚିତ୍। ସେହିପରି ସରକାରୀ ଦଳରେ ଥିଲା ବେଳେ ଯାହାକୁ ବିରୋଧ କରୁଥିଲେ, ବିରୋଧୀ ଦଳରେ ଥିଲା ବେଳେ ତାକୁ ସମର୍ଥନ କରିବା ଅନୁଚିତ। ସେହିପରି ଗଣମାଧ୍ୟମ, ବୁଦ୍ଧିଜୀବୀ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସ୍ୱାର୍ଥ ସାଧନ ଯେମିତି ହେବ, ସେହି ଅନୁସାରେ ମତ ଦେବା ଅନୁଚିତ। ପୂର୍ବ ଶାସକ ଶ୍ରେଣୀର ବିଫଳତା ଦେଖାଇ ବର୍ତ୍ତମାନର ଶାସକ ଶ୍ରେଣୀର ବିଫଳତା ବା ଦୋଷ ଘୋଡ଼ାଇବା ଅନୁଚିତ। ଆମେ କ'ଣ ଆମ ପିଲାକୁ ଖରାପ ପିଲାକୁ ଅନୁସରଣ କରିବାକୁ କହୁ? ଜଣେ ରାଜନେତା ତାହା ହୁଏତ କରିପାରେ, କିନ୍ତୁ ବୁଦ୍ଧିଜୀବୀ ଜଣେ ନୁହେଁ। ବୁଦ୍ଧିଜୀବୀ କ୍ଷମତାଶାଳୀଙ୍କ ନିକଟବର୍ତ୍ତୀ ହେବାକୁ ଚେଷ୍ଟା ନକରି ତାଙ୍କର ଦୋଷ, ଦୁର୍ବଳତାକୁ ବେଶୀ ଦେଖାନ୍ତୁ। ସ୍ରୋତର ପ୍ରତିକୂଳରେ ଯିବା ଓ କ୍ଷମତାଶାଳୀଙ୍କ ଦୋଷ ଦେଖାଇବାକୁ ପ୍ରୋତ୍ସାହିତ କରାଯାଉ।

ଶାରୀରିକ ନିର୍ଯାତନା ଦେଖିହୁଏ; ଆଇନ ଅନୁଯାୟୀ ସେଥି ପାଇଁ ଦଣ୍ଡ ମିଳେ। କିନ୍ତୁ ମାନସିକ ନିର୍ଯାତନା ସହିବା ଓ ତା' ବିରୁଦ୍ଧରେ ଲଢ଼ିବା ବହୁତ କଷ୍ଟକର। ଅତ୍ୟନ୍ତ ଅପ୍ରିୟ ସତ୍ୟ ହେଉଛି- ସମାଜ ଅଧିକ ସ୍ୱାର୍ଥପର, ପ୍ରତିଶୋଧପରାୟଣ, ସମ୍ବେଦନାହୀନ ଏବଂ ଅହଙ୍କାରୀ ହୋଇ ପଡୁଛି। ମଣିଷପଣିଆ ଆମଠୁ ଦୂରେଇ ଗଲାଣି। ଯଦି ସେହି ଝିଅଟି ମରି ନଥାନ୍ତା, ତେବେ ଆଜି ଏପରି ଆନ୍ଦୋଳନ ଦେଖିବାକୁ ମିଳି ନଥାନ୍ତା। ଆମ ବିବେକ ଆମକୁ ଦଂଶନ କରି ନଥାନ୍ତା। କୌଣସି ମନ୍ତ୍ରୀ, ପ୍ରଶାସକ, ରାଜନେତା, ସ୍ୱେଚ୍ଛାସେବୀ ଏମ୍‌ସକୁ ଯାଇ ନଥାନ୍ତେ। ଅନେକେ ଏପରି ପ୍ରତିଦିନ ଦୁଃଖ, ଯନ୍ତ୍ରଣା ଭୋଗୁଛନ୍ତି। ଦୁର୍ଘଟଣା, ଅର୍ଥାଭାବ, ଚିକିତ୍ସା ଅଭାବରୁ ଅନେକ କଷ୍ଟ ପାଉଛନ୍ତି, ମରୁଛନ୍ତି। କିନ୍ତୁ ରାଜନେତା ଓ ପ୍ରଶାସକମାନେ ସମ୍ବେଦନଶୀଳ ହେଇଛନ୍ତି କି? ଆପେ ବଞ୍ଚିଲେ ବାପର ନାଁରେ ସମସ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ବ୍ୟସ୍ତ। କ୍ଷମତା ସବୁ କିଛି। କେମିତି କ୍ଷମତା ହାସଲ ହେବ ବା ବଜାୟ ରହିବ, ତା' ନେଇ ଅଧିକ ବ୍ୟସ୍ତ। ଝିଅଟି ଆମ ସମସ୍ତଙ୍କୁ ସତର୍କ କରାଇ ଦେଇଛି ଯେ ଯଦି ଆମେ ସମାଜକୁ ଉନ୍ନତ ନ କରୁ ଏବଂ ଅନ୍ୟାୟ, ଅନୀତି ବିରୁଦ୍ଧରେ ନ ଲଢ଼ୁ, ତେବେ ଆମେ କିମ୍ବା ଆମର ପିଲାମାନେ ସୁଖୀ, ଶାନ୍ତିପୂର୍ଣ୍ଣ ଜୀବନଯାପନ କରି ପାରିବେ ନାହିଁ। ❐

ସ୍ତମ୍ଭକାର, ମୋ: ୯୪୩୭୨୦୮୭୬୨

# ବିସ୍ମୟଜନକ ପ୍ରସ୍ଥାନ

ଏଇ ମାତ୍ର ଆରମ୍ଭ ହୋଇଛି ସଂସଦର ମୌସୁମୀ ଅଧିବେଶନ। କିନ୍ତୁ ଆରମ୍ଭରୁ ସରକାରୀ ଦଳ ଝୁଣ୍ଟିଛି ଉପରାଷ୍ଟ୍ରପତିଙ୍କ ହଠାତ୍ ଇସ୍ତଫା ପ୍ରଦାନକୁ ନେଇ। ରାଜନୀତିକ ବାତାବରଣରେ ଏବେ ଚାରିଆଡ଼େ ସନ୍ଦେହର ଧୂଆଁ କୁଣ୍ଡଳୀ କାଟି ଉଠୁଛି, କାରଣ ସବୁକିଛି ଚିରାଚରିତ ଭାବରେ ଠିକ୍‌ଠାକ୍ ଚାଲିଥିବା ବେଳେ ଯଦି ଏମିତି କିଛି ଘଟିଯାଏ, ଯାହା ବିଷୟରେ ଆଗରୁ କିଛି ଶୁଣା ନଥାଏ କି ଜଣା ନଥାଏ, ତା'ହେଲେ ଲୋକମାନେ ସନ୍ଦେହ କରିବାରେ କିଛି ବିଚିତ୍ରତା ଅଛି କି! ଏଇଟା ଏକ ବିରଳ ଘଟଣା ଭାରତର ରାଜନୀତିକ ଇତିହାସରେ ଯେ ପ୍ରଥମ ଥର ପାଇଁ କୌଣସି ଉପରାଷ୍ଟ୍ରପତି, ଯିଏକି ରାଜ୍ୟସଭାର ମଧ୍ୟ ଅଧ୍ୟକ୍ଷ, ସେ ସଂସଦର ଏକ ଅଧିବେଶନ ଆରମ୍ଭ ହେଉ ହେଉ ଇସ୍ତଫା ପ୍ରଦାନ କରି ତାଙ୍କର ପଦତ୍ୟାଗ କରିଛନ୍ତି। ଏକଥା ଅବଶ୍ୟ ସତ୍ୟ ଯେ ତାଙ୍କ ପୂର୍ବରୁ ମଧ୍ୟ ଉପରାଷ୍ଟ୍ରପତିମାନେ ଇସ୍ତଫା ଦେଇଛନ୍ତି, କିନ୍ତୁ ସେମାନେ ତାହା କରିଥିଲେ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ବେଳକୁ ଏବଂ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ିବା ନିମନ୍ତେ। ପରନ୍ତୁ, ଏ କ୍ଷେତ୍ରରେ ଦେଖିବାକୁ ମିଳିଛି ବ୍ୟତିକ୍ରମ। ସୋମବାର ଦିନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ରାଜ୍ୟସଭାର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଅଧ୍ୟକ୍ଷତା କରିଥିଲେ, ସନ୍ଧ୍ୟାରେ ସଂସଦର ସଦସ୍ୟମାନଙ୍କ ସହିତ କଥାବାର୍ତ୍ତା କରିଥିଲେ, ଏବଂ ତାଙ୍କ କାର୍ଯ୍ୟାଳୟ ବୁଧବାର ପାଇଁ ତାଙ୍କ କାର୍ଯ୍ୟସୂଚୀ ଜାରି କରିଥିଲା। ତା'ପରେ ବିଳମ୍ବିତ ସନ୍ଧ୍ୟାରେ ୯.୨୫ ବେଳକୁ ଏକ୍ସ.କମ୍‌ରେ ଉପରାଷ୍ଟ୍ରପତିଙ୍କ ସରକାରୀ ହ୍ୟାଣ୍ଡଲ ତାଙ୍କର ଇସ୍ତଫା ପତ୍ର ପ୍ରକାଶ କଲା। ଏହି ପତ୍ରରେ ସୂଚନା ଦିଆଯାଇଥିଲା ଯେ ଦୁର୍ବଳ ସ୍ୱାସ୍ଥ୍ୟ ଅର୍ଥାତ୍ ନିଜର ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ଧନଖଡ଼ ନିଜର ପଦତ୍ୟାଗ କରୁଛନ୍ତି। ଏ ବାବଦରେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଥମ ପ୍ରତିକ୍ରିୟା ପ୍ରକାଶ ପାଇଲା ମଙ୍ଗଳବାର ଦିନ ପ୍ରାୟ ମଧ୍ୟାହ୍ନ ବେଳକୁ, ଯାହା ଅନୁସାରେ ପ୍ରଧାନମନ୍ତ୍ରୀ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି; ପ୍ରାୟ ସେତିକି ବେଳକୁ ରାଷ୍ଟ୍ରପତି ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରି ନେଇଛନ୍ତି।

୭୪ ବର୍ଷ ବୟସ୍କ ଧନଖଡ଼ ଚଳିତ ଜୁଲାଇ ୧୦ ତାରିଖରେ ଘୋଷଣା କରିଥିଲେ ଯେ 'ଈଶ୍ୱରଙ୍କ ଆଶୀର୍ବାଦ ରହିଲେ ମୁଁ ଠିକ୍ ସମୟରେ ଅର୍ଥାତ୍ ଅଗଷ୍ଟ ୨୦୨୭ରେ ଅବସର ଗ୍ରହଣ କରିବି।' ଆଶ୍ଚର୍ଯ୍ୟଚକିତ କରିଦେବା ଭଳି କଥା ହେଉଛି- ଏହାର ମାତ୍ର ଦୁଇ ସପ୍ତାହ ପରେ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପୁନଶ୍ଚ, ରାଜ୍ୟସଭା, ଯେଉଁଠି ସେ ବିଗତ ତିନି ବର୍ଷ ଧରି ଅଧ୍ୟକ୍ଷତା କରିଥିଲେ, ସେହି ସଦନରେ ବିନା କୌଣସି ଆନୁଷ୍ଠାନିକ ସମାରୋହ ଅର୍ଥାତ୍ ତାଙ୍କର ବିଦାୟ ଉତ୍ସବ ବିନା ସେ ବିଦାୟ ନେଇଛନ୍ତି। ଆଉ ଏଇଥିପାଇଁ ହିଁ ବିରୋଧୀ ଦଳମାନେ ତାଙ୍କର ପଦତ୍ୟାଗ କରିବାର କାରଣକୁ ନେଇ ସନ୍ଦିହାନ ରହିବା ଏକ ସ୍ୱାଭାବିକ କଥା ମନେହୁଏ। ଏବେ ସରକାର ତାଙ୍କର ଇସ୍ତଫା ସମ୍ପର୍କରେ ସମସ୍ତଙ୍କ ମନର ସନ୍ଦେହ ମୋଚନ କରିବାର ଆବଶ୍ୟକତା ରହିଛି, ଯାହା ହେଲେ ଉପରାଷ୍ଟ୍ରପତିଙ୍କ ଇସ୍ତଫାକୁ ନେଇ ଭିନ୍ନ ଭିନ୍ନ ପ୍ରକାରର ଆଲୋଚନା ବା ସମାଲୋଚନା ଦେଖା ଦେବ ନାହିଁ। ଏହି ପରିପ୍ରେକ୍ଷୀରେ ଯେଉଁସବୁ ପ୍ରଶ୍ନ ସ୍ୱାଭାବିକ ଭାବରେ ଜାଗ୍ରତ ହୁଏ, ସେସବୁ ହେଉଛି- ଧନଖଡ଼ କୌଣସି ଲକ୍ଷ୍ମଣ ରେଖା ଅତିକ୍ରମ କରିଥିଲେ କି? ଯଦି ତାହା କରିଥିଲେ, ତେବେ ତାହା କେତେବେଳେ, କାହିଁକି ଏବଂ କିପରି? କହିବା ବାହୁଲ୍ୟ, ସମଗ୍ର ଦେଶବାସୀ ଏ ବାବଦରେ ସମ୍ପୂର୍ଣ୍ଣ କାହାଣୀ ଜାଣିବାର ହକ୍‌ଦାର। ଉପରାଷ୍ଟ୍ରପତିଙ୍କ ପଦ ହେଉଛି ଏକ ସାମ୍ବିଧାନିକ ପଦ; ଏହାର ପବିତ୍ରତାକୁ କଳ୍ପନାଜଳ୍ପନା ଏବଂ ଗୁଜବଠାରୁ ଦୂରରେ ରଖାଯିବା ଉଚିତ।

ନିଃସନ୍ଦେହରେ ରାଜ୍ୟସଭାର ଅଧ୍ୟକ୍ଷ ଭାବରେ ଧନଖଡ଼ଙ୍କ ବିଗତ ତିନି ବର୍ଷର କାର୍ଯ୍ୟକଳାପ ବିବାଦୀୟ ରହି ଆସିଥିଲା। ଏମିତିକି ତାଙ୍କର ପକ୍ଷପାତିତାପୂର୍ଣ୍ଣ ଆଭିମୁଖ୍ୟ ଯୋଗୁଁ ଏକଦା ତାଙ୍କର ବହିଷ୍କାର ନିମନ୍ତେ ବିରୋଧୀ ରାଜନୀତିକ ଦଳମାନେ ଦାବି ଉଠାଇ ଥିଲେ, ଯାହା ଭାରତର ସଂସଦୀୟ ଇତିହାସରେ ଥିଲା ପ୍ରଥମ। ଏକଥା ସେ ମଧ୍ୟ ସମ୍ବିଧାନରେ 'ଧର୍ମନିରପେକ୍ଷ' ଏବଂ 'ସମାଜବାଦୀ' ଶବ୍ଦର ପ୍ରବେଶ ଉପରେ ପ୍ରଶ୍ନ ଉଠାଇ ଥିଲେ ଏବଂ ଏହା ଉପରେ ଆର୍‌ଏସ୍‌ଏସ୍‌ର ବିତର୍କ ପାଇଁ ଆହ୍ୱାନକୁ ଯୋଡ଼ିଥିଲେ। ସେହିପରି ନ୍ୟାୟପାଳିକାର ସ୍ୱାଧୀନତା ପ୍ରସଙ୍ଗରେ ସେ ସଂସଦର ଶ୍ରେଷ୍ଠତା ସପକ୍ଷରେ ରହିଥିଲେ ଏବଂ ନ୍ୟାୟପାଳିକାରେ ଦୁର୍ନୀତି ବିଷୟରେ ଖୋଲାଖୋଲି କହୁଥିଲେ। ସଂସଦର ଶ୍ରେଷ୍ଠତାକୁ ପ୍ରତିପାଦିତ କରିବା ପାଇଁ ଏବଂ ନ୍ୟାୟପାଳିକା ନିମନ୍ତେ ଏକ ଗ୍ରହଣୀୟ ଆଚରଣର ଏକ ରେଖା ଅଙ୍କନ କରିବା ସପକ୍ଷରେ ରହିଥିବାକୁ ଦର୍ଶାଇବାକୁ ଯାଇ ସେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଶେଖର କୁମାର ଯାଦବଙ୍କ ବିରୁଦ୍ଧରେ ବହିଷ୍କାର ପ୍ରସ୍ତାବ ଆଣିବାକୁ ବିରୋଧୀମାନଙ୍କୁ ସୁଯୋଗ ପ୍ରଦାନ କରିଥିଲେ, ଯିଏକି ସର୍ବସାଧାରଣରେ ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିବାର ଅଭିଯୋଗ ହୋଇଥିଲା। କେବଳ ଏତିକି ନୁହେଁ, ରାଜ୍ୟସଭାରେ ବିତର୍କ ଚାଲିଥିବା ବେଳେ ସେ ନିଜର ମନ୍ତବ୍ୟମାନ ପ୍ରଦାନ କରୁଥିବା ବେଳେ ଅପରେସନ୍ ସିନ୍ଦୂର ଉପରେ ତଥା ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁଗୁଡ଼ିକ କି ରାଜନୀତିକ ଅପେକ୍ଷା ଅଧିକ ବିବାଦାତ୍ମକ ଥିଲା, ସେସବୁ ଉପରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖାଡ୍‌ଗେ କିଛି କହିବା ବେଳେ ସେ ତାଙ୍କ ପ୍ରତି କୋହଳ ମନୋଭାବ ଆପଣାଇ କହିବାର ସୁଯୋଗ ଦେଇଥିଲେ, ଯାହା ଶେଷରେ ହୋଇଥିଲା ତାଙ୍କର ଅଧ୍ୟକ୍ଷତାର ଶେଷ ଦିନ। ସେ ଯାହାହେଉ, ସର୍ବୋପରି ତାଙ୍କର ବିଦାୟ କିନ୍ତୁ ସନ୍ଦେହାସ୍ପଦ ହୋଇଗଲା, ଠିକ୍ ତାଙ୍କର ବିବାଦୀୟ ଅଧ୍ୟକ୍ଷତା ଭଳି। ଅନୁମାନ କରାଯାଉଛି ଯେ ଦିଲ୍ଲୀ ବିଚାରପତିଙ୍କ ବହିଷ୍କାର ସମ୍ବନ୍ଧିତ ବିରୋଧୀମାନଙ୍କ ପ୍ରସ୍ତାବକୁ, ଯାହାକୁ ମଧ୍ୟ ସେ ଗ୍ରହଣ କରିଥିଲେ, ଯାହା କରିବା ନିମନ୍ତେ ତାଙ୍କ ନିୟମାନୁଯାୟୀ ତାଙ୍କ ପାଖରେ ମଧ୍ୟ କ୍ୱଚିତ୍ କୌଣସି ବିକଳ୍ପ ଥିଲା, ତାହା ବୋଧହୁଏ ସରକାରଙ୍କ ସହିତ ତାଙ୍କର ମନାନ୍ତରର କାରଣ ହେଲା। ଏଥିରେ ସନ୍ଦେହ ନାହିଁ ଯେ ବର୍ତ୍ତମାନ ତାଙ୍କର ଇସ୍ତଫା-ପରବର୍ତ୍ତୀ ପରିସ୍ଥିତିକୁ ସରକାର କିପରି ଭାବରେ ପରିଚାଳନା କରୁଛନ୍ତି, ତା' ଉପରେ ଏବେ ସମସ୍ତଙ୍କର ଦୃଷ୍ଟି ରହିବ। ❐

# ଓଡ଼ିଆ ପରମ୍ପରାରେ ଚିତାଲାଗି ଅମାବାସ୍ୟା



ଅନନ୍ତ ଗୋପାଳ ପଣ୍ଡା

ପୁଣ୍ୟଭୂମି ଉତ୍କଳର ମହିମା ଗାନରେ ପୁରାଣ ଶାସ୍ତ୍ର ତଥା ସଂହିତାମାନ ହୋଇଛନ୍ତି ଶତମୁଖ। ସର୍ବବୃହତ୍ ପୁରାଣ ଭାବେ ଅଭିହିତ ସ୍କନ୍ଦ ପୁରାଣର ବୈଷ୍ଣବ ଖଣ୍ଡରେ ଉତ୍କଳ ଭୂମିର ଅପରୂପ ପରିବେଶ, ଅଧିବାସୀମାନଙ୍କର ଆଦର୍ଶ ଚାଲିଚଳଣି ତଥା ଉତ୍ତମ ବ୍ୟବହାର ଏବଂ ସର୍ବୋପରି ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମହିମା ସବିଶେଷ ଭାବରେ ହୋଇଛି ବର୍ଣ୍ଣିତ। କପିଳ ସଂହିତାରେ ସେହିପରି ଉଲ୍ଲେଖ ରହିଛି, 'ଉତ୍କଳସ୍ୟ ସମୋଦେଶୋ ଦେଶ ନାସ୍ତି ମହୀତଳେ'। ଉତ୍କଳୀୟମାନଙ୍କର ସାମାଜିକ ବିଧି ବ୍ୟବସ୍ଥା ତଥା ପରମ୍ପରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ତଥା ପର୍ବପର୍ବାଣିର ପ୍ରଭାବ ପରିଲକ୍ଷିତ ହୋଇଥାଏ। ସେହି ନ୍ୟାୟରେ ଶ୍ରାବଣ ମାସରେ ଶ୍ରୀମନ୍ଦିରରେ ପାଳିତ ଚିତାଲାଗି ଅମାବାସ୍ୟା ଓଡ଼ିଶାର ପୁରପଲ୍ଲୀରେ ଭକ୍ତି ଭାବର ସହ ପାଳିତ ହୋଇ ଗଣ ପର୍ବର ମାନ୍ୟତା ଲାଭ କରିଅଛି।

ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ଏହି ଚିତାଲାଗି ଅମାବାସ୍ୟା ସମ୍ପର୍କରେ ରହିଛି ବର୍ଣ୍ଣନା। ଆଷାଢ଼ ମାସର ଅଧିପତି ପ୍ରଭୁ ବାମନ ହୋଇଥିବା ବେଳେ ଶ୍ରାବଣ ମାସର ଅଧିପତି ହେଉଛନ୍ତି ଶ୍ରୀଧର। ପ୍ରଭୁ ଶ୍ରୀଧରଙ୍କୁ ଆରାଧନା କରିବା ପାଇଁ ସ୍କନ୍ଦ ପୁରାଣ କୁହନ୍ତି, 'ଯୋଦର୍ଚ୍ଚୟେତ୍ ଶ୍ରୀଧରଂ ଦେବଂ ଶ୍ରାବଣେ ଭକ୍ତି ପୂର୍ବତଃ/ ନ ଗଚ୍ଛେନ୍ନି ରାଙ୍ଗଂ ରାଜ୍ୟଂ କୃତ୍ୱା ପାପ ଶତାନ୍ୟପି।' ଅର୍ଥାତ୍ ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟାରେ ଯେଉଁ ବ୍ୟକ୍ତି ଭଗବାନ ଶ୍ରୀଧରଙ୍କୁ ପୂଜାର୍ଚ୍ଚନା କରିଥାନ୍ତି, ସେହି ବ୍ୟକ୍ତିର ପାପ କ୍ଷୟ ହେବା ସହ ତା'ର ଗୃହରେ ବିପତ୍ତି ପଡ଼ି ନଥାଏ। ପୁନଶ୍ଚ, ଅଷ୍ଟାଦଶ ଶତାବ୍ଦୀର ଲେଖକ ବାଲୁଙ୍କି ପାଠୀ ତାଙ୍କ 'ଯାତ୍ରା ଭାଗବତ'ରେ ଲେଖିଛନ୍ତି, 'ଶ୍ରାବଣେ କୃଷ୍ଣ ପକ୍ଷେତୁ ଦର୍ଶ ପ୍ରାପ୍ତେ ଶୁଭଦିନେ, ଲଲାଟ-ଭୂଷଣଂ ଯାତ୍ରାଂ ଜଗନ୍ନାଥସ୍ୟ କରାୟେତ୍।' ଅର୍ଥାତ୍ ଶ୍ରାବଣ ମାସର କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଶ୍ରୀଜଗନ୍ନାଥଙ୍କ ଲଲାଟରେ ଭୂଷଣ ଅର୍ପଣ କରାଯାଏ।

ଶ୍ରାବଣ ମାସ ଅମାବାସ୍ୟା ତିଥିରେ କୋଟି କୈବଲ୍ୟନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ବଡ଼ବାଡ଼ ମଣିମା ପ୍ରଭୁ ବଳଭଦ୍ର ଓ କାମ୍ପିଲ୍ୟବାସିନୀ ମା' ସୁଭଦ୍ରାଙ୍କ ମସ୍ତକରେ ଦେବସ୍ନାନ ପୂର୍ଣ୍ଣିମା ରାତ୍ରରେ ଓଲାଗି ହୋଇ ଭଣ୍ଡାର ଘରେ ମୁଦ ଦିଆଯାଇ ରଖା ଯାଇଥିବା ଚିତାମାନଙ୍କୁ ସଫା କରାଇ ଭୂଷଣ ସ୍ୱରୂପ ପୁନର୍ବାର ଜିଉମାନଙ୍କୁ ପିନ୍ଧା ଯାଉଥିବାରୁ ଏହି ଦିବସ ଚିତାଲାଗି ଅମାବାସ୍ୟା ନାମରେ ହୋଇଛି ନାମିତ। ଏହି ତିଥିରେ ମହାପ୍ରଭୁଙ୍କର ସକାଳ ଧୂପ ସମୟରେ ଭଣ୍ଡାର ମେକାପ ଭଣ୍ଡାର ଘରେ ରଖା ଯାଇଥିବା ଚିତାମାନଙ୍କୁ ତଡ଼ଉକରଣ, ଦେଉଳକରଣ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ବଣିଆ ସେବକମାନଙ୍କୁ ସଫା କରିବା ପାଇଁ ପ୍ରଦାନ କରିଥାନ୍ତି। ଭୋଗ ମଣ୍ଡପ (ଭଅଣ୍ଡ) ପରେ ପୁଷ୍ପାଳକ ସେବକମାନେ ରତ୍ନ ସିଂହାସନରେ ବିରାଜିତା ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟ ଶେଯଘରେ ବିଜେ କରାଇ ମହାପ୍ରଭୁଙ୍କର ଅଙ୍ଗ ରକ୍ଷକ ତିନି ଜଣ ବାଡ଼ଗ୍ରାହୀଙ୍କୁ ଆମନ୍ତ୍ରଣ କରିଥାନ୍ତି। ନିମନ୍ତ୍ରଣକୁ ଅଙ୍ଗୀକାର ପୂର୍ବକ ବାଡ଼ଗ୍ରାହୀ ଦଇତାପତିଗଣ ବଣିଆ (ପୌଦାର) ସେବକମାନଙ୍କ ଦ୍ୱାରା ପରିଷ୍କୃତ ହୋଇଥିବା ରତ୍ନ ଚିତାମାନଙ୍କୁ ପାଟ ପଇତା ଓ ଓଷୁଅ (ଝୁଣାର ପ୍ରଲେପ) ଦ୍ୱାରା ବଡ଼ଭାଇ ବଳରାମ, ଭଗିନୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କ ଭାଲ ପଟରେ ଲାଗି କରାଇଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ପ୍ରଭୁ ନୀଳାମ୍ବର 'ନୀଳା ଚିତା', ମା ସୁଭଦ୍ରା 'ମାଣିକ୍ୟର ଚିତା' ଓ ହଟିଆ ଠାକୁର କାଳିଆ ସାଆନ୍ତେ 'ହୀରା' ଚିତା ମସ୍ତକରେ ଧାରଣ କରିଥାନ୍ତି। ଏହି ଚିତା ତ୍ରୟମାନଙ୍କର ଆକାରରେ ପ୍ରଭେଦ ହୁଏ ପରିଲକ୍ଷିତ। ଶ୍ରୀଜଗନ୍ନାଥଙ୍କ ଚିତାର ଆକାର ପାନ ପତ୍ର ଭଳି ହୋଇଥିବା ବେଳେ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଚିତା ଠିକିରି ଆକୃତିର ହୋଇଥାଏ। ଏହି ଚିତାମାନଙ୍କର ଚତୁଃପାର୍ଶ୍ୱରେ ଛୋଟ ଛୋଟ ରତ୍ନ ପଥରମାନ ଖଚିତ ହୋଇ ଏହାର ଶୋଭାକୁ ବର୍ଦ୍ଧନ କରିଥାଏ। ଏହି ଚିତା ତ୍ରୟ ଶ୍ରୀଜିଉମାନଙ୍କର ମସ୍ତକରେ ଚିତାଲାଗି ଅମାବାସ୍ୟାଠାରୁ ପରବର୍ତ୍ତୀ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୋଭା ପାଇଥାଏ।

ମହାପ୍ରଭୁଙ୍କ ବାଡ଼ଗ୍ରାହୀମାନେ ରତ୍ନ ସିଂହାସନ ଉପରେ ତ୍ରିମୂର୍ତ୍ତିଙ୍କ ଲଲାଟରେ ଚିତାମାନଙ୍କୁ ଅବସ୍ଥାପିତ କରାଇବା ପରେ ରତ୍ନ ସିଂହାସନ ଉପରି ଭାଗକୁ ଧୌତ କରାହୁଏ। ତତ୍ପରେ ତିନି ଜଣ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜିଉମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଏ। ଏହି ନୀତି ସମାପନ ପରେ ପୂର୍ବରୁ ଭଣ୍ଡାର ଘରେ ଅବସ୍ଥାପିତ ହୋଇଥିବା ଶ୍ରୀଦେବୀ ଓ ଭୂଦେବୀଙ୍କୁ ରତ୍ନ ସିଂହାସନ ଉପରେ ବିଜେ କରାଯାଏ। ପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୁଏ। ଚିତାମାନଙ୍କ ସହିତ ଜ୍ୟେଷ୍ଠ ପୂର୍ଣ୍ଣିମା ନିଶାର୍ଦ୍ଧରେ ଓଲାଗି କରା ଯାଇଥିବା ରାହୁ ରେଖାକୁ ସେହିପରି ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ଅର୍ଥାତ୍ ରେଖା ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଲାଗି କରାଯାଏ।

ଅଣସର ଗୃହରେ ଅବସ୍ଥାନ କାଳରେ ଶ୍ରୀଜିଉମାନେ କୌଣସି ଚିତା ଲଲାଟରେ ଧାରଣ କରନ୍ତି ନାହିଁ। ଘୋଷଯାତ୍ରା କାଳରେ ରତ୍ନ ଚିତାମାନଙ୍କ ସ୍ଥାନରେ ବିଗ୍ରହମାନେ ସୋଲରେ ତିଆରି ଚିତାମାନ ପରିଧାନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ବଣିଆ (ପୌଦାର) ସେବକମାନେ ସୋଲରେ ଜରି, ଜମ୍ଭୁରା ଓ ଉଚ୍ଚ ମାନର ରତ୍ନପଥର ଖଚିତ କରାଇ ତିନି ଗୋଟି ଆକର୍ଷଣୀୟ ଚିତା ପ୍ରସ୍ତୁତ କରିଥାନ୍ତି। ଜନ୍ମବେଦୀ ଯାତ୍ରା ପୂର୍ବରୁ ଏହି ଚିତାମାନଙ୍କୁ ଘଣ୍ଟ, କାହାଳୀ ଓ ବାଜା




ସହିତ ପଟୁଆରରେ ଅଣାଯାଇ ସାନଛତା ମଠରେ ରଖାଯାଇଥାଏ। ରଥଯାତ୍ରା ଦିନ ଶ୍ରୀଜିଉମାନେ ରଥାରୂଢ଼ ହେବା ପରେ ଏହି ଚିତାମାନଙ୍କୁ ଲାଗି କରାଯାଏ। ପ୍ରାୟତଃ ତ୍ରୟୋଦଶ ଶତାବ୍ଦୀରୁ ଏହି ଚିତାଲାଗି ପର୍ବ ଶ୍ରୀମନ୍ଦିରରେ ପାଳିତ ହୋଇ ଆସୁଅଛି।

ଶ୍ରୀମନ୍ଦିର ସହିତ ଏହି ପର୍ବ ଓଡ଼ିଶାର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥାଏ। ଏହି ପର୍ବରେ ପ୍ରତି ଗୃହରେ ସ୍ୱତନ୍ତ୍ର ଭାବେ ଅରୁଆ ଚାଉଳ ଓ ନଡ଼ିଆରେ ଚିତଉ ପିଠା ପ୍ରସ୍ତୁତ କରାଯାଇ ଇଷ୍ଟ ଦେବତାଙ୍କୁ ଅର୍ପଣ କରାଯାଏ। ପ୍ରଥା ଅନୁଯାୟୀ ଏହି ପିଠାକୁ ମଧ୍ୟ ଜଳାଶୟମାନଙ୍କରେ ଅବସ୍ଥାନ କରୁଥିବା ଜଳଚର ଜୀବ, ବିଶେଷକରି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ। ଆମ ରାଜ୍ୟର ଅଧିକାଂଶ ଅଧିବାସୀଙ୍କ ଜୀବିକା କୃଷି ହୋଇଥିବାରୁ ଶସ୍ୟ କ୍ଷେତ୍ରରେ ଗେଣ୍ଡା ଆଦି ଜଳଚର ଜୀବମାନେ ଧାନ ଗଛ କାଟିବା ସହିତ କ୍ଷେତରେ କାମ କରୁଥିବା କୃଷକମାନଙ୍କ ପାଦ ମଧ୍ୟ କାଟି ଦେଇଥାନ୍ତି। ଏହି ଦିବସରେ କୃଷକମାନେ ସେମାନଙ୍କ ଉଦ୍ଦେଶ୍ୟରେ ଚିତଉ ପିଠାମାନ ଗୃହରେ ପ୍ରସ୍ତୁତ କରାଇ ପ୍ରଥମେ ଶସ୍ୟ କ୍ଷେତ୍ରରେ ମାଟି ମା'କୁ ପୂଜନ କରିବା ସହିତ ଗେଣ୍ଡାମାନଙ୍କୁ ମଧ୍ୟ ପ୍ରଦାନ କରିଥାନ୍ତି। ଉତ୍ତର ଓଡ଼ିଶାରେ ଏହି ପର୍ବ ଗେଣ୍ଡେଇକଟା ଓଷା ନାମରେ ହୁଏ ଅଭିହିତ। ଏହି ଜିଲ୍ଲାର ବାଳିକାମାନେ ଗୃହରେ ତିଆରି ଏହି ପିଠାକୁ ପୋଖରୀ ବା ଜଳାଶୟମାନଙ୍କରେ ନିକ୍ଷେପ କରି ପିତା, ଭ୍ରାତା ତଥା ଆତ୍ମୀୟ ସ୍ୱଜନମାନଙ୍କ ଗୋଡ଼ ନ କାଟିବା ପାଇଁ ପ୍ରଚଳିତ ବୋଲିକୁ ଗାନ କରି ନିବେଦନ କରିଥାନ୍ତି। ସେମାନେ ଗେଣ୍ଡାକୁ ଗେଣ୍ଡେଇଷୁଣୀ ନାମରେ ପୂଜା ମଧ୍ୟ କରନ୍ତି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ କୃଷି ସହିତ ଅନେକ ପର୍ବପର୍ବାଣିର ରହିଛି ସମ୍ପର୍କ, ଯଥା- ଅକ୍ଷୟ ତୃତୀୟାରେ ଧାନବୁଣା ଅନୁକୂଳ, ଧାନବୁଣା ପରେ ରଜ ଉତ୍ସବ, ଚାଷ କାର୍ଯ୍ୟ ଚାଲିଥିବା ସମୟରେ ଚିତାଲାଗି ଅମାବାସ୍ୟା ଓ ଗୋ-ପୂଜନ ସହିତ ଗହ୍ମା ପୂର୍ଣ୍ଣିମା, ପଶ୍ଚିମ ଓଡ଼ିଶାର ନବାହ୍ନ ଭକ୍ଷଣ, ଧାନ ଗର୍ଭ ସମୟରେ ଗର୍ଭଣା ସଂକ୍ରାନ୍ତି, ପ୍ରଥମ ଶସ୍ୟ ଉତ୍ପାଦନରେ ମାଣବସା, ଧାନ ଅମଳ ପରେ ମକର ସଂକ୍ରାନ୍ତି ଇତ୍ୟାଦି। ଶ୍ରୀମନ୍ଦିରଠାରୁ ଆରମ୍ଭ କରି ପ୍ରତି ଗୃହରେ ପାଳିତ ହେଉଥିବା ଏହି ଗଣପର୍ବ ଚିତାଲାଗି ଅମାବାସ୍ୟା ଆମର ଦ୍ୱିତୀୟ ଜନନୀ ଭାବେ ଅଭିହିତା ମାଟି ମା'ର ପୂଜନ ସହିତ ପ୍ରକୃତି କୋଳରେ ବିଚରଣ କରୁଥିବା ଜଳଚରମାନଙ୍କ ପ୍ରତି ଆମର ସମ୍ବେଦନଶୀଳତାର ପରିଚୟ ବହନ କରିବା ସଙ୍ଗେ ସଙ୍ଗେ ଉତ୍ତର ପିଢ଼ି ପାଇଁ ସୃଷ୍ଟି କରିଥାଏ ଏକ ଉନ୍ନତ ପରମ୍ପରା। ❐

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ



**ପରଜଙ୍ଗ,୨୩।୭/ଏନ୍‌ଏନ୍‌ଏସ୍:** ପରଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ ସରକାରୀ ଜମିକୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, କନ୍ଦର ସିଂହା ରାଜସ୍ୱ ନୀରିକ୍ଷକ ଆଶିଷ କୁମାର ଦେହୁରୀ, ପରଜଙ୍ଗ ଥାନା ଆଇ ଆଇ ସି ଧିରେନ୍ କୁମାର ବେହେରା ଓ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ କନ୍ଦର୍ ସିଂହା ଭାଲୁମୁଣ୍ଡା ଛକ ଠାରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହୋଇଛି । ପୂର୍ବରୁ ତହସିଲ ପକ୍ଷରୁ ନୋଟିସ ମାଧ୍ୟମରେ ଜଣାଇଥିଲେ । ଜବର ଦଖଲକାରୀମାନେ ଉପସ୍ଥିତ ଥିଲେ ମଧ୍ୟ ଶାନ୍ତି ଶୃଙ୍ଖଳା ସହ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଥିଲା । ଛକ ଠାରେ ଦୋକାନ କରି କିଛି ବ୍ୟବସାୟୀ ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ପ୍ରଶାସନ ତାଙ୍କ ପରିବାର ପ୍ରତି ଅନ୍ୟାୟ ହୋଇଥିବା ଅସନ୍ତୋଷ ପୂର୍ବକ ମତ ପ୍ରକାଶ କରିଥିଲେ । ଆଗାମୀ ଦିନରେ ବ୍ୟବସାୟ ପାଇଁ ଥାଇଥାନର ବ୍ୟବସ୍ଥା କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ପୂର୍ତ୍ତ ବିଭାଗ ରାସ୍ତା କାମ ସାରିବାକୁ ଦାବି

**ଧର୍ମଶାଳା,୨୩।୭/ଏନ୍‌ଏନ୍‌ଏସ୍:** ସରକାରଙ୍କ ପକ୍ଷରୁ ଲୋକମାନଙ୍କ ଗମନାଗମନ ସୁବିଧା ପାଇଁ ବିଭିନ୍ନ ରାସ୍ତା ଗୁଡ଼ିକୁ ପ୍ରଶସ୍ତି କରଣ ନିମନ୍ତେ ପୂର୍ତ ବିଭାଗ ଅଧିନରେ କୋଟି କୋଟି ଟଙ୍କାର ଟେଣ୍ଡର କରାଯାଇ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟ କରିବାର ବ୍ୟବସ୍ଥା ରହିଛି । ହେଲେ ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନ ମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । କେଉଁଠି କାର୍ଯ୍ୟ ହେବାର ଛ ମାସ ଭିତରେ ରାସ୍ତାରୁ ପିଚୁ ଉଠି ଯାଉଛି ତ ଆଉ କେଉଁଠି ରାସ୍ତା ଦବି ଯାଉଛି । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବା ବେଳେ ଏହି ପୂର୍ତ୍ତ ବିଭାଗର ଖାମଖିଆଲି ନୀତି ଯୋଗୁ ଧର୍ମଶାଳା ନିର୍ବାଚନମଣ୍ଡଳୀର ସାଧାରଣ ଲୋକେ ହିନସ୍ତା ଭୋଗୁଥିବା ଅଭିଯୋଗ ହୋଇଛି । ପର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ଗୁଡିକ ମଧ୍ୟରୁ ବିଭିନ୍ନ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇ ଅଧାରେ ଅଟକି ରହି ଥିବା ବେଳେ ଆଉ କେଉଁଠି କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । ୨୦୨୩ ଡିସେମ୍ବର ମାସରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ନିର୍ବାଚନ ମଣ୍ଡଳୀର ୧୨ଟି ସ୍ଥାନରେ ୧୬୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ରାସ୍ତାର ପ୍ରଶସ୍ତି କରଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା । ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨୨କୋଟି ୩୯ଲକ୍ଷ, ବେଦପୁର-ଜନକ ରାସ୍ତା ପାଇଁ ୨୨କୋଟି ୨୦ଲକ୍ଷ, ଧର୍ମଶାଳା-କାଏମା ରାସ୍ତା ପାଇଁ୧୮କୋଟି ୪୨ଲକ୍ଷ, କୁଆଖିଆ-ଜେନାପୁର ରାସ୍ତା ପାଇଁ ୧୮କୋଟି ୨୯ଲକ୍ଷ, ଧର୍ମଶାଳା-କବାଟବନ୍ଧ ରାସ୍ତା ପାଇଁ ୧୭କୋଟି ୪୦ଲକ୍ଷ , ବଡ଼ କାଏମା ନରସିଂହପୁର ରାସ୍ତା ପାଇଁ ୧୫କୋଟି ୧୭ଲକ୍ଷ, ଧର୍ମଶାଳା ବାଇପାସ ରାସ୍ତା ପାଇଁ ୧୪କୋଟି ୬୪ଲକ୍ଷ, କେ.ଜି.ବିଡିବି ରାସ୍ତା ୯କୋଟି ୯୫ଲକ୍ଷ, କବାଟବନ୍ଧ ମଞ୍ଜୁରୀପଡା ରାସ୍ତା ପାଇଁ ୮କୋଟି ୭୬ଲକ୍ଷ, ବାରବାଟୀ-ସିଂହାପୁର ରାସ୍ତା ପାଇଁ ୭କୋଟି ୬୬ଲକ୍ଷ, ନାକପୋଲ ମାଣିଆ ରାସ୍ତା ପାଇଁ ୩କୋଟି ୯୮ଲକ୍ଷ ଏବଂ ନେଉଳପୁର-ହରିଦାସପୁର ରାସ୍ତା ପାଇଁ ୨କୋଟି ୯୧ଲକ୍ଷ ଟଙ୍କା ମୋଟ ୧୨ଗୋଟି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା । ହେଲେ ଏହି ସବୁ କାର୍ଯ୍ୟରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ସେଥି ମଧ୍ୟରୁ ଧର୍ମଶାଳା-କାଏମା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଯାହା ଫଳରେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇଛି ନାନା ପ୍ରକାର ସମସ୍ୟା ଦେଖାଦେଉଛି ।

## ସ୍ୱାସ୍ଥ୍ୟବିଭାଗ ଷ୍ଟାଣ୍ଡିଂ କମିଟିର ତାଳଚେର ଗସ୍ତ



**ତାଳଚେର,୨୩।୭/ଏନ୍‌ଏନ୍‌ଏସ୍:** ଆଜି ସ୍ୱାସ୍ଥ୍ୟବିଭାଗ ଷ୍ଟାଣ୍ଡିଂ କମିଟି ତାଳଚେର ଗସ୍ତରେ ଆସିଥିଲେ । କମିଟି ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ପହଞ୍ଚି ରୋଗୀସଂଖ୍ୟା ଦେଖିବା ସହ ଡାକ୍ତର ଅଭାବ, ଭିତିଭୂମି ଓ ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ । ଏହାପରେ ସେ ପବିତ୍ର ମୋହନ ମେଡିକାଲ କଲେଜକୁ ଯାଇ ଅବସ୍ଥା କିପରି ଅଛି ପରିଦର୍ଶନ କରିଥିଲେ । ଏହି ମେଡିକାଲ କଲେଜଟି ଶୀଘ୍ର ଚାଲୁହେବ, କେଉଁକେଉଁ ସରଞ୍ଜାମ ଆବଶ୍ୟକ ଓ ଆନୁସାଙ୍ଗିକ ବ୍ୟବସ୍ଥା ଉପରେ ସରକାରଙ୍କୁ ଜଣାଇବେ ବୋଲି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ପର୍ଜଙ୍ଗ ବିଧାୟକ ଏହା ପ୍ରକାଶ କରିଥିଲେ । ପ୍ରକାଶ ଏହି ମେଡିକାଲ କଲେଜଟି ଏମସିଏଲ ପକ୍ଷରୁ ପ୍ରାୟ ୧୬ଶହ କୋଟି ଟଙ୍କା ଏହାର ନିର୍ମାଣ ଓ ୫ବର୍ଷ ପାଇଁ ଆନୁସାଙ୍ଗିକ ଖର୍ଚ୍ଚ ସିଏସଆର ଅର୍ଥରୁ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇ ପାରିନଥିବାରୁ ଅଞ୍ଚଳବାସୀଙ୍କ ମନରେ ଏହାକୁ ନେଇ ଦ୍ୱନ୍ଦ ଉପୁଜିବା ସହ ଏହା କେବେ କାର୍ଯ୍ୟକ୍ଷମ ହେବାନେଇ ଆଶା ଆଶାଙ୍କା ଦେଖାଦେଇଛି । ବିଭିନ୍ନ ସରକାରୀ ଡାକ୍ତରଖାନାରୁ ମାତ୍ର ପିରିଓଡ଼ିକାଲ୍ ଭାବେ ୨୮ଜଣ ଡାକ୍ତରଙ୍କୁ ମେଡ଼ିକାଲ କଲେଜରେ ନିଯୁକ୍ତି ମିଳିଥିବା ବେଳେ ଆବଶ୍ୟକ ଡାକ୍ତର ନଥିବାରୁ ରୋଗୀମାନେ ସେଠାରୁ ମୁହଁ ଫେରାଇ ନେଉଛନ୍ତି ବୋଲି ଅଭିଯୋଗ ହେଉଛି । ଏହାକୁ ନେଇ ଆଜି ଘଣ୍ଟାପଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ଉକ୍ତ ମେଡ଼ିକାଲକୁ ଆମ୍ବୁଲାନ୍ସ ସେବା ଯୋଗାଇଦେବା, ସାପ କାମୁଡ଼ା, କୁକୁର କାମୁଡ଼ା ଓ ସ୍ୱତନ୍ତ୍ରଭାବେ ଡ଼େଙ୍ଗୁ ୱାର୍ଡ଼ କରିବା ନେଇ ଷ୍ଟାଣ୍ଡିଂ କମିଟିକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ୧୩ଜଣିଆ ଷ୍ଟାଣ୍ଡିଙ୍ଗ କମିଟିରେ ଜଏଣ୍ଟ ସେକ୍ରାଟାରୀ ବିଦ୍ୟାଧର ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଧାୟିକା ପ୍ରମିଳା ମଲ୍ଲୀକ, ସୀମାରାଣୀ ନାଏକ, ପ୍ରଶାନ୍ତ ବେହେରା, ଉମାଶାଙ୍କର ମଲ୍ଲୀକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ମୋହନ ନାଏକ, ଗୌତମବୁଦ୍ଧ ଦାସ, ରୂପେଶ ପାଣିଗ୍ରାହୀ, ସତ୍ୟଜିତ୍ ଗମାଙ୍ଗ, ବିଜୟ ଦଳବେହେରା ଓ ଅନୁଗୋଳ ଜିଲ୍ଲାପାଳ ପ୍ରମୁଖ ଦିନିକିଆ ଗସ୍ତରେ ଆସି ପରିଦର୍ଶନ କରି ଫେରି ଯାଇଥିବା ଜଣାପଡ଼ିଛି ।

## ଶାରୀରିକ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଯାଜପୁର,୨୩।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଣ୍ଟିପୁର ପଞ୍ଚାୟତ ଅଧିନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କଣ୍ଟିପୁର ପରିସରରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଞ୍ଝାରପୁର ମଣ୍ଡଳ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଦ୍ୱରା ଆୟୋଜନା ହୋଇଥିବା ସଭାରେ ଗଣେଷ ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ପତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ଧଳ, ଗୁରୁଚଣ ଥାଟୋଇ, ବେଣୁଧର ଜେନା, ରାଜେନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ମହାନ୍ତି, ନିରଞ୍ଜନ ସାହୁ, କିଶୋର ଚନ୍ଦ୍ର ମଲ୍ଲିକ, ତପନ କୁମାର ସାମଲ, ନିରଞ୍ଜନ ବେହୁରିଆ, ପ୍ରମୋଦ କୁମାର ବିଶ୍ୱାଳ ଜୁନିଅର ରେଡ କ୍ରସ ଅଫିସର ଶଙ୍କର୍ଷଣ ବେହେରା, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ରାଜେଶ କୁମାର ସେଠୀ, ବଞ୍ଝାରପୁର ମଣ୍ଡଳ ସମ୍ପାଦକ ସେକ ସମିମ, ଭାରତ ଚନ୍ଦ୍ର ନାୟକ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଦାଶଙ୍କ ଗୁଣଗାନ କରିଥିଲେ । ବିଦାୟୀ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଦାଶଙ୍କୁ ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ଦାସ, ଚନ୍ଦ୍ରମଣି କର, ଲିପିକା ଦାସ, କୈବଲ୍ୟ ପ୍ରସାଦ ପଣ୍ଡା, ରଶ୍ମୀ ରଞ୍ଜନ ଓଝା, ଭକ୍ତ ହରି ସାହୁ, ଶ୍ରାବଣୀ ରାଉତ, ଶତାବ୍ଦୀ ତନୟା ଦାସ, ଶିବାନୀ ରାଉତ, ଅଭିଳାଷ ଦାସ, ଶମ୍ଭୁନାଥ ବେହେରା, ବିଶ୍ୱମ୍ବର ମଲ୍ଲିକ, ମହେଶ୍ୱର ବେହେରା, ପ୍ରଶାନ୍ତ ମଲ୍ଲିକ, ସୁଧାଂଶୁ ସାମଲ, ହରେଶ ଦାସ, ରାହୁଲ କୁମାର ବେହେରା, ଦୀନେଶ ମାଝୀ, ପ୍ରଦୀପ ପରିଡା ପରିଚାଳନା କରିଥିଲେ । ବିଞ୍ଝାରପୁର ବ୍ଲକ କ୍ରୀଡ଼ା ସଂଗଠନର ସମସ୍ତ ସଦସ୍ୟ ଏବଂ ବିବେକାନନ୍ଦ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଶେଷରେ ଗୌରାଙ୍ଗ ପରିଡା ଧନ୍ୟବାଦ ଦେଇଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଢେଙ୍କାନାଳ,୨୩।୭/ଏନ୍‌ଏନ୍‌ଏସ୍:** ହିନ୍ଦୋଳ ବ୍ଲକ୍ ରାସୋଳ ଥାନା ନବକିଶୋରପୁର ପଞ୍ଚାୟତ ଅନ୍ତର୍ଗତ ଖଇରାବାହାଳୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ପ୍ରକାଶ,ମଙ୍ଗଳବାର ଦିନ ଅପରାହ୍ନ ସମୟରେ ଖଇରାବାହାଳୀ ଗ୍ରାମର ବୃନ୍ଦାବନ ନାଏକ ଓରଫ ଗୋକୁଳା (୫୦) ନାମକ ଏକ ବ୍ୟକ୍ତି ବିଲରୁ କାମ ସାରି ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେ ଫେରିବା ବିଳମ୍ବ ହେବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ଦେଖିବାକୁ ପାଇଥିଲେ କି ପୋଖରୀରେ ତାଙ୍କର ମୃତଦେହ ଭାସୁଛି । ଏ ସଂପର୍କରେ ଲୋକମାନେ ରାସୋଳ ଦମକଳବାହିନୀକୁ ଖବର ଦେବାରେ ସେ ଘଟଣାସ୍ଥଳରେ ପହଞ୍ଚି ପୋଷ୍ଟମର୍ଟମ ପାଇଁ ଶବକୁ ହିନ୍ଦୋଳ ଉପଖଣ୍ଡ ମେଡ଼ିକାଲକୁ ନେଇଥିବା ଜଣାପଡ଼ିଛି । ଏ ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଘଟ ହେବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

### ପାଟନାଳୀ ପୋଲକୁ ନାହିଁ ସଂଯୋଗୀକରଣ ରାସ୍ତା

## ଛାତ୍ରଛାତ୍ରୀଙ୍କୁ ଭରସା ବାଉଁଶ ପୋଲ

**ଚାନ୍ଦୋଳ,୨୩।୭/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମ ମଧ୍ୟ ଦେଇ ଯାଇଥିବା ୨୧ ନଂ ପାଟନାଳୀ ଉପରେ କେନ୍ଦ୍ରାପଡ଼ା ବିଭାଜନ-୨ ପକ୍ଷରୁ ଏଠାରେ ପାଟନାଳୀ ଉପରେ ରହିଥିବା ଅଣଓସାରିଆ ବିପଦସଙ୍କୁଳ ପୋଲକୁ ଭାଙ୍ଗି ଏକ ନୂତନ ପୋଲ ନିର୍ମାଣ କରାଯାଉଛି । ହେଲେ ଦୀର୍ଘ ୧ ମାସ ପୂର୍ବରୁ ଏହି ପୋଲର ନିର୍ମାଣ କାର୍ଯ୍ୟ ଠିକାଦାର ଜଣକ ସାରିଦେଇଥିଲେ ମଧ୍ୟ ଅଦ୍ୟାବଧି ଏହାର ସଂଯୋଗୀକରଣ ରାସ୍ତା ନିର୍ମାଣ କରିନଥିବାରୁ ସ୍ଥାନୀୟ ପ୍ରାୟ ୪ଟି ପଞ୍ଚାୟତବାସୀ ଗମନାଗମନ ନିମନ୍ତେ ନାହିଁନଥିବା ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳିଛି । ତେବେ ସବୁଠାରୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଥକେଇନେଉଳି ନିକଟରେ ରହିଥିବା ଗୋପାଳଜୀଉ ପାଟଣା ପ୍ରାଇମେରୀ ସ୍କୁଲର କୋମଳମତି ଛାତ୍ରଛାତ୍ରୀମାନେ । ବିଦ୍ୟାଳୟଟି ପାଟନାଳୀର ଅପରପାର୍ଶ୍ୱର ରହିଥିବା ବେଳେ ବିଦ୍ୟାଳୟକୁ ଯିବା ଆସିବା କରିବା ନିମନ୍ତେ ସେମାନେ ଏକ ବାଉଁଶ ସିଡ଼ିର ବ୍ୟବହାର କରୁଛନ୍ତି । ଗତ ମାସକ ତଳେ ପୋଲ ନିର୍ମାଣ ନିମନ୍ତେ ଠିକାଦାର ଜଣକ ସଠିକ୍ ଢ଼ଙ୍ଗରେ ଆପ୍ରୋଚ ରୋଡ୍ କରିନଥିବା ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ବାହାରିଥିଲା । ସେତେବେଳେ ପାଟନଳୀରେ ଆଦୌ ପାଣି ନଥିଲା ଓ ସ୍କୁଲ ମଧ୍ୟ ଛୁଟି ରହିଥିଲା । ଫଳରେ ଯନ୍ତ୍ରୀ ଓ ଠିକାଦର ଏହାକୁ ଭୃକ୍ଷେପ କରିନଥିଲେ । ଏବେ ଗତ କିଛିଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି । ସମସ୍ତ ଗହିରମାନଙ୍କରୁ ପାଣି ନିଷ୍କାସନ ହୋଇ ଏବେ ପାଟନାଳୀ ଫୁଲି ଉଠିଛି । ଯାହା ଫଳରେ ଠିକାଦର ନିର୍ମାଣ କରିଥିବା ଅପ୍ରୋଚ ରୋଡ୍‌ଟି ଏବେ ସମ୍ପୂର୍ଣ୍ଣ ପାଣି ବୁଡ଼ି ଧୋଇ ଯାଇଛି । ମାତ୍ର ଘର ପାଖରୁ କେଇ ମିଟର ଦୂରରେ ରହିଥିବା ବିଦ୍ୟାଳୟକୁ ଅନ୍ୟ ରାସ୍ତାରେ ପାଖାପାଖି ଦେଢ଼ରୁ ୨ କିଲୋମିଟର ବାଟ ବୁଲି ଯିବାକୁ ପହଞ୍ଚିବାକୁ ପଡ଼ିବ ।ହେଲେ କେହି ଏହି ପୋଲର ଦୁଇ କଡ଼ରେ ବାଉଁଶ ବାନ୍ଧି ଶିଡ଼ି ନିର୍ମାଣ କରିଦେଇଛି । କୋମଳମତି ଛାତ୍ରଛାତ୍ରୀମାନେ ବଡ଼ ବିପଦ ସଙ୍କୁଳ ଅବସ୍ଥାରେ ଏହି ବାଉଁଶ ଶିଡ଼ି ବାଟ ଦେଇ ଚଢ଼ି ପୋଲ ଉପରକୁ ଉଠି ପୁଣି ଆରପଟେ ବାଉଁଶ ଶିଡ଼ିରେ ଓହ୍ଲାଇ ସ୍କୁଲକୁ ଯାଉଛନ୍ତି । ଯଦି ସାମାନ୍ୟ ଅସାବଧାନ ହେବ ତାହେଲେ କଥା ସରିଲା କୋମଳମତି ପିଲାଟି ପୋଲ ତଳେ ଥିବା ଅଥଳ ପାଣିରେ ପଡ଼ି ବୁଡ଼ିଯିବା ନିଶ୍ଚିତ । ଏ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଅବଗତ କଲେ ମଧ୍ୟ ବିଭାଗୀୟ ଅଧିକାରୀ ନିଦା ବିଷ୍ଣୁ ସାଜି ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରୁନାହାଁନ୍ତି । ତେଣୁ ସ୍ଥାନୀୟ କାଉପଡ଼ା, ଚାଟରାଚକଡ଼ା, ଗୋଲରାହାଟ, ପଲେଇ ଇତ୍ୟାଦି ପଞ୍ଚାୟତର ଜନସାଧାରଣ ଯାତାୟତ ନିମନ୍ତେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ଗତ ଚାରିପାଞ୍ଚ ଦିନ ହେବ ଏହି ପୋଲର ଦୁଇକଡ଼ରେ ରିଟର୍ଣ୍ଣ ୱାଲ ନିର୍ମାଣ ହୋଇଛି । ତା ଉପରେ ସଙ୍ଗେ ସେଙ୍ଗ ପୋତି ଦେଲେ ଏହି ରିଟର୍ଣ୍ଣ ୱାଲ କ୍ଷତିଗ୍ରସ୍ତ ହେବ । ତେବେ ଆଉ ଦୁଇଦିନ ପରେ ଆମେ ପୋଲର ଦୁଇ ପଟକୁ ପୋତି ଆପ୍ରୋଚ ରୋଡ୍ ନିର୍ମାଣ କରିଦେବୁ ବୋଲି କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଗତ ଏକ ମାସ ହେବ ଠିକାଦାର ଜଣକ ପୋଲ କାମ ସାରିଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାହିଁକି ଦୁଇପଟର ରିଟର୍ଣ୍ଣ ୱାଲ ନିର୍ମାଣ କରିନଥିଲା ? ଏହି ଗୁରୁତ୍ୱପୂର୍ଣ୍ଣ ପୋଲଟିର ନିର୍ମାଣ ପ୍ରତି ଠିକାଦାର ଓ ଯନ୍ତ୍ରୀଙ୍କ ଏତେ ଅବହେଳା କାହିଁକି ବୋଲି ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି । ତେଣୁ ତୁରନ୍ତ ଏହି ପୋଲର ଆପ୍ରୋଚ ରୋଡ୍ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ଅସହ୍ୟ ଗରମରେ ୭ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶୁଘାତର ଶିକାର



**ରାଜନଗର,୨୩।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ସଦର ମହକୁମା ସ୍ଥିତ ରାଜନଗର ଉଚ୍ଚ ବିଦ୍ୟାଳୟରେ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ଗରମ ଗୁଳୁଗୁଳି ଯୋଗୁଁ ମଧ୍ୟାହ୍ନ ସମୟରେ ହାଇସ୍କୁଲର ନବମ ଶ୍ରେଣୀର କିଛି ଛାତ୍ରୀ ଅଂଶୁଘାତର ଶିକାର ହୋଇଥିଲେ । ସେମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସିତ ହେବା ପରେ ଘରକୁ ଫେରିଥିବା ଜଣାପଡିଛି । ଅସହ୍ୟ ଗରମ ଓ ଗୁଳୁଗୁଳି ସେମାନେ ସହ୍ୟ କରିପାରିନଥିଲେ । ନବମ ଶ୍ରେଣୀର ଛାତ୍ରୀମାନେ ଜଣକ ପରେ ଜଣେ ଏମିତି ଅଚେତ ହୋଇ ଅଂଶୁଘାତର ଶିକାର ହୋଇଥିବା ଜଣାପଡିଛି । ସେମାନେ ହେଲେ ଶୁଚିସ୍ମିତା ସେଠୀ, ତନୁଶ୍ରୀ ଦାସ ,ଦୀପା ମଳିକ, ପୂର୍ଣ୍ଣିମା ପ୍ରଧାନ, ମାମୁନି ଦାସ, ପୂର୍ଣ୍ଣଶ୍ରୀ ପ୍ରଧାନ ଓ ପ୍ରିୟଙ୍କା ବିଶ୍ୱାଳ । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଛଟେଇଙ୍କ କହିବା ଅନୁଯାୟୀ ଛାତ୍ରୀମାନେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା କହିଥିଲେ । ଆମେ ସେମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲୁ । ଆମ ବିଦ୍ୟାଳୟ ପରିସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାଠ ପଢୁଥିବାରୁ ଆମ ଛାତ୍ରଛାତ୍ରୀ ମାନଙ୍କୁ ସ୍ଥାନାଭାବ ହେଉଛି ବୋଲି କହିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ହାଇସ୍କୁଲର ଛାତ୍ରୀମାନେ ଆଜିର ଅତ୍ୟଧିକ ଗରମ ଗୁଳୁଗୁଳି ଯୋଗୁଁ ଅଂଶୁଘାତର ଶିକାର ହୋଇଥିଲେ । ସେମାନଙ୍କୁ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଘ୍ର ଆଣି ଭର୍ତ୍ତି କରିଥିଲେ । ସେମାନଙ୍କୁ ତୁରନ୍ତ ଚିକିତ୍ସା । କରାଯାଇଥିଲା । ସେମାନେ ସୁସ୍ଥ ହୋଇ ଫେରିଯାଇଥିବା କହିଛନ୍ତି ।

### ଚାଳ ଛପର ଘରକୁ ପାଲ ଭରସା

## ରଞ୍ଜନଙ୍କୁ କେବେ ମିଳିବ ସରକାରୀ ଆବାସ



**ଚାନ୍ଦୋଳ,୨୩।୭/ଏନ୍‌ଏନ୍‌ଏସ୍:** ସରକାର ଗ୍ରାମାଞ୍ଚଳର ଗରିବ ଚାଳ ଘରେ ରହିଥିବା ସମସ୍ତ ହିତାଧିକାରୀଙ୍କୁ ଅନ୍ତୋଦୟ ଆବାସ ଯୋଜନାରେ ପକ୍କା ଗୃହ ଯୋଗାଇ ଦେବେ । ଏଥିପାଇଁ ବ୍ଲକ ଓ ପଞ୍ଚାୟତସ୍ତରର ସରକାରୀ କର୍ମଚାରୀମାନେ ଗାଁ କୁ ଗାଁ ଘରକୁ ଘର ଯାଇ ସର୍ଭେ କରୁଛନ୍ତି । ଯେପରିକି କୌଣସିବି ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିବନି । ତେବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ କୁଶିଆପାଳ ଗ୍ରାମର ରଞ୍ଜନ କୁମାର ସାହୁଙ୍କ କ୍ଷେତ୍ରରେ । ଏକ ତିନି ବଖରା ଚାଳ ଛପର ଘରେ ରହନ୍ତି ରଞ୍ଜନ, ତାଙ୍କ ସ୍ତ୍ରୀ ଉର୍ମିଳା, ଗୋଟିଏ ପୁଅ ଓ ଗୋଟିଏ ଝିଅ । ରଞ୍ଜନ ଗ୍ରାମରେ ଚାଷବାସ କରିବା ସହିତ ପରର ମୂଲଲାଗି ନିଜ ପରିବାରର ଭରଣ ପୋଷଣ କରିଥାନ୍ତି । ଏପଟେ ସେ ଯାହା ରୋଜଗାର କରନ୍ତି ତାଙ୍କ ଚାରିପ୍ରାଣୀ କୁଟୁମ୍ବକୁ ଦାନା ଦେବା ପାଛେଁ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଯାଇଥାଏ । ଫଳରେ ଅର୍ଥ ଅଭାବରୁ ସେ ତାଙ୍କ ଚଳ ଘର ଛପର କରୁନାହାଁନ୍ତି । ଏପରି ସ୍ଥିତିରେ ଚଳିତ ଲଘୁଚାପ ବର୍ଷାରେ ତାଙ୍କ ଚାଳ ଛପର ଘର କଣା ହୋଇ କାନ୍ଥ ଉପରେ ପାଣି ଗଳିବାରେ ଲାଗିଛି । ବାଧ ହୋଇ ସେ ଧାର ଉଧାର କରି ପାଲ ଦୁଇଖଣ୍ଡ କିଣି ଚାଳ ଉପରେ ପକାଇ କାନ୍ଥକୁ ରକ୍ଷା କରିଛନ୍ତି । ତେବେ ପାଣିପାଗ ବିଭାଗର ସତର୍କ ସୂଚନା ଆସନ୍ତା ୨୩ରୁ ଲଘୁଚାପ ବର୍ଷା ପ୍ରବଳ ବର୍ଷିବ ବୋଲି ଶୁଣି ସେ ଓ ତାଙ୍କ ପରିବାର ବିଚଳିତ ହୋଇପଡ଼ିଛନ୍ତି । ଯଦି ଲଘୁଚାପ ବର୍ଷା ଓ ପବନ ଅଧିକ ହୁଏ ତେବେ ତାଙ୍କ ଚାଳଘର ଉପରେ ପଡ଼ିଥିବା ପାଲଖଣ୍ଡିକ ମଧ୍ୟ ଉଡ଼ିଯିବ । ରଞ୍ଜନ ଏବଂ ତାଙ୍କ ସ୍ତ୍ରୀ ଉର୍ମିଳା ଏ ଲଘୁଚାପ ବର୍ଷାରେ ତାଙ୍କ କୁନିକୁନି ଛୁଆ ଦୁଇଟିଙ୍କୁ ଧରି କେଉଁଠି ମୁଣ୍ଡ ଗୁଞ୍ଜିବେ ବୋଲି ଚିନ୍ତାରେ ପଡ଼ିଛନ୍ତି । ତେବେ ରଞ୍ଜନ ଅନ୍‌ଲାଇନ୍‌ରେ ତାଙ୍କୁ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଆବେଦନ କରିଥିଲେ । ହେଲେ ପଦ୍ମ ଘଞ୍ଚି ଘୁଞ୍ଚି ଗଲା ପରି ତାଙ୍କ ଆବେଦନ କେବଳ ଅନ୍‌ଲାଇନ୍‌ରେ ହିଁ ରହିଛି । ନାଁ ତାଙ୍କ ଘରକୁ କେହି ଇନକ୍ୱାରି କରିବାକୁ ଯାଉଛନ୍ତି, ନା ତାଙ୍କ ଆବାସ ଯୋଜନାର କାର୍ଯ୍ୟାଦେଶ ମିଳୁଛି । ଏ ନେଇ ସେ ବାରମ୍ବାର ପଞ୍ଚାୟତ ଠାରୁ ବ୍ଲକ୍ ପ୍ରଶାସନ ଯାଏ ଦଉଡ଼ି ଦଉଡ଼ି ତାଙ୍କ ଚପଲ ଘୋରି ହୋଇଗଲାଣି ସିନା ଫଳ ଶୂନ । ତେଣୁ ତୁରନ୍ତ ଚାଳଛପର ଘରେ ରହୁଥିବା ରଞ୍ଜନଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କାଗୃହ ଖଣ୍ଡିଏ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ହନ୍ତସନ୍ତ



**ଢେଙ୍କାନାଳ,୨୩।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ଦୁରରେ ରହିଛି ବେଲଟିକିରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗଢି ଉଠିଥିଲା । ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ଦୁଇ ହଜାରରୁ ଅଧିକ ଗର୍ଭବତୀ ଓ ପ୍ରସୂତି ମହିଳା ରହିଛନ୍ତି । କିନ୍ତୁ ଦୁଃଖର ଦୀର୍ଘ ୭ ବର୍ଷ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ହେଲେ ବି ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇ ନଥିବାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ମାତ୍ର ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କାର୍ଯ୍ୟ କରୁଥିବା ସାଧାରଣ ଡାକ୍ତର କିମ୍ବା ଆୟୁଷ ଡାକ୍ତରମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ନିଯୁକ୍ତି ଦେଉଛନ୍ତି । ଯାହା ଫଳରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତ୍ୟେକ ମାସରେ ୬୦-୮୦ ଜଣ ଗର୍ଭବତୀ ମହିଳା ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଅନ୍ତର୍ଗତ ସୁବିଧା ପାଇବା ପାଇଁ ଆସିଥାନ୍ତି । କିନ୍ତୁ ଏହି କେନ୍ଦ୍ରରେ ପ୍ରସୂତି ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବା ଯୋଗୁଁ ମହିଳାମାନେ ଅନେକ ସମୟରେ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଯାହାକୁ ନେଇ ରୋଗୀ ଓ ସଂପର୍କୀୟଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପରିଚାଳିତ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ ଜଣ ବିଶେଷଜ୍ଞ ଡାକ୍ତର, ପାରାମେଡିକାଲ ଓ ଅନ୍ୟାନ୍ୟ ବିଭାଗରେ କର୍ମଚାରୀ ରହିବା କଥା । ସେଇ ଅନୁସାରେ ଡାକ୍ତର ଓ କର୍ମଚାରୀ ରହୁନଥିବା ଯୋଗୁଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନେକ ସମୟରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି । ତେବେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ସମସ୍ୟାକୁ ଦୃଷ୍ଟି ଦେବା ସହିତ କେନ୍ଦ୍ରରେ ଥିବା ସମସ୍ୟାର ସମାଧାନ କରିବା ଓ ପ୍ରସୂତି ବିଭାଗରେ ଜଣେ ବିଶେଷଜ୍ଞ ଡାକ୍ତର ନିୟୋଜିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବସ୍‌ରୁ ଖସି ଜଣେ ଯାତ୍ରୀ ମୃତ

**ଜଗତସିଂହପୁର,୨୩।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କୁଆଁର ବେଦି ନିକଟରେ ଅଘଟଣ । ଚଳନ୍ତା ଯାତ୍ରୀବାହୀ ବସରୁ ତଳକୁ ଖସି ପଡି ଜଣେ ଯାତ୍ରୀ ମୃତ । ମୃତ ବ୍ୟକ୍ତି ଜଣଙ୍କ ଗୋଡା ବିଶ୍ୱନାଥପୁର ଗାଁର ଗୌରାଙ୍ଗ ମହାନ୍ତି ୬୨ ବର୍ଷ । ଚକାଡୋଳା ନାମକ ଏକ ଘରୋଇ ବସ କଟକରୁ ଗାରିଆ ଅଭିମୁଖେ ଯାଉଥିବା ବେଳେ ଘଟିଲା ଦୁର୍ଘଟଣା । ଦୁର୍ଘଟଣା ଘଟାଇବା ପରେ ବସ୍ ସହ ଚାଳକ ବାଲିକୁଦା ଥାନାରେ କଲେ ଆତ୍ମସମର୍ପଣ । ଘଟଣା ସ୍ଥଳରେ ଉତ୍ତେଜନା ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କୁଆଖିଆ,୨୩।୭/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତ ହିଙ୍ଗୁଳା ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଭଦ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛ । ପ୍ରଧାନଶିକ୍ଷକ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ବିଇଓ ସୁଦର୍ଶନ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ଅତିଥି ଏବିଇଓ ଅରୁଣ କୁମାର ସେଠୀ ଶାନ୍ତିଲତା ରାଉତ, ସ୍ୱତନ୍ତ୍ର ବକ୍ତାଭାବେ ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ଯୋଗଦେଇ ଅକ୍ଷୟ ସାରଙ୍କ କାର୍ଯ୍ୟ ଦକ୍ଷତା ସେବା ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଆଲୋଷ୍ଟ ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ ସିଆରସି ବିଶ୍ୱଜିତ ସେଠୀ, ସରପଞ୍ଚ ପଦ୍ମାବତୀ ଭଦ୍ର, ସମିତି ସଭ୍ୟ ଅଭିରାମ ମଲ୍ଲିକ, ନାରାୟଣ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଜିତେନ୍ଦ୍ର ସାହୁ, ଚନ୍ଦ୍ରକାନ୍ତ ରଥ, ଧୀରେନ୍ଦ୍ର ସାହୁ, ବିଜୟ ଭଦ୍ର, ରବୀନ୍ଦ୍ର ମିଶ୍ର ଯୋଗଦେଇ ଅବସର ନେଇଥିବା ଅକ୍ଷୟ ବାବୁଙ୍କ ସେବା ସଂସ୍କାର ଛାତ୍ରବତ୍ସଳତା ଉପରେ କହିଥିଲେ ।

## ଦୁଇ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ବଡଚଣା,ଚଣ୍ଡିଖୋଲ,୨୩।୭/ଏନ୍‌ଏନ୍‌ଏସ୍:** ଚଣ୍ଡିଖୋଲ ଛକ ସନ୍ନିକଟ ନୀଳସୁନ୍ଦର୍ ସରକାରୀ ଉଚ୍ଚ ବିଦ୍ୟାଳୟ, ନେଉଳପୁରର କ୍ରୀଡ଼ା ଶିକ୍ଷ ବିଚିତ୍ର କୁମାର ରାଉତ ଓ ଉର୍ଦ୍ଧ୍ୱ ଶିକ୍ଷକ ମହମ୍ମଦ ୟୁନସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ବିଦ୍ୟାଳୟର ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନଶିକ୍ଷକ ବୃଷଭାନୁ ନାୟକ ଅଧ୍ୟକ୍ଷତା କରିଥଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରକଳ୍ପ ଅଧିକାରୀ ବିଷ୍ଣୁ ଚରଣ ସୁତାର, ସମ୍ମାନୀତ ଅତିଥି ଭାବେ ଧର୍ମଶାଳା ବ୍ଲକ ଶିକ୍ଷା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ । ସମ୍ମାନୀତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ର ସଭାପତି ବୀରବର ବେହେରା, ସଭ୍ୟ ସତ୍ୟ ନାରାୟଣ ବେହେରା, ପଞ୍ଚାନନ ରାଉତ, ପୁରାତନ ଛାତ୍ର ସଂସଦ ସଭାପତି ବିଜୟ କୁମାର ରାମ୍, ସାଧନା କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ବେହେରା, ଶରତ କୁମାର ଦାସ, ପୁର୍ବତନ ସରପଞ୍ଚ ଦିବାକର ବେହେରା, ସେକ ଜାହାଙ୍ଗୀର ଚାନ୍ଦ, ପ୍ରମୁଖ ଯୋଗଦେଇ ଥିଲେ । ସମସ୍ତ ଅତିଥି ମାନେ ମଞ୍ଚାସିନ ହେବା ପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବର ପରିଚାଳନାରେ ସଗାରିକା ମହାକୁଡ, ଶୁଭଶ୍ରୀ ଜେନା, ୱାସମିନ ପର୍ବୀନ ଓ ଅଜୟ କୁମାର ଖୁଣ୍ଟିଆ ସମ୍ପୂର୍ଣ୍ଣ ଭତ୍ୱେ ସହଯୋଗ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ବିଦାୟୀ ସଂଗୀତ ଗାନ କରିଥିଲେ ।

## ମଧୁବାବୁ ପେନସନ୍ ପାଇଁ ଦମ୍ପତି ନୟାନ୍ତ

**ତାଳଚେର,୨୩।୭/ଏନ୍‌ଏନ୍‌ଏସ୍:** ତାଳଚେର ପୌରପରିଷଦ ଅନ୍ତର୍ଗତ ୯ନମ୍ବର ୱାର୍ଡ଼ ଜାମ୍ବୁବଣିଆ ସାହିର ବସନ୍ତ ସାହୁ (୭୩)ବର୍ଷରେ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟ ଦୌଡ଼ିଦୌଡ଼ି ଅଣାୟତ ହୋଇଥିଲେ ମଧ୍ୟ ସେ ମଧୁବାବୁ ପେନସନ୍ ଯୋଜନାରୁ ବଞ୍ଚିତ ହୋଇ ନାହିନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟାଳୟକୁ ବୁଝିବାକୁ ଗଲେ ବାବୁ ଭାୟାମାନେ ତାରିଖ ପରେ ତାରିଖ ଗଡ଼ାଇ ଚାଲିଥିବା ବେଳେ କେବେ ସେ ଏହି ପେନ୍‌ସନ୍‌ରେ ଅନ୍ତର୍ଭୁକ୍ତ ହେବେ ତାହା କେବଳ ଦେଖିବାକୁ ବାକି ରହିଲା । ଏ ବୟସରେ ବିଭିନ୍ନ ଅସୁବିଧାକୁ ସାମ୍ନାକରି ଆଜକୁ ଦୀର୍ଘ ବର୍ଷ ହେବ ଏହି ଯୋଜନା ପାଇଁ ପୌରପାଳିକା କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କର ଭତା ଗଣ୍ଡିକ ନହୋଇ ପାରିବା ପରିତାପର ବିଷୟ ହୋଇଛି । ସେହିପରି ଶ୍ରୀ ସାହୁଙ୍କ ଧର୍ମପତ୍ନୀ ବାସନ୍ତୀ ସାହୁ ସେହି ଭତା ପାଇଁ ଦରଖାସ୍ତ ଦେଇଥିଲେ ହେଁ ପରିସ୍ଥିତ ସମାନ ବୋଲି ସେମାନେ ଏହା ଅଭିଯୋଗ କରିଛନ୍ତି । ତେବେ ଯାହା ଶୁଣାଯାଏ ଅନେକ ବୃଦ୍ଧବୃଦ୍ଧା ଏହି ପେନସନ୍ ପାଇଁ ବିଭିନ୍ନ କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ ଏଥିରୁ କେହି କେହି ବଂଚିତ ହୋଇ ଆରପାରିକୁ ଚାଲି ଯାଉଥିବା ବେଳେ ଆଉ କେହି ଏଭଳି ସଂଗ୍ରାମ କରି ଚାତକ ପକ୍ଷୀ ପରି ଅନାଇ ବସିଛନ୍ତି । ଏସମ୍ପର୍କରେ ପୌରଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଏଥିରେ ସମ୍ପୃକ୍ତ ଅଧିକାରୀଙ୍କୁ ସାକ୍ଷାତ କର ବୋଲି ଶ୍ରୀ ସାହୁ ଏହା ପ୍ରକାଶ କିଛନ୍ତି ।

# ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଆହତ

**ମୁଖୁପାଡ଼ା, ୨୩।୭/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନ ୮ଟା ବେଳେ ଇନପୌଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡା ପୁରୁଣା ଟୋଲଗେଟ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଗୋଟିଏ ମୋଟରସାଇକଲ ପଛରେ ଏକ ଟ୍ରକ ଧକ୍କା ଦେବାରୁ ଭଉଣୀର ମୃତ୍ୟୁ ଘଟିଛି । ମୃତ ଯୁବତୀ ଜଣକ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା କେଶିଆପାଲି ଗ୍ରାମର ଅନନ୍ତ ନାଏକଙ୍କ ଝିଅ ସୁମିତ୍ରା ସାମନ୍ତରାୟ (୨୨) । ମିଳିଥିବା ସୂଚନା ଅନୁସାରେ ଗତକାଲି ଭାଇ ଆଶିଷ ଓ ଭଉଣୀ ସୁମିତ୍ରା କୌଣସି କାମରେ ଭୁବନେଶ୍ୱର ଆସିଥିଲେ । ଆଜି ପୂର୍ବାହ୍ନ ୮ଟା ବେଳେ ଭାଇ ଓ ଭଉଣୀ ଏକ ମୋଟରସାଇକଲ ଯୋଗେ ଭୁବନେଶ୍ୱରରୁ ନିଜ ଗାଁ ରଣପୁର ଯାଉଥିଲେ । ଗଙ୍ଗପଡା ପୁରୁଣା ଟୋଲ ଗେଟ ନିକଟରେ ପଛରୁ ଆସୁଥିବା ଏକ ଆଇରନ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ଧକ୍କାଦେବା ପରେ ସୁମିତ୍ରା ରାସ୍ତାର ମଝିରେ ଖସିପଡିଥିଲେ । ଫଳରେ ଉକ୍ତ ଟ୍ରକଟି ସୁମିତ୍ରାଙ୍କ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ହିଁ ସୁମାତ୍ରାଙ୍କ ମୃତ୍ୟୁ ଘଟିଥିଲା । ଭାଇ ଆଶିଷ ମଧ୍ୟ ଗାଡିରୁ ପଡ଼ି ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଇନପୌଭ୍ୟାଲି ଥାନା ପୁଲିସକୁ ଖବରଦେବା ସହ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଖୋର୍ଦ୍ଧା ଜିଲ୍ଲା ଡାକ୍ତରଖାନାକୁ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ ଖୋଜୁଛି ।

# ଅଘୋଷିତ ବିଦ୍ୟୁତ୍‌କାଟ୍ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବୟାଳିଶମୌଜା, ୨୩।୭/ଏନ୍‌ଏନ୍‌ଏସ୍:** ୪୨ ମୌଜା ଅଞ୍ଚଳରେ ଦୀର୍ଘଦୀନ ଧରି ବିଦ୍ୟୁତ୍ ସମସ୍ୟା ଲାଗି ରହୁଥିବାବେଳେ ନୂଆକରି ସବଷ୍ଟେସନ କାର୍ଯ୍ୟ ବିଳମ୍ବ ଯୋଗୁଁ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ମଙ୍ଗଳବାର କଟକ ଜିଲ୍ଲାପାଳ ମହୋଦୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରତିଦିନ ଅଘୋଷିତ ବିଦ୍ୟୁତ୍ କାଟ ଉପଭୋକ୍ତାମାନଙ୍କୁ ହନ୍ତସନ୍ତ କରୁଛି । ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏହି ମୌଳିକ ସମସ୍ୟାର ତ୍ୱରିତ ପଦକ୍ଷେପ ନେଇ ସମାଧାନ ନିମନ୍ତେ ସଦସ୍ୟମାନଙ୍କୁ ଜିଲ୍ଲାପାଳ ମହୋଦୟ ପ୍ରତିଶ୍ରୁତି ଦେଇଛନ୍ତି । ସଂପାଦକ ଚିନ୍ମୟ ଦେବତା, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ନନ୍ଦ, ସଭାପତି ବିଭୁତି ଦେବତା, ଉପ-ସଭାପତି ଗୌତମ ସ୍ୱାଇଁ, ଉପଦେଷ୍ଟା ନରହରି ଦେବତା, ଆନନ୍ଦ ଦେବତା, ସୁଜିତ ଦେବତା, ଅଶୋକ ଦେବତା ବରିଷ୍ଠ ସଭ୍ୟ ସୁଶାନ୍ତ ଦେବତା, ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ସାହୁ, ସୁନୀଲ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

# ନୟାହାଟ ବାଇପାସ୍ ରାସ୍ତା ଶୋଚନୀୟ

**ନାୟାହାଟ, ୨୩।୭/ଏନ୍‌ଏନ୍‌ଏସ୍:** ନୟାହାଟ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ କୁଣ୍ଢେଇ କେନାଲ ବାମ ପାର୍ଶ୍ୱ ବନ୍ଧ ଦୀର୍ଘ ୫ବର୍ଷ ତଳେ କାନାରା ବ୍ୟାଙ୍କ ଠାରୁ ବରଗଡା ପର୍ଯ୍ୟନ୍ତ ୪୦ ଲକ୍ଷ ଟଙ୍କା ବ୍ୟୟରେ ୧୫୦୦ ମିଟର ନୂତନ ରାସ୍ତା ନିର୍ମାଣ କରାଯାଇଥିଲା । ରବିବାର ଓ ବୁଧବାର ନୟାହାଟରେ ଟ୍ରାଫିକ ସମସ୍ୟା ଦେଖାଯାଉଥିବା ବେଳେ ଉକ୍ତ ବାଇପାସ୍ ରାସ୍ତା ଦେଇ ଦୁଇ ଚକିଆ, କାର, ଅଟୋ ଯିବାର ବ୍ୟବସ୍ଥା କରାଯାଇଥିଲା । ଉକ୍ତ ରାସ୍ତାରେ ଭାରୀ ଯାନ ଯିବା ଫଳରେ ରାସ୍ତା ଦବି ପରିବା ହାଟ ମୁସଲମାନ ବସ୍ତି ପ୍ରମୁଖ ସ୍ଥାନରେ ପିଚୁ ଉଠି ଖାଲ ହୋଇଯିବା ଫଳରେ ପାଣି ଜମିରହୁଛି । ମେଣ୍ଟାଲ ବାହାରିବା ଫଳରେ ରାସ୍ତା ଧୀରେ ଧୀରେ ନଷ୍ଟ ହେଉଛି । ଏ ସଂପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଥିଲେ ଯେ, ମୁଁ ଯାଇ ଦେଖିଲା ପରେ ମରାମତି କରାଯିବ ।



# ୯ ପଦବୀ ଖାଲି, ୧୫୬ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ

## ସମସ୍ୟା ଘେରରେ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ

**କୁଆଁପାଳ, ୨୩।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ମାହାଙ୍ଗ ପଞ୍ଚାୟତର ବାଲିପଡା ସ୍ଥିତ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନକୁ ନେଇ ଏବେ ଚିନ୍ତାରେ ଅଭିଭାବକ । ପିଲାମାନଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି ସରକାର । ନାହାନ୍ତି ବିଷୟଭିତ୍ତିକ ଶିକ୍ଷକ, ପାଠପଢ଼ା ହେବ କିପରି । ବିଗତ ସରକାର ଅମଳରେ ଏହି ବିଦ୍ୟାଳୟକୁ ୫ଟି ଯୋଜନାରେ ରୂପାନ୍ତିକରଣ କରାଯାଇଥିଲା । ଏହି ବିଦ୍ୟାଳୟର ତିନୋଟି ଶ୍ରେଣୀରେ ମୋଟ ୧୫୬ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି । ଅଷ୍ଟମ ଶ୍ରେଣୀରେ ୩୩ଜଣ, ନବମ ଶ୍ରେଣୀରେ ୬୪ଜଣ ଓ ଦଶମ ଶ୍ରେଣୀରେ ୫୯ଜଣ ଛାତ୍ରଛାତ୍ରୀ ଅଛନ୍ତି । ଏହି ବିଦ୍ୟାଳୟରେ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲା ବେଳେ କଳାଶିକ୍ଷକ ୩, ଗଣିତ ଶିକ୍ଷକ ୧, କ୍ରୀଡ଼ା ଶିକ୍ଷକ ୧, କମ୍ପ୍ୟୁଟର ଶିକ୍ଷକ ୧, କିରାଣି ୧, ପିଅନ ୨କୁ ମିଶାଇ ମୋଟ ୯ଟି ପଦବୀ ଖାଲି ପଡ଼ିଛି । କିରାଣି ନ ଥିବାରୁ ବିଦ୍ୟାଳୟର ରେକର୍ଡପତ୍ର କାର୍ଯ୍ୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୁଲାଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟମାନଙ୍କ ମଧ୍ୟରୁ ଏହି ବିଦ୍ୟାଳୟର ଛାତ୍ର ଶୁଭଜିତ୍ ଦାସ ଏ-୧ରେ କୃତିତ୍ୱ ଅର୍ଜନ କରି ମାହାଙ୍ଗା, ନିଶ୍ଚିନ୍ତକୋଇଲି, ସାଲେପୁର ବ୍ଲକରେ ଏହି ବିଦ୍ୟାଳୟ ସୁନାମ ଅର୍ଜନ କରିପାରିଛି । ବିଗତ ବର୍ଷରେ ଏହି ବିଦ୍ୟାଳୟ ମାହାଙ୍ଗା ବ୍ଲକରେ ଉନ୍ନତମାନର ଶିକ୍ଷାଦାନରେ ରେକର୍ଡ କରି ସରକାରଙ୍କ ପକ୍ଷରୁ ଏକଲକ୍ଷ ଟଙ୍କା ପୁରସ୍କାର ପାଇଥିବା ଜଣାପଡିଛି । ବିଷୟ ଭିତ୍ତିକ ଶିକ୍ଷକ ନାହାନ୍ତି । ସରକାରଙ୍କ ପକ୍ଷରୁ ବିଜ୍ଞାନ ଶିକ୍ଷା ପ୍ରଦାନ ପାଇଁ କମ୍ପ୍ୟୁଟର ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀମାନେ ସମସ୍ୟା ଭୋଗୁଛନ୍ତି । ଶିକ୍ଷକ ନଥିବାରୁ ଏହି ବିଦ୍ୟାଳୟରେ ପାଠପଢ଼ାକୁ ନେଇ ଅଭିଭାବକ ମହଲରେ ଆଶଙ୍କା ପ୍ରକାଶ ପାଉଛି । ରାଜ୍ୟ ସରକାର ଏହି ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ତୁରନ୍ତ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ଗୋଦାବରୀଶ ମହାବିଦ୍ୟାଳୟର ଅଧକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାଣପୁର, ୨୩।୭/ଏନ୍‌ଏନ୍‌ଏସ୍:** ଆଜି ଗୋଦାବରୀଶ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ବିନାୟକ ହୋତା ଓ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଲକ୍ଷ୍ମୀପ୍ରସାଦ ମିଶ୍ରଙ୍କୁ ଅନୁଷ୍ଠାନ ର ପ୍ରଶାସନିକ ଅଧିକାରୀ ଡ଼ଃ ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମା, ଅଧାପକ ଆଦିତ୍ୟ ସାରଥି ବେଦମଣ୍ଡା, ଅଧାପକ ଗୋଲଖ କୁମାର ବେହେରା, ଅଧାପିକା ପ୍ରତିଭା ମଲ୍ଲିକ ଓ ପୁରାତନ ଛାତ୍ର ସୁଶୀଲ କୁମାର ଅଗ୍ରୱାଲା, ନାରୁଣୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ସନ୍ତୋଷ କୁମାର ଶତପଥି, ସନ୍ତୋଷ କୁମାର ସାହୁ ପ୍ରମୁଖ ଅନେକ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭା ଶ୍ରୀ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ପ୍ରେକ୍ଷାଳୟ ଭବନରେ ଆୟୋଜିତ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ବିଭାଗର ଅଧାପକ, ଅଧାପିକା, ପୁରାତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନ ଛାତ୍ରଛାତ୍ରୀ ଅଧକ୍ଷ ଶ୍ରୀ ହୋତା ଓ ବିଭାଗୀୟ ମୁଖ୍ୟ ଶ୍ରୀ ମିଶ୍ର ମହାବିଦ୍ୟାଳୟ ଓ ବିଭାଗର ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁଦୃଢ଼ କରିଛନ୍ତି, ସେ ସମ୍ପର୍କ ରେ ଆଲୋକପାତ କରିଥିଲେ । ଶେଷରେ ରାଜନୀତି ବିଜ୍ଞାନର ଅଧାପିକା ଶ୍ରୀମତୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପେଣ୍ଟାୱାନ୍ ହେଲ୍‌ଥକେୟାର୍‌ରେ ଏଆଇ ବିଶିଷ୍ଟ ଅତ୍ୟାଧୁନିକ ଅଲ୍‌ଟ୍ରାସାଉଣ୍ଡ ମେସିନ୍

**ଫୁଲନଖରା, ୨୩।୭/ଏନ୍‌ଏନ୍‌ଏସ୍:** ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ, ସୁଷମ ଖାଦ୍ୟ ଏବଂ ଆବଶ୍ୟକତା ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଜରୁରୀ । ସିଡିଏ ସ୍ଥିତ ଏସ୍‌ଜିବିଏଲ୍ ମାର୍ଟରେ ଥିବା ପେଣ୍ଟାୱାନ୍ ହେଲ୍‌ଥକେୟାର ପକ୍ଷରୁ ଅତ୍ୟାଧୁନିକ ଏଆଇ ଫିଚର ବିଶିଷ୍ଟ ଅଲଟ୍ରାସାଉଣ୍ଡ ମେସିନ୍ ସାମ୍‌ସଙ୍ଗ ଭି-୮ ଉପଲବ୍ଧ ହୋଇଛି । ଏହି ମେସିନ୍‌ରେ ରୋଗ ନିରୂପଣ ଅତ୍ୟନ୍ତ ନିଖୁଣ ଭାବେ ହୋଇ ପାରିବା ସହ ସଠିକ୍ ଚିତ୍ର ଉତ୍ତୋଳନ ଓ ଇକୋ ସୁବିଧା ରହିଛି । ପେଣ୍ଟାୱାନ ହେଲଥ୍ ମାଧ୍ୟମରେ ଗୋଟିଏ ଛାତ ତଳେ ସମସ୍ତ କେୟାର ରୋଗ ପାଇଁ ପରୀକ୍ଷା ଓ ନିରୂପଣ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ କୌଶଳରେ ଉପଲବ୍ଧ ହେଉଛି । ୨୦ବର୍ଷର ଅଭିଜ୍ଞତା ଥିବା ପାଥୋଲୋଜିଷ୍ଟ ଡାକ୍ତର ସୁନୀଲ ଅଗ୍ରୱାଲ୍‌ଙ୍କ ନେତୃତ୍ୱରେ ସମସ୍ତ ଅଭିଜ୍ଞ ଟେକ୍ନିସିଆନ୍‌ଙ୍କ ମାଧ୍ୟମରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଉତ୍ତମ ପରିବେଶ, ଆଡଭାନସ୍‌ଡ ମେସିନ୍ ମାଧ୍ୟମରେ ବଜାର ମୂଲ୍ୟରୁ ଯଥେଷ୍ଟ କମ୍‌ରେ ଉପଲବ୍ଧ ସ୍ୱାସ୍ଥ୍ୟସେବାର ଲାଭ ଉଠାଇବାକୁ ଏହାର ମୁଖ୍ୟ ପ୍ରମୋଟର ଅନିଲ ଗୁପ୍ତା ପ୍ରକାଶ କରିଛନ୍ତି । ଏହା ସହିତ ସଂସ୍ଥା ପକ୍ଷରୁ ବାର୍ଷିକ ମେମ୍ବରଶିପ୍ କାର୍ଡ ଉପଲବ୍ଧ ହେଉଛି, ଯେଉଁଥିରେ ରୋଗୀମାନେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ ।

# ଖରିଫ୍ ଧାନ କିଣା ପାଇଁ ଚାଷୀ ପଞ୍ଜୀକରଣ

**ଖଣ୍ଡପଡା, ୨୩।୭/ଏନ୍‌ଏନ୍‌ଏସ୍:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୧୨୩୩୧, ତା ୧୬.୦୭.୨୦୨୫ ରିଖ ଅନୁଯାୟୀ ଆସନ୍ତା ଖରିଫ୍ ବିପଣନ ବର୍ଷ (୨୦୨୫-୨୬) ପାଇଁ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ନିମନ୍ତେ ଜିଲ୍ଲାର ସମସ୍ତ ଚାଷୀଙ୍କୁ ଜଣାଇ ଦିଆଯାଉଛି କି, ଚଳିତ ବର୍ଷ ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ । ପୂର୍ବବର୍ଷର ନବୀକରଣ କରାଯିବ ନାହିଁ । ଏହି ପ୍ରକ୍ରିୟାରେ ଚାଷୀ ଭାଇ ଓ ଭଉଣୀମାନଙ୍କର ଇ-କେୱାଇସି ତଥା ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି । ନିର୍ଦ୍ଧାରିତ ସମୟ ଭିତରେ ବ୍ୟାଙ୍କ ଖାତାର ସଂଯୋଗୀକରଣ କରି ପଞ୍ଜିକରଣ କରିବାକୁ ଯୋଗାଣବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।

**AFFIDAVIT**

By virtue of an affidavit sworn before Executive Magistrate, Tangi, Dist-Khordha, Dated : 09.06.2025, I Sarojini Palai, W/o-Bihari Palai, At-Harichandanpur, Po-Badapari, Ps-Tangi, Dist-Khordha, Pin-752023 here with declare that I have changed my name from Sorajini Palei (Old Name) to Sarojini Palai (New Name). Henceforth I shall be known as **Sarojini Palai** for all purposes.

**Sarojini Palai**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dtd. 15.07.2025, I, Mangal Singh, aged about 31 years, C/o- Sharat Chandra Sing, resident of Nila Padia Basti, Chandrasekharpur, Dist- Khordha, Odisha-751018 do hereby declare that I have changed my name from Mangal Singh to **Suresh Sing** for all purposes.

**AFFIDAVIT**

By virtue of an affidavit Sl.no-531, sworn before the Notary Banpur, dated 23/07/2025, I, Itina Mahapatra, W/o-Akhil Mahapatra, resident of Vill/Po-Panchugaon, Via-Gambharimunda, Ps-Banpur, Dist- Khordha, Odisha - 752035 declare that I have changed my minor daughter's name from Micky Mahapatra to Ipsita Mahapatra. Henceforth, she shall be known as **Ipsita Mahapatra** for all purposes.

**Itina Mahapatra**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Budhi Pradhan, W/o- Surendra Pradhan, Plot No. 324, Aurobindo Nagar, Chandrasekharpur, Ps-Chandrasekharpur, Bhubaneswar - 751016, Dist-Khordha, Odisha do hereby declare that I have changed my name from Sarojini Pradhan to Budhi Pradhan. Henceforth she shall be known as **Budhi Pradhan** for all purposes.

**AFFIDAVIT**

By virtue of an affidavit sworn before the Notary Public, dtd. 10.07.2025, Bhubaneswar, I, Rajani Maharana, aged about 50 years, W/o- Late Premabandhu Maharana, D/o- Mageta Moharana, At-Deuli, Po-Malisahi, Ps/Dist- Nayagarh, Odisha - 752070 do hereby declare that I have changed my name from Mamata Moharana to Rajani Maharana. Henceforth I shall be known as **Rajani Maharana** for all purposes.

**AFFIDAVIT**

I, Suresh Chandra Parida, aged 53 years S/O- Sadhu Parida, At-Dasarathipur, Po/Ps- Banpur, Dist-Khordha by virtue of an affidavit before Executive Magistrate, Banpur, No- 1975/2025 that on behalf of my minor son renounce the use of former name Chinmaya Chintamani Parida in place of Chinmaya Parida. He will be known as Chinmaya Chintamani Parida by his assumed name Chinmaya Chintamani Parida for all purposes.

# ଯୌନ ନିର୍ଯାତନାର ପ୍ରତିଶୋଧ ଓ ନିରାକରଣ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର

**ନୟାଗଡ଼, ୨୩।୭/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧକ୍ଷତାରେ କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାର ପ୍ରତିରୋଧ, ନିରାକରଣ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଆଇନସେବା ପ୍ରାଧୀକରଣ ସଚିବ ଅଞ୍ଜଳି ମଛଖଣ୍ଡ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପା ପାତ୍ର, ଗଣିଆ ଉନ୍ନୟନ କମିଟି ସମ୍ପାଦିକା ଉଷାରାଣୀ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଥମେ ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ରଖିଥିଲେ । ଏହାପରେ ଗଣିଆ ଉନ୍ନୟନ କମିଟିର ସମ୍ପାଦିକ ନିର୍ଭୀକ ଭାବେ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ । ସେ ଏଲ୍‌ସିସି ଏବଂ ଆଇସିସି ଗଠନ ଓ ଭୂମିକା ଉପରେ ଗୁରୁତ୍ୱ ଦେଇ ଆଲୋକପାତ କରିଥିଲେ ।

ଜିଲାପରିଷଦ ମୁଖ୍ୟ ଉନ୍ନୟନ ନିଗମ ଅଧିକାରୀ କାର୍ଯ୍ୟକ୍ଷେତ୍ରରେ ଆଭ୍ୟନ୍ତରୀଣ କମିଟି ଗଠନ କରିବା ସହ ଅନ୍ୟାୟ ବିରୋଧ ଘରେ ସ୍ୱର ଉତ୍ତୋଳନ କରାଯିବା ଦରକାର ବୋଲି ପ୍ରକାଶ କରିଥିଲେ । ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଅନ୍ୟାୟ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ପ୍ରତ୍ୟେକ ଝିଅ ଅନ୍ୟାୟର ପ୍ରତିବାଦ କରିବା ସହ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଆଇନ୍‌ସେବା ପ୍ରାଧିକରଣ ତରଫରୁ ପୋକ୍ସୋ ନିୟମ ୨୦୧୩ ଉପରେ ଏକ ଚିତ୍ର ପ୍ରଦର୍ଶିତ ହୋଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତପତି ରାଜ, ତରୁଣ କୁମାର ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରୋଗ୍ରାମ ଅଫିସର ଧନ୍ୟବାଦ ଦେଇଥିଲେ ।

# ପରିବା ଦର ଆକାଶ ଛୁଆଁ, ଖାଉଟି ହନ୍ତସନ୍ତ

**କଣ୍ଟିଲୋ, ୨୩।୭/ଏନ୍‌ଏନ୍‌ଏସ୍:** ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ, ଜନବହୁଳ ଏକକ ଗ୍ରାମ ପଞ୍ଚାୟତ, ବ୍ୟବସାୟିକ ପେଣ୍ଠସ୍ଥଳ ତଥା ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସର୍ବବିଦିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ବଜାର ଉପରେ ବ୍ଲକ, ତହସିଲ, ପୁଲିସ କିମ୍ବା ଜିଲ୍ଲା ପ୍ରଶାସନର କୌଣସି ପ୍ରକାର ନିୟନ୍ତ୍ରଣ, କଟକଣା ଆଦି ନଥିବା ଯୋଗୁ ନିର୍ଭୟରେ ପରିବା ବ୍ୟବସାୟୀମାନେ ପରିବା ଦର ଆକାଶଛୁଆଁ କରିଦେଇଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଖାଉଟିମାନେ ହଇରାଣ ହରକତ ଓ ହନ୍ତସନ୍ତ ହେଉଛନ୍ତି । ସୂଚନାରୁ ଜଣାପଡିଛି ଯେ, ଜୁନ୍ ମାସ ଶେଷ ସପ୍ତାହରେ ପରିବା ଦର ଯାହାଥିଲା, ମାତ୍ର ୧୫ରୁ ୨୦ ଦିନ ମଧ୍ୟରେ ସେହିଦର ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ୨୦ଦିନ ପୂର୍ବେ ପ୍ରତ୍ୟେକ ପରିବା ଦର ଯାହାଥିଲା ବର୍ତ୍ତମାନ ତା'ର ୫ଗୁଣା ବୃଦ୍ଧିରେ ବ୍ୟବସାୟୀମାନେ ନିର୍ଭୟରେ ବେପାର କରୁଛନ୍ତି । ଏଥିପାଇଁ କୌଣସି କଟକଣା କିମ୍ବା ନିୟନ୍ତ୍ରଣ କି ତାଗିଦ୍ ପ୍ରଶାସନର ନାହିଁ । ବର୍ତ୍ତମାନ୍ ବାଇଗଣ, କାଙ୍କଣ, ଟମାଟୋ, ଝୁଡୁଙ୍ଗ,ଗାଜର, ଫୁଲକୋବି, ପ୍ରତ୍ୟେକ କିଲୋ ପିଛା ୮୦ଟଙ୍କା, ସଜନା ଛୁଇଁ ୧୪୦, ବିନ୍ସ ୧୨୦, କସ୍ପିକମ୍ ୨୦୦, ଅମୃତଭଣ୍ଡା ୩୦, ଭେଣ୍ଡି, କାକୁଡି ୪୦ ଲେଖେ, ପୋଟଳ ୬୦ରୁ ୮୦, କଲରା ୮୦ରୁ ୧୦୦, କଞ୍ଚାଲଙ୍କା ୨୦୦, ଅଦା ୮୦, ରସୁଣ ୧୧୦, ପିଆଜ ୪୦, କଖାରୁ ୪୦, ଆଳୁ ୨୦ରୁ ୨୫ଟଙ୍କାରେ କିଣି ଘର ଚଳେଇବା ସାଧାରଣ ଶ୍ରମିକ ଓ ମଧ୍ୟବିତ୍ତ ପରିବାରଙ୍କ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି । ଏହା ସାଙ୍ଗକୁ ଖାଇବା ତେଲ ଦର ନ କହିବା ଭଲ । ଏପରି ସ୍ଥଳେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ମନଇଚ୍ଛା ଦରରେ ବେପାର କରୁଥିବା ବ୍ୟବସାୟୀମାନଙ୍କ ଉପରେ କଟକଣା, ତାଗିଦ୍ କରିବା ସହ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣ ଜନତା ଓ ବୁଦ୍ଧିଜୀବୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

B-335

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK
E-Mail I.D.-eepwdcuttack@gmail.com Tel./ Fax No.(0671)-2304128

GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. CTC(R&B)-22 of 2025-26

**TENDER CALL NOTICE**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Road works as mehtioned below.
2. No. of Work :- **15 Nos.**
3. Nature of work :- **Road works**
4. Class of Contractor :- **"C" & "B" Class, "D" & "C"**
5. Tender Paper Cost :- **Rs.6000/- & Rs.4000/- (Online)**
6. Available of bid documents in the website :- **From 25/07/2025 to 5PM of 08/08/2025**
7. Date of Opening of Bid :- **11AM of 11/08/2025**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Superintending Engineer, Cuttack (R&B) Division No.I

OIPR-34091/11/0091/2526

O-438

Government of Odisha "e" Procurement Notice
Bid Identification No 14 of 2025-26

1. Name of the Work: - Supply, Installation, Testing & Commissioning of Packaged Water Treatment Plant with ancillary works for various RPWS scheme in Tumudibandha, Chakapad, Kotagarh & Daringibadi Block. (Refer DTCN available in the website: - tendersorissa.gov.in)
2. Total No of work :- 4 Nos.
3. Estimated Cost :- Rs. 181.47 to 418.08 Lakh
4. Eligible Bidder :- 'A' & 'B' Contractor/ Manufacturer / Authorised Distributor / Authorised Dealer
5. Period of Completion: - 10 (Ten) months (Refer DTCN available in the Website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of Tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 14 of 2025-26 | Dt. 25.07.2025 At. 10.00 Hrs | Dt. 18.08.2025 Up to. 1.30 Hrs | Dt. 19.08.2025 at 11 .00 A.M |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

Sd/- Executive Engineer, RWS&S Division, Phulbani

OIPR-25006/11/0017/2526

A-426

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771, Email ID - eerlbcdivision@gmail.com
'e'-Procurement Notice No. SE-RLBCD- 02/2025-26

The Superintending Engineer, RLBC Division, Kamakhyanagar on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Department of Water Resources, O/o Superintending Engineer, RLBC Division, Kamakhyanagar who must possess valid labour lincese for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | Name of Work | : | Engagement of different types of workers through service provider for watch and ward with operation of gate for the year 2025-26. |
| 2 | No of works | : | 01(One) Nos of works |
| 3 | Estimated Cost | : | 12.08 Lakh (Excluding GST) |
| 4 | Cost of tender paper | : | Rs. 6000.00 (Non-refundable) |
| 5 | EMD/ Bid Security | : | Rs. 12,100.00 (Refundable) |
| 6 | Class of contractor | : | 'Registered firm with valid labour license', EPF and ESI registration certificate |
| 7 | Period of Completion of work | : | 154 Days |
| 8 | Date and time of availability of bid Document in the website | : | From 11.00 A.M of Dt. 25.07.2025 to 5.00 P.M. of Dt.04.08.2025 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.05.08.2025 at 11.00 A.M in O/o the Superintending Engineer, RLBC Division, Kamakhyanagar |
| 10 | Date, time and place for finalization of tender through Transparent Lottery System (if required) | : | Dt.13.08.2025 at 11.00 AM onwards in O/o the Superintending Engineer, RLBC Division, Kamakhyanagar. |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, RLBC Division, Kamakhyanagar, AT. Jiridamali, P.O-Kamakhyanagar Dist: Dhenkanal, Odisha, PIN-759018 Email ID- eerlbcdivision@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer, RLBC Division, Kamakhyanagar

OIPR-32298/11/0027/2526

B-338

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
KEONJHAR (R&B) CIRCLE, KEONJHAR

No.3447 Date : 22.07.2025

INVITATIONS FOR BIDS (IFB)
1st Corrigendum to Bid Identification No CCEKC - 05/2025-26

The following changes are made to the works invited vide Bid Identification No CCEKC - 05/2025-26 vide Letter No. 3170 dt. 08.07.2025.

1. The bid documents in the website www.tendersodisha.gov.in will be available in the web site from **11.00 Hours of 17.07.2025 to 16.00 Hours of 06.08.2025** for online bidding.
2. Bids shall be received only on "online" on or before **16.00 Hours of 06.08.2025.**
3. Bids received "**on-line**" shall be **opened at 11.30 Hours on 07.08.2025** in the office of the Chief Construction Engineer, Keonjhar (R&B) Circle, Keonjhar.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

| SL. No. | Name of the Work | Sub Head | Sl No. | Uploaded Specification | Modified Specification Now uploaded |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Transit House for Judicial Officers at Rourkela Station, Rourkela in the district of Sundargarh | Percentage BOQ | BOQ Item No. | Bid Identification No CCEKC - 05/2025-26 | Bid Identification No CCEKC - 05/2025-26 |
| | | | 7 | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel / HYSD bars for all heights) complete as per specification & direction of Engineer-in-charge. Ground Floor Qty – 214.09 Unit – Qntl. Rate – 8768.42 Amount – 1877231.04 | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel / HYSD bars for all heights) complete as per specification & direction of Engineer-in-charge. Ground Floor Qty – 220.09 Unit – Qntl. Rate – 8768.42 Amount – 1929841.56 |
| | | | 89 | Supply of AC with Indoor and Outdoor unit. Qty-1 Unit – Nos Rate – 52710.00 Amount – 52710.00 | Supply of AC with Indoor and Outdoor unit. |

All other terms & conditions remained unchanged.

Sd/- Chief Construction Engineer, Keonjhar (R&B) Circle, Keonjhar

OIPR-34033/11/0083/2526

CDA

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ଼, କଟକ-12

CAD-1233

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୯ରେ ପ୍ଲଟ୍ ନଂ-7GH/1353 ଟିକୁ ୰ଡକ୍ଟର ଆର୍ତ୍ତତ୍ରାଣ ମହାନ୍ତି, ପିତା-୰ରାଧାଚରଣ ଛାମୁକାରଣ, ପ୍ଲଟ ନଂ-୮୬, ଏକାମ୍ରମାର୍ଗ, ୟୁନିଟ-୬, ଭୁବନେଶ୍ୱର ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ୰ଡକ୍ଟର ଆର୍ତ୍ତତ୍ରାଣ ମହାନ୍ତିଙ୍କ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ କନ୍ୟା ଶ୍ରୀମତୀ ଅନିତା ମହାନ୍ତି, ପିତା-୰ଡକ୍ଟର ଆର୍ତ୍ତତ୍ରାଣ ମହାନ୍ତି, ସ୍ୱାମୀ-ରଞ୍ଜୀବ ବିଶ୍ୱାଳ, ସା-ଖାରବେଳ ନଗର, ୟୁନିଟ-III, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା-୭୫୧୦୦୧ ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OIPR-13037/11/0326/2526

## 'ନିଶାକୁ ନା' ସଚେତନତାଧର୍ମୀ ଆଲୋଚନାଚକ୍ର

**ସାକ୍ଷୀଗୋପାଳ,୨୩।୭/ଏନ୍‌ଏନ୍‌ଏସ୍:** ସତ୍ୟବାଦୀସ୍ଥିତ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟଠାରେ 'ନିଶାକୁ ନା' ସଚେତନତା ଧର୍ମୀ ଆଲୋଚନାଚକ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥପତି ଓଡ଼ିଶା ସ୍ୱାସ୍ଥ୍ୟସେବା ସଂଘ ଉପସଭାପତି ସୁଚିଶେଶର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସଂପାଦକ ଭାରତ ବିକାଶ ପରିଷଦ ବିଜୟ କୁମାର ପରିଡ଼ା, ନବଘନ ଶତପଥୀ, ଜ୍ୟୋତିରଞ୍ଜନ ଭାରତୀ, ସୁଶ୍ରୀ ହରପ୍ରିୟା କର, ମନୋରଞ୍ଜନ ମିଶ୍ର, ଯୋଗେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ନିଶାର କୁପ୍ରଭାବ ବିଷୟରେ ପିଲାମାନଙ୍କୁ ସଚେତନ କରାଇବା ସହ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ ।

### ପ୍ରଥମ ପୃଷ୍ଠାରୁ

## ସଂସଦର ଉଭୟ...

ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ ଏହି ବିଲ୍ ସମୁଦ୍ର ମାଧ୍ୟମରେ ସାମଗ୍ରୀ ପରିବହନ ଏବଂ ଏହା ସହିତ ଜଡ଼ିତ ବିଷୟଗୁଡ଼ିକ ସମ୍ପର୍କରେ ବାହକମାନଙ୍କ ସହ ଜଡ଼ିତ ଦାୟିତ୍ୱ, ଦାୟିତ୍ୱ, ଅଧିକାର ଏବଂ ପ୍ରତିରୋଧ ପ୍ରଦାନ କରେ । ଏହି ତିନି ଦିନରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବା ପ୍ରାୟ ୨୩ କୋଟି ଟଙ୍କାରୁ ଅଧିକ ନଷ୍ଟ ହୋଇସାରିଲାଣି । ପିଆରଏସ୍ ଲେଜିସ୍ଲେଟିଭ ରିସର୍ଚ୍ଚ ତଥ୍ୟ ଅନୁଯାୟୀ, ରାଜ୍ୟସଭା ମାତ୍ର ୪.୪ ଘଣ୍ଟା ଓ ଲୋକସଭା ମାତ୍ର ୦.୯ ଘଣ୍ଟା (୫୪ ମିନିଟ) କାର୍ଯ୍ୟ କରିଛି । ଏହା ଅର୍ଥ, ରାଜ୍ୟସଭାରେ ୮୧୬ ମିନିଟର କ୍ଷତି (୧.୨୫ ଲକ୍ଷ ଟଙ୍କା ପ୍ରତି ମିନିଟ ହିସାବରେ) ୧୦.୨ କୋଟି ଟଙ୍କା ଏବଂ ଲୋକସଭାରେ ୧୦୨୬ ମିନିଟର କ୍ଷତି ୧୨.୮୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ମୋଟାମୋଟି ଭାବେ, ତିନି ଦିନର ବାଧାପ୍ରାପ୍ତି ଯୋଗୁଁ ଟିକସ ଦାତାଙ୍କ ପାଖରୁ ୨୩ କୋଟି ଟଙ୍କା ନଷ୍ଟ ହୋଇଛି । ପୂର୍ବତନ ସାଂସଦୀୟ ବ୍ୟାପାର ମନ୍ତ୍ରୀ ପାୱାନ ବଂଶଲଙ୍କ ୨୦୧୮ର ହିସାବ ଅନୁଯାୟୀ, ସଂସଦ ଚାଲୁଥିବା ସମୟରେ ପ୍ରତି ମିନିଟରେ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ, ଯାହା ଲୋକସଭା ଓ ରାଜ୍ୟସଭା ପାଇଁ ପ୍ରତ୍ୟେକ ମିନିଟରେ ୧.୨୫ ଲକ୍ଷ ଟଙ୍କା ହିସାବରେ ଖର୍ଚ୍ଚ ହୁଏ । ତେବେ ଏହି ଆକଳନ ଏକ ଦଶନ୍ଧି ପୂର୍ବର, କିନ୍ତୁ ନୂଆ ତଥ୍ୟର ଅଭାବରୁ ଏହା ଆଧାରରେ ହିସାବ କରାଯାଇଛି । ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ୩୨ ଦିନରେ ୨୧ଟି ବୈଠକ ସହିତ ଚାଲିବ । ତେବେ, ବର୍ତ୍ତମାନର ବାଧାପ୍ରାପ୍ତି ଜାରି ରହିଲେ ଆଗାମୀ ଦିନରେ ଆହୁରି ଅଧିକ ଆର୍ଥିକ କ୍ଷତି ହେବାର ଆଶଙ୍କା ରହିଛି । ଏସବୁ ମଧ୍ୟରେ ବିରୋଧୀ ଦଳଙ୍କ ପକ୍ଷରୁ କରାଯାଇଆସୁଥିବା ଦାବି 'ଅପରେସନ ସିନ୍ଦୂର' ଉପରେ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ଆସନ୍ତା ୨୮ ତାରିଖରେ ଲୋକସଭା ଏବଂ ୨୯ ତାରିଖରେ ରାଜ୍ୟସଭାରେ ଅପରେସନ୍ ସିନ୍ଦୂର ଉପରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି ।

## ସୁରକ୍ଷିତ କର୍ମକ୍ଷେତ୍ର...

ଏହି ଦୁଇ ଚକ ମଧ୍ୟରେ ସମନ୍ୱୟ ରକ୍ଷାକରି ଆମେ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସୁରକ୍ଷିତ ସମାଜ ଗଢ଼ିପାରିବା । ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ୍ କମିଟି ଗଢ଼ାଯିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି । ଯାଞ୍ଚ ପରେ ଦୋଷୀକୁ ଉଚିତ୍ ଦଣ୍ଡବିଧାନ ପ୍ରଦାନ କରିବା ସହ ଭୁଲ ଅଭିଯୋଗ କରୁଥିବା ଦୋଷୀଙ୍କୁ ମଧ୍ୟ ଦଣ୍ଡ ଦିଆଯିବ ବୋଲି ସେ ମତ ରଖିଛନ୍ତି । କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ ୬୦୦ରୁ ଊର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀମାନଙ୍କୁ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ସଚେତନ କରିବା ସହ ଏହି ଆଇନର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ ।

## ଆଜି ଚିତାଲାଗି...

ବାଡ଼ଗ୍ରାହୀ ଦଇତାମାନେ ଶ୍ରୀଜିଉମାନଙ୍କର ଚିତାଲାଗି କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରାଖଚିତ ଧଳା ଚିତା, ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳାଖଚିତ ନୀଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ । ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ସ୍ୱର୍ଣ୍ଣଚିତା ମଝିରେ ଏକ ବଡ଼ ମର୍କତ ପଥର ରହିଛି । ଏହାର ଚାରିପାର୍ଶ୍ୱରେ ପାଞ୍ଚୋଟି ବେଢ଼ରେ ଛୋଟ ଛୋଟ ମାଣିକ୍ୟ, ହୀରା, ମର୍କତ ଏବଂ ନୀଳ ପଥର ଖଚିତ ହୋଇଛି । ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱର୍ଣ୍ଣଚିତା ମଝିରେ ହୀରା ରହିଛି । ଚିତାର ସାତୋଟି ବେଢ଼ରେ ମାଣିକ୍ୟ, ହୀରା, ପାନ୍ନା ଏବଂ ଓପଲ ଖଞ୍ଜା ଯାଇଛି । ଶେଷ ଅର୍ଥାତ୍ ସପ୍ତମ ବେଢ଼ରେ ବା ଚିତାର ଶୀର୍ଷରେ ପାନପତ୍ର ଆକୃତିର ଏକ ହୀରା ପଥର ରହିଛି । ଏହାକୁ ବ୍ରହ୍ମଜ୍ୟୋତି ହୀରା କୁହାଯାଏ । ସେହିଭଳି ଦେବୀ ସୁଭଦ୍ରାଙ୍କ ଚିତା ମଝିରେ ଏକ ବଡ଼ ମାଣିକ୍ୟ ପଥର ରହିଛି । ଚିତାର ତିନୋଟି ବେଢ଼ରେ ପାନ୍ନା, ମର୍କତ, ହୀରା ଓ ମାଣିକ୍ୟ ରହିଛି । ଏହି ତିନୋଟି ରତ୍ନଖଚିତ ସୁବର୍ଣ୍ଣ ଚିତାଗୁଡ଼ିକୁ ମର୍କତ ଚିତା, ହୀରାଚିତା ଏବଂ ପାନ୍ନା ଚିତା କୁହାଯାଇଥାଏ । ପରମ୍ପରା ଏବଂ ବିଧି ମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ । ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ । ସୂଚନାଯୋଗ୍ୟ ଯେ ସ୍ନାନ ପୂର୍ଣ୍ଣିମା ଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଏହି ଚିତାକୁ ଭଣ୍ଡାରରୁ ଅଣାଯାଇ ଶ୍ରୀମନ୍ଦିର ପରିସରରେ ଦେଉଳକରଣ, ତଢ଼ାଉକରଣ, ଶ୍ରୀମନ୍ଦିର ପ୍ରଶାସନର ପଦାଧିକାରୀଙ୍କ ଉପସ୍ଥିତିରେ ବଣିଆ ସେବକଙ୍କ ଦ୍ୱାରା ସଫା କରାଯାଇ ମହାପ୍ରଭୁଙ୍କ ମସ୍ତକରେ ପୁନଃ ସଂସ୍ଥାପିତ କରାଯାଇଥାଏ । ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ । ତେବେ ଚିତାଲାଗି ନୀତି ଗୋପନୀୟ ହୋଇଥିବାରୁ ଏହି ସମୟରେ ଭକ୍ତଙ୍କୁ ଭିତରକାଠ ମଧ୍ୟକୁ ପ୍ରବେଶ କରିବାକୁ ବାରଣ କରାଯାଇଥାଏ ।

## ବଜ୍ରପାତରେ ୫...

ଓ ମଦନ ମୋହନ ପରଡ଼ା (୬୫) ଗୁରୁତର ଅବସ୍ଥାରେ ଶରଣକୁଳ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି । ଏମାନେ ଜମିରେ ତଳି ରୋଇବା ପାଇଁ ଯାଇଥିଲା ବେଳେ ଅପରାହ୍ଣ ୩ଟାରେ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା । ସେହିପରି  ଓଡ଼ଗାଁ ବ୍ଲକ ଗିରିଡ଼ିପଲ୍ଲୀ ପଞ୍ଚାୟତ ଡହଙ୍ଗି ଗ୍ରାମର ଚାଷୀ ଅପର୍ତ୍ତି ନାୟକ (୭୧) ବିଲକୁ ଯାଇଥିବା ବେଳେ ବଜ୍ରାଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି । ପୁଲିସ ଘଟଣାର ତଦନ୍ତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ସେହିପରି ବଜ୍ରପାତରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ କଅଁଳପଡ଼ା ଗ୍ରାମର ସାଗର ବେହେରାଙ୍କ ମୃତ୍ୟୁ ଘଟିଛି । ଧାନ କ୍ଷେତରେ ସେ ତଳି ଉପାଡୁ ଥିବାବେଳେ ବିଜୁଳି ମାରିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡେଲାଙ୍ଗ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

## ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍...

ମୁଖ୍ୟମନ୍ତ୍ରୀ ଚଳିତବର୍ଷ ଏପ୍ରିଲ୍ ମାସରେ ଗୋଟିଏ ନୂଆ ବାଟାଲିଅନ୍ ସୃଷ୍ଟି କରିଥିଲେ । ଏହାଦ୍ୱାରା ସମୁଦାୟ ୨ଟି ବାଟାଲିଅନ୍ କାର୍ଯ୍ୟ କରୁଥିଲା ଏବଂ  ଏହି ୨ଟି ବାଟାଲିଅନ୍‌ର ପଦବୀ ସଂଖ୍ୟା ୨୮୪୭ ଥିଲା । ତୃତୀୟ ଓ ଚତୁର୍ଥ ବାଟାଲିଅନ୍ ସୃଷ୍ଟିହେବା ପରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ'ରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ ପଦବୀ ସୃଷ୍ଟି ହେଲା । ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି । ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି । ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ୨୦୨୫ ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ଆହୁରି ଦୁଇଟି ବାଟାଲିଅନ୍ ଗଠନକୁ ମଞ୍ଜୁରୀ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

## ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ...

ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷଙ୍କ ମାନବିକତାଙ୍କୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଛି । ଏହା ସହ ସାହାଯ୍ୟକାରୀ ମଧ୍ୟ ଗୁଡ୍ ସମରିଟାନ୍ ଆଇନ ଅନୁଯାୟୀ କୌଣସି ଅନାବଶ୍ୟକ ମାମଲାରେ ଛନ୍ଦି ହୁଅନ୍ତି ନାହିଁ । ତେଣୁ ଭୟ ନକରି ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏପରିକି ଆଗାମୀ ପିଢ଼ି ମଧ୍ୟରେ ଏହି ମାନବିକତା ଓ ସାହାଯ୍ୟ ମନୋବୃତ୍ତି ସୃଷ୍ଟି କରିବାକୁ ଏନ୍‌ସିସି କ୍ୟାଡେଟ୍ ଛାତ୍ରଛାତ୍ରୀଙ୍କୁ ଜୁନିୟର ରକ୍ଷକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସେମାନେ ମଧ୍ୟ କୌଣସି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରି ଜୀବନ ରକ୍ଷା କଲେ ଗୁଡ୍ ସମରିଟାନ ଭାବରେ ସମ୍ମାନିତ ହୋଇପାରିବେ ।

# ଆର୍‌ଆଇ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରତିବାଦରେ ରାସ୍ତାରୋକ



**ଜଟଣୀ,୨୩।୭/ଏନ୍‌ଏନ୍‌ଏସ୍:** ଜଟଣୀ ତହସିଲ ଏରିଆ ଅନ୍ତର୍ଗତ କୁଦିଆରି ଆରଆଇ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତରିତକୁ ନେଇ ବୁଧବାର ତେଜିଛି ଜନ ଆନ୍ଦୋଳନ ଓ ରାସ୍ତାରୋକ । ସୂଚନା ମୁତାବକ ଜଟଣୀ ତହସିଲ ଏରିଆ ଅଧୀନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ପରିବର୍ତ୍ତନ ହୋଇଯାଇଥିବା କୁଦିଆରୀ ମୌଜା ଏକ ବୃହତ ଭୂଖଣ୍ଡ ଅଞ୍ଚଳ ହୋଇଥିବା ବେଳେ ଏହି ମୌଜାର ପ୍ରାୟ ସମସ୍ତ ଅଞ୍ଚଳ ପୌରାଞ୍ଚଳ ଇଲାକାର ବାରରୁ ଅଧିକ ୱାର୍ଡକୁ ନେଇ ଅନେକ ପୂର୍ବରୁ ଗଠିତ ହୋଇଛି । ଏହି ସବୁ ଅଞ୍ଚଳରେ ବାସ କରୁଥିବା ହଜାର ହଜାର ଜନସଂଖ୍ୟା ବିଶିଷ୍ଟ ବାସଗୃହ ମାନ ରହିଅଛି କ୍ଷ ତେବେ ଦୀର୍ଘଦିନ ହେବ ବାଛରା ପାଟଣା ଅଞ୍ଚଳରେ ଗୋଟିଏ ପରିସୀମା ମଧ୍ୟରେ ଜଟଣୀ ଆରଆଇ ଓ କୁଦିଆରୀ ଆରଆଇ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଉଛି । ତେବେ ମୂଳ ମୌଜା ଠାରୁ ଏହି କାର୍ଯ୍ୟାଳୟ ଦୂର ତଥା ପର୍ଯ୍ୟାପ୍ତ ସ୍ଥାନ ନଥିବାରୁ ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ପରିପ୍ରେକ୍ଷୀରେ କିଛି ମାସ ହେବ କିଛି କୁଚକ୍ରୀ ଗୋଷ୍ଠୀ, କିଛି ସ୍ୱାର୍ଥପର ନେତାମାନେ ପ୍ରଶାସନିକ ଅଧିକାରୀଙ୍କୁ ହାତକରି ରଥିପୁର ଗ୍ରାମରେ ଆରଆଇ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ଏତାଦୃଶ କାର୍ଯ୍ୟକୁ ବିରୋଧ କରି କୁଦିଆରୀ ମେଳଣ କମିଟି ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ନେତୃତ୍ୱରେ କାଉନସିଲର ଶଶାଙ୍କ ଶେଖର ରାୟ, ଲୁସେନ ରାୟ, କୈଳାସ ଚନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ବଳିଆରସିଂହଙ୍କ ସମେତ କୁଦିଆରୀ ଗ୍ରାମର ମେଳଣ ପରିଚାଳନା କମିଟିର ସଦସ୍ୟମାନେ ଏହାକୁ ବିରୋଧ କରି ତହସିଲଦାର ଜଟଣୀ ଏବଂ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ମହୋଦୟଙ୍କୁ ଦାବିପତ୍ର ଦେଇଥିଲେ । ଏହାକୁ ତୁରନ୍ତ ବନ୍ଦ କରି କରିବା ସହିତ କୁଦିଆରୀର ଆର୍‌ଆଇ ଅଫିସକୁ କୁଦିଆରୀରେ ନିର୍ମାଣ କରାଯାଉ ବୋଲି ଗତ ଏପ୍ରିଲ ମାସ ୨୩ ତାରିଖରେ ଲିଖିତ ଭାବେ ଦାବି ଜଣାଇଥିଲେ । ଯାହାଫଳରେ ଉକ୍ତ କାର୍ଯ୍ୟ ତିନିମାସ ଧରି ବନ୍ଦ ରହିବା ପରେ ଆଶ୍ଚର୍ଯ୍ୟାନ୍ୱିତ ଭାବେ ପୁନର୍ବାର ନିର୍ମାଣ ଆରମ୍ଭ ହୋଇଥିବାକୁ ନେଇ ଅଞ୍ଚଳ ବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ସେହିପରି ତହସିଲଦାର ବିଭାଗୀୟ ଯନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିର୍ମାଣଧୀନ ରଥିପୁର ଖାତା ନମ୍ବର ୫ ପ୍ଲଟ ନଂ ୧୫୨୬ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବାରୁ ଏନଓସି ଆସିବା ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଗିତ ରଖିବାକୁ ପତ୍ର ଲେଖିଥିଲେ ।

ଅପରପକ୍ଷେ ଆରଆଇ ଅଫିସ୍ କୁଦିଆରିରେ ଓ ମୁଖ୍ୟ ରାସ୍ତା ନବୀକରଣ ବାଇଶି ତାରିଖ ପୂର୍ବରୁ କରାନଗଲେ ଅଞ୍ଚଳ ବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତା ୨୩ ରିଖ ଦିନ ରାସ୍ତାରୋକ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପୂର୍ବରୁ ସୂଚନା ଦିଆଯାଇଥିଲା । ଯୋଜନା ମୁତାବକ ବୁଧବାର ପ୍ରତ୍ୟୁଷରୁ ରାସ୍ତା ରୋକ କରାଯାଇଥିଲା । ଫଳରେ ଦୀର୍ଘ ୨ ଘଣ୍ଟା ଧରି ଜଟଣୀ, ପିପିଲି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକିବା ଫଳରେ ବହୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଜଟିଳ ସମସ୍ୟା ଉପୁଜିବା ପରେ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ସ୍ଥାନୀୟ ତହସିଲ ଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ଏହି ସମସ୍ୟାର ସମାଧାନ ପାଇଁ ଏକ ମାସ ସମୟ ର ପ୍ରତିଶ୍ରୁତି ପରେ ଧାରଣାରୁ ଓହରି ଥିଲେ ଏବଂ ଜୀବନଯାତ୍ରା ସ୍ୱାଭାବିକ ହୋଇଥିଲା । ଏହି ଆନ୍ଦୋଳନରେ କାଉନସିଲର ଶଶାଙ୍କ ଶେଖର ରାୟ, ଲୁସେନ ରାୟ, କୈଳାସ ଚନ୍ଦ୍ର ମହାପାତ୍ର, ଲୁଫେନ ରାୟ,ମନୋଜ ସ୍ୱାଇଁ, ଲିଟୁ ରଞ୍ଜନ ରାଉତରାୟଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ସଂଘର୍ଷ, ୩ ଗୁରୁତର



**ଟାଙ୍ଗିଛକ,୨୩।୭/ଏନ୍‌ଏନ୍‌ଏସ୍:** ଟାଙ୍ଗିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ଗ୍ରାମରେ ଜମିବାଡି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ଉକ୍ତ ଗ୍ରାମର କାଶିନାଥ ସାହୁ ଓ କପିଳ ସାହୁ ଦୁଇ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡି ବିବାଦକୁ ନେଇ ବାରମ୍ବାର କଳହ ଲାଗି ରହିଥିଲା । ଗତକାଲି ମଙ୍ଗଳବାର କାଶିନାଥଙ୍କ ବୋହୁ ତପସ୍ୱିନୀ ଘରେ ଏକୁଟିଆ ଥିବା ସମୟରେ କପିଳ ଓ ତାଙ୍କ ପୁତ୍ର ଲୁନା ବାଡକୁ ହାଣୁଥିବା ସମୟରେ ତପସ୍ୱିନୀ ବିରୋଧ କରିବାରେ ଲୁନା ଉତ୍ତ୍ୟକ୍ତ ହୋଇ ଏକ ଶାବଳରେ ତପସ୍ୱିନୀର ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ ତପସ୍ୱିନୀ ସ୍ୱାମୀ ବିଜୟ ପହଞ୍ଚି ପ୍ରତିବାଦ କରିବାରୁ ଲୁନା ଓ କପିଳ ତାଙ୍କୁ ତଳେ ପକାଇ ମରଣାତ୍ମକ ଆକ୍ରମଣ କରିଥିଲେ । ପରେ ଲୁନାଙ୍କ ପତ୍ନୀ ସରୋଜିନୀ ତାଙ୍କ ଝିଅ ପହଞ୍ଚି ତପସ୍ୱିନୀକୁ ମାଡ଼ ମାରିବା ସହ  ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ତପସ୍ୱିନୀ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ବିଜୟ ଓ ତପସ୍ୱିନୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡିଛି । ଅନ୍ୟପକ୍ଷରେ ଲୁନା ସାହୁଙ୍କ ଝିଅ ପ୍ରୀୟଦର୍ଶିନୀ  ଆଉଏକ ଅଭିଯୋଗ କରିଛନ୍ତି ତାଙ୍କ ବାପା ଦୋକାନରେ ବ୍ୟବସାୟ କରୁଥିବା ସମୟରେ କାଶିନାଥଙ୍କ ପରିବାର ଲୋକମାନେ ସଂଘବଦ୍ଧ ଭାବେ ହାତରେ ମାରଣାସ୍ତ୍ର ଧରି ବାପାଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ । ପ୍ରିୟଦର୍ଶିନୀଙ୍କ ବାପା ଲୁନା ଗୁରୁତର ଆହତ ହୋଇ ଚିକିତ୍ସାଧିନ ଥିବା ଜଣାପଡିଛି । ଅଭିଯୋଗ ପରେ ପୋଲିସ ଦୁଇଟି ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

## ଗ୍ୟାସ୍ ଦୋକାନରେ ଯୋଗାଣ ବିଭାଗ ଚଢ଼ଉ, ୨୦ ସିଲିଣ୍ଡର ଜବତ

**ପିପିଲି,୨୩।୭/ଏନ୍‌ଏନ୍‌ଏସ୍:** ପିପିଲି-ନିମାପଡ଼ା ଛକରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ବିକ୍ରୟ ହେଉଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କୋଡିଏ ଗୋଟି ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି । ଷୋହଳ ଗୋଟି ସିଲ ସିଲିଣ୍ଡର ଏବଂ ଚାରି ଗୋଟି ଖାଲି ସିଲିଣ୍ଡର ଜବତ କରି ପିପିଲିର ଗ୍ୟାସ ଡିଲର ମା ମଙ୍ଗଳା ଇଣ୍ଡେନକୁ ହସ୍ତାନ୍ତରିତ କରାଯାଇଛି । ପିପିଲି ନିମାପଡା ଛକର ଏଚଓ୍ୱାଇଜିପି ସେଣ୍ଟର ଦୋକାନରେ ପୁରୀ ଯୋଗାଣ ବିଭାଗର ଇନଫୋରସମେଣ୍ଟ ଟିମ, ଅତିରିକ୍ତସି ଏସ ଓ ପ୍ରଭଞ୍ଜନ ସାହୁ, ସହକାରୀ ସିଏସ୍‌ଓ ଜି. ପ୍ରଶାନ୍ତ ରାଓ ଏବଂ ପିପିଲି ବ୍ଲକ ଏମ୍‌ଆଇ ଜ୍ୟୋତ୍ସ୍ନାରାଣୀ ବେହେରା ଏବଂ ପିପିଲି ପୁଲିସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ । ତେବେ ପିପିଲି ବଜାର ମଧ୍ୟରେ ଅନେକ ଦୋକାନରେ ବେଆଇନ ଭାବେ ଗ୍ୟାସ ବିକ୍ରୟ କରାଯାଉଛି । ତେବେ ବରିଷ୍ଠ ନାଗରିକମାନଙ୍କର ପ୍ରଶ୍ନ ଗ୍ୟାସ ଭର୍ତ୍ତି ସିଲ ସିଲିଣ୍ଡର ଏମାନେ ପାଇଲେ କେଉଁଠାରୁ ସେ ସମ୍ପର୍କରେ ଟିମ ଖୋଳତାଡ଼ କଲାନାହିଁ କାହିଁକି । ଇଣ୍ଡେନ ଗ୍ୟାସ୍‌ର ଡିଲର ମା' ମଙ୍ଗଳା ଇଣ୍ଡେନ୍ ଥିବାବେଳେ ଦୋକାନକୁ ସିଲିଣ୍ଡର ଆସିଲା କେମିତି ଯାହା ଫଳରେ ଦୋକାନୀ ଉଚ୍ଚା ଦରରେ ବିକ୍ରିକଲା ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି ।

## ସୁନ୍ଦରଗ୍ରାମରେ ଅଗ୍ନିକାଣ୍ଡ



**କଣ୍ଟାପଡ଼ା,୨୩।୭/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମ ଦଳିତ ସାହିରେ ପ୍ରାୟ ୧୫ ବର୍ଷ ହେବ ରହି ଆସୁଥିବା ସ୍ୱାମୀ ପରିତ୍ୟକ୍ତା ମହିଳା କବିତା କାଣ୍ଡିଙ୍କ ଘରେ ଆଜି ସକାଳ ପ୍ରାୟ ସାଢ଼େ ଆଠଟା ସମୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ନିଆଁର ପ୍ରଭାବରେ କବିତାଙ୍କ ଦୁଇ ବଖରା ଘର ପୋଡି ପାଉଁସ ହୋଇଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ଯାଇଥିଲା । ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରିଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଥିଲା । ଖବର ପାଇ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ପୀଡିତା ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପୀଡ଼ିତା ପରିବାର ନିକଟରେ ପହଞ୍ଚି ପ୍ରାଥମିକ ସାହାଯ୍ୟ ସହ ତଦନ୍ତ କରିଛନ୍ତି । ତେବେ ଏହି ଅସହାୟ ପରିବାରକୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ମା' ବାସୁଳେଇ ପୀଠରେ ବନମହୋତ୍ସବ

**ଅସ୍ତରଙ୍ଗ,୨୩।୭/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ବାଲିଡିହା ଗ୍ରାମରେ ମା' ବାସୁଳେଇଙ୍କ ପୀଠରେ ମା' ବାସୁଳେଇ ଚାରିଟେବୁଲ ଟ୍ରଷ୍ଟ ଓ ବାଲିଡିହା ଗ୍ରାମବାସୀଙ୍କ ସହଯୋଗରେ ତୃତୀୟ ବାର୍ଷିକ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ବାବୁଲି ବେହେରା, ସମ୍ପାଦକ ସୂଚନ ଗୁରୁ, ଈଶ୍ୱର ବେହେରା, ବିକାଶ ବେହେରା, ବୃନ୍ଦେଶ୍ୱର ବେହେରା ପ୍ରମୁଖ ସଭ୍ୟମାନେ ଯୋଗଦେଇ ପାଞ୍ଚଶହରୁ ଉର୍ଦ୍ଧ ବିଭିନ୍ନ କିସମର ବୃକ୍ଷ ରୋପଣ କରିଥିଲେ । ଅତିଥି ଭାବେ ଆଇନଜୀବୀ ବିରେନ କୁମାର ମହାନ୍ତି ଓ ସମାଜସେବୀ ଅନ୍ନଦା କୁମାର ବେହେରା ଯୋଗଦେଇ ଟ୍ରଷ୍ଟର ସଭ୍ୟ ଓ ଗ୍ରାମବାସୀମାନଙ୍କୁ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଅଧିକରୁ ଅଧିକ ବୃକ୍ଷ ରୋପଣ କରାଯାଇ ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବା ପାଇଁ ଟ୍ରଷ୍ଟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

## ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ

**ସାଲେପୁର,୨୩।୭/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଏଲମାପୁର ଠାରେ ଥିବା ଦୁଖୀଶ୍ୟାମ ବୃଦ୍ଧାଶ୍ରମ ଅନ୍ତେବାସୀମାନଙ୍କୁ ଓମ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଦୁଗ୍ଧ ବଣ୍ଟନ କରାଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ରାମଚନ୍ଦ୍ର ପାଣି, ଉପଦେଷ୍ଟା ଅବତନ ଷଡ଼ଙ୍ଗୀ, ପରମାନନ୍ଦ ମୁଦୁଲି, ଶେଖ ସମସୁଦୀନ, ପ୍ରଭାସିନୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଦୁଖୀଶ୍ୟାମ ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀମାନଙ୍କୁ ଶୁଖିଲା ଖାଦ୍ୟ ଓ ଦୁଗ୍ଧ ବଣ୍ଟନ କରିଥିଲେ ।

## ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣାରେ ଅଭିଯୁକ୍ତ ଗିରଫ


**ଗୋପ,୨୩।୭/ଏନ୍‌ଏନ୍‌ଏସ୍:** ଗୋପ ଥାନା ଅଧିନ ବେଦପୁର ଗ୍ରାମର କନକଲତା ମହାପାତ୍ର (୪୮) ମାନସିକ ବିକୃତ ମହିଳାଙ୍କୁ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ମାନସିକ ବିକୃତ ମହିଳା କନକଲତା ମହାପାତ୍ର ମଙ୍ଗଳବାର ନିଜ ଗ୍ରାମର ହରୁ ସାହୁଙ୍କ ଦୁଆରେ ବସିଥିବା ବେଳେ ହରୁ ନିଶାସକ୍ତ ଅବସ୍ଥାରେ ପହଞ୍ଚି ମହିଳାଙ୍କୁ ଟଣାଓଟରା କରିଥିଲେ । ପରେ ମହିଳାଙ୍କୁ ଏକ କାଠ ଫାଳିଆ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ମାନସିକ ବିକୃତ ମହିଳାଙ୍କ ଦୁଇଟି ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ଘଟଣା ପ୍ରଚାରିତ ହେବାପରେ ବିଜେପି ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କୁ କହିବା ପରେ ବିଳମ୍ବିତ ରାତିରେ ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲରେ ବିଜେଡି ନେତା ସୁବ୍ରତ ଛାଟୋଇ ପହଞ୍ଚି ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପରିବାର ଲୋକଙ୍କ ସହ ଆଲୋଚନା କରିବାସହ ଉତ୍ତମ ଚିକିତ୍ସା ଲାଗି ଡାକ୍ତରଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି ।

## ବିଦ୍ୟୁତ୍ ତାର ଛିଣ୍ଡି ୯ ଗୋରୁ ମୃତ: ପ୍ରତିବାଦରେ ରାସ୍ତାରୋକ



**ମୁଣ୍ଡମୁହାଣ,୨୩।୭/ଏନ୍‌ଏନ୍‌ଏସ୍:** ଗତକାଲି ବିଳମ୍ବିତ ରାତିରେ ତଳଖେତା ଛକ ରାଧାଚରଣପୁରୁ ଠାରେ ବିଦ୍ୟୁତ ତାର ଛିଡି ପଡିବାରୁ ୯ଟି ଗାଈଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ଆଜି ରାଧାଚରଣପୁର ଗ୍ରାମରେ ପ୍ରବଳ ଉତେଜନା ସୃଷ୍ଟି ହେବା ସହ ରାସ୍ତା ରୋକ ହୋଇଥିଲା । ପ୍ରାୟ ଏକ ଘଣ୍ଟା କାଳ ଇନଫୋଭ୍ୟାଲି ରାସ୍ତାରୋକ କରିଥିଲେ ସ୍ଥାନୀୟ ଲୋକ । ମୃତ ଗାଈମାନଙ୍କ ପାଇଁ କ୍ଷତିପୂରଣ ଓ ଏକ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବିରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ କର୍ମଚାରୀଙ୍କୁ ଘେରିଥିଲେ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା । ବିଦ୍ୟୁତ୍ ବିଭାଗର ଅଧିକାରୀ ଲୋକଙ୍କ ଦାବି ଉପରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ଏବଂ ରାସ୍ତା ରୋକ ହଟିଥିଲା । ଗତକାଲି ରାତିରେ ଖୋର୍ଦ୍ଧାରୁ ଆସିଥିବା ୩୩ କେଭି ବିଦ୍ୟୁତ୍ ଲାଇନରେ କୌଣସି ତ୍ରୁଟି ହେବାରୁ ରାଧାଚରଣପୁରସ୍ଥିତ ଜଙ୍କସନ ଜଳିଥିଲା । ରାସ୍ତା ଉପରେ ଜନ ବସତି ପାଖରେ ଥିବା ଜଙ୍କସନ ଭୟଙ୍କର ଭାବେ ଜଳିବାରୁ ପାଖରେ ଥିବା ଏକ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା ।ଛିଡା ତାର ନିକଟସ୍ଥ ଏକ ଗାଇ ଗୋଠ ପାଖରେ ପଡିବାରୁ ୯ଟି ଗାଈଙ୍କ ମୃତ୍ୟୁ ଘଟିଥିଲା ଏବଂ ଗୋପାଳକ ଗୋଲକ ବେହେରା ଆହତ ହୋଇଥିଲେ । ରାତି ଅଧରେ ଏତେବଡ ଅଘଟଣ ଘଟିଲା ଅଥଚ ବିଭାଗୀୟ ଯନ୍ତ୍ରୀଙ୍କ ଦେଖାନଥିଲା । ଏହାକୁ ନେଇ ଲୋକମାନଙ୍କ ଭିତରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା । ଇନ୍‌ଫୋଭ୍ୟାଲି ଥାନା ପୁଲିସ ଓ ବିଦ୍ୟୁତ ବିଭାଗ ଅଧିକାରୀ ପହଞ୍ଚିବା ପରେ ଏକ ଆପୋଷ ଆଲୋଚନା ହୋଇଥିଲା । ଗୋପାଳକଙ୍କୁ ୫ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିଲା । ସେହିଭଳି ଲୋକଙ୍କ ଘର ପାଖରେ ଥିବା ଲୁହା ବିଦ୍ୟୁତ ଖମ୍ବକୁ ସ୍ଥାନାନ୍ତର କରିବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଫଳ ବିକ୍ରି ଠେଲାଗାଡ଼ିରୁ ୫କେଜି ବାର୍‌ହା ମାଂସ ଜବତ, ଜଣେ ଗିରଫ



**ଓଡ଼ଗାଁ,୨୩।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଏନଏସି ଅନ୍ତର୍ଗତ ଚୂଡାମିଲ ଛକରେ ଫଳ ବିକ୍ରି ହେଉଥିବା ଏକ ଠେଲାଗାଡ଼ିରୁ ୫ କେଜି ବାରହାମାଂସ ଜବତ ହୋଇଛି । ଏହି ଘଟଣାରେ ବନ କର୍ମଚାରୀମାନେ ଜଣକୁ ଗିରଫ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଓଡ଼ଗାଁ ହେମାମାଳିନୀ ସାହିର ଖଲି ସାହୁଙ୍କ ପୁଅ ଶିବରାମ ସାହୁ (୩୮) ଚୂଡାମିଲ୍ ଛକରେ ନିଜ ଠେଲାଗାଡ଼ିରେ ଫଳ ବିକ୍ରିକରିବା ସହିତ ବାରହା ମାଂସ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଖବରପାଇ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ସରିତା ବରାଳ, ଗାର୍ଡ ସୌମ୍ୟରଞ୍ଜନ ଦଳେଇ, ପ୍ରୋଟେକ୍ସନ ସ୍କ୍ୱାର୍ଡ ରଘୁନାଥ ପ୍ରଧାନ, ରବିନାରାୟଣ ସାହୁଙ୍କ ସମେତ ବନକର୍ମଚାରୀମାନେ ଅତର୍କିତ ଚଢ଼ାଉକରି ଠେଲାଗାଡ଼ିରୁ ୫ କେଜି ବାରହା ମାଂସ ଜବତ କରିବା ସହିତ ମାଂସ ବିକ୍ରିକରିବା ଅଭିଯୋଗରେ ଶିବରାମକୁ ଗିରଫ କରିଥିଲେ । ତେବେ ଶିବରାମ ଅନ୍ୟଜଣେ ବ୍ୟକ୍ତିଙ୍କଠାରୁ ମାଂସକିଣି ରଖିଥିଲା ବୋଲି କହିଛି । ବନ କର୍ମଚାରୀମାନେ ଘଟଣାର ଅଧିକ ଖୋଳତାଡ଼ କରି ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି ତାହାର ତଦନ୍ତ ଚାଲିଥିବା କହିଛନ୍ତି ।



# ସୁନୀତା କୋହଲି

ଇଣ୍ଟେରିୟର୍ ଡିଜାଇନିଂ ଏକ କଳା ଯେଉଁଥିରେ ରଚନାତ୍ମକତା ଓ କଳ୍ପନାଶୀଳତାର ମିଶ୍ରଣ ଦେଖିବାକୁ ମିଳେ। ନିଜର ରଚନାତ୍ମକତାକୁ ବ୍ୟକ୍ତ କରିବା ଓ ଲୋକମାନଙ୍କ ଜୀବନକୁ ଆହୁରି ଉନ୍ନତମାନର କରେଇବାର ଅବସର ପ୍ରଦାନ କରିଥାଏ ଇଣ୍ଟେରିୟର୍ ଡିଜାଇନିଂ କଳା। ଆଜିର ସମୟରେ ଲୋକମାନେ ନିଜ ଘର ଓ କାର୍ଯ୍ୟସ୍ଥଳଗୁଡ଼ିକୁ ସୁନ୍ଦର ଓ ଆରାମଦାୟକ କରିବା ପାଇଁ ଇଣ୍ଟେରିୟର୍ ଡିଜାଇନର୍‌ଙ୍କ ସାହାଯ୍ୟ ନେଉଛନ୍ତି। ବର୍ତ୍ତମାନର ଆଧୁନିକ ସମୟରେ ଘରର ପରିଭାଷା ଆଉ ଇଟା, ସିମେଣ୍ଟ ଓ କାଠନିର୍ମିତ ଢ଼ାଞ୍ଚା ହୋଇ ରହିନାହିଁ। ଇଣ୍ଟେରିୟର୍ ଡିଜାଇନିଂର କଳା ଏଥିରେ ପରିବର୍ତ୍ତନ ଆଣିଛି। ଘରକୁ ଅନୋଖା ଲୁକ୍ ଦେବା ପାଇଁ ଓ ସୁନ୍ଦର ଭାବରେ ସଜେଇବା ପାଇଁ ପେସାଗତ ଇଣ୍ଟେରିୟର୍ ଡିଜାଇନର୍‌ମାନଙ୍କ ସହାଯ୍ୟ ନିଆଯାଉଛି। ତେବେ ସମୟ ସହିତ ଏହି ଚଳନ ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି। ଏହି ସିଦ୍ଧାନ୍ତରେ ଫର୍ଣ୍ଣିଚର, ସହାୟକ ଓ ସାଜସଜ୍ଜା ବସ୍ତୁ, କପଡ଼ାଗୁଡ଼ିକର ବ୍ୟବସ୍ଥା ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଏହା ସହିତ ସୁସଂଗତ ରୂପ ଓ ଡିଜାଇନ୍ ଦେବା ପାଇଁ ବିଶେଷ ପ୍ରକାରର ରଙ୍ଗ ଯୋଜନାଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଏ। ଏସବୁ କାମରେ ସଫଳତା ହାସଲ କରିଥିବା ଜଣେ ଇଣ୍ଟେରିୟର୍ ଡିଜାଇନର୍ ହେଉଛନ୍ତି ପଦ୍ମଶ୍ରୀ ସୁନୀତା କୋହଲି।

ସୁନୀତା କୋହଲି ଇଣ୍ଟେରିୟର୍ ଡିଜାଇନର୍ ଭାବରେ ପ୍ରସିଦ୍ଧି ପାଇବା ସହିତ ଜଣେ ବାସ୍ତୁକାର ଓ ଫର୍ଣ୍ଣିଚର ନିର୍ମାତ୍ରୀ। ସେ ରାଷ୍ଟ୍ରପତି ଭବନ, ସଂସଦ ଭବନ ଓ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପରି ପ୍ରତିଷ୍ଠିତ ଭବନଗୁଡ଼ିକର ଜୀର୍ଣ୍ଣୋଦ୍ଧାର ଓ ସାଜସଜ୍ଜାର କାମ କରିଛନ୍ତି। ତାଙ୍କର ଉପଲବ୍ଧିଗୁଡ଼ିକ ପାଇଁ ଭାରତ ସରକାର ୧୯୯୨ରେ ପଦ୍ମଶ୍ରୀ ପୁରସ୍କାର ଦ୍ୱାରା ତାଙ୍କୁ ସମ୍ମାନିତ କରିଥିଲେ। ସୁନୀତା ବିଦେଶରେ ମଧ୍ୟ ଅନେକଗୁଡ଼ିଏ ପରିଯୋଜନା ଉପରେ କାମ କରିଛନ୍ତି। ସେ ହାର୍ଭାର୍ଡ, ଏମୋରୀ ବିଶ୍ୱବିଦ୍ୟାଳୟ ଓ ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ ପରି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରେ ବ୍ୟାଖ୍ୟା ମଧ୍ୟ ଦେଇଛନ୍ତି। ତାଙ୍କର କାର୍ଯ୍ୟଗୁଡ଼ିକ ମଧ୍ୟରେ ବାସ୍ତୁକଳା, ଡିଜାଇନିଂ, କଳା ଓ ଐତିହ୍ୟ ଉପରେ ରିସର୍ଚ୍ଚ ସାମିଲ ଅଛି। ସୁନୀତାଙ୍କ ଝିଅ କୋହେଲିକା କୋହଲି ମଧ୍ୟ ଜଣେ ଜଣାଶୁଣା ଇଣ୍ଟେରିୟର୍ ଡିଜାଇନର୍। ତେଣୁ ଏହି ମା'-ଝିଅ ଯୋଡ଼ି ଅନେକଗୁଡ଼ିଏ ପରିଯୋଜନା ଉପରେ କାମ କରିସାରିଲେଣି। ଭାରତୀୟ ସଂସ୍କୃତି ଓ ଐତିହ୍ୟଗୁଡ଼ିକ ଉପରେ ସୁନୀତାଙ୍କର ଗଭୀର ଜ୍ଞାନ ରହିଥିବାରୁ ଡିଜାଇନିଂ ଓ ବାସ୍ତୁକଳା କ୍ଷେତ୍ରରେ ସେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିଛନ୍ତି।

୨୮ ଡ଼ିସେମ୍ବର, ୧୯୪୬ରେ ଲାହୋର, ପଞ୍ଜାବ ଠାରେ ଜନ୍ମଗ୍ରହଣ କରିଥିଲେ ସୁନୀତା। ସେ ଇଂରାଜୀ ସାହିତ୍ୟରେ ସ୍ନାତକ ଓ ମାଷ୍ଟର ଡିଗ୍ରୀ ପ୍ରାପ୍ତ କରିଛନ୍ତି। ଔପଚାରିକ ଡିଜାଇନିଂର ପ୍ରଶିକ୍ଷଣ ନେଇ ନଥିଲେ ମଧ୍ୟ ସେ ନିଜେ ଏହି ଦିଗରେ ଶିକ୍ଷା ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟନରେ ବିଶାରଦ ଉପାଧି ହାସଲ କରିଛନ୍ତି ସୁନୀତା।

> ରଚନାତ୍ମକତା କେବଳ ମାନବୀୟ କଳ୍ପନା ଓ ଆବିଷ୍କାରଶୀଳତାରୁ ସୃଷ୍ଟି ହୁଏ ନାହିଁ। ଏକ ବୁଣାକାର ପକ୍ଷୀର ରଚନାତ୍ମକତାକୁ ଦେଖିଲେ ଜଣାପଡ଼ିବ ଯେ କିପରି ସେ ତା'ର ବସା ତିଆରି କରୁଛି। ଏସବୁ ରଚନାତ୍ମକ ଢ଼ଙ୍ଗରେ ସେ କରିଥାଏ। ଏହି ରଚନାତ୍ମକ କୌଶଳ ତା'ର ଡିଏନ୍‌ଏର ଅଂଶବିଶେଷ।-ସୁନୀତା କୋହଲି।

ତେବେ ପଦ୍ମଶ୍ରୀ ଉପାଧି ପାଇଥିବା ସେ ହେଉଛନ୍ତି ପ୍ରଥମ ଇଣ୍ଟେରିୟର୍ ଡିଜାଇନର୍। ୧୯୭୧ରୁ ସେ ରିସର୍ଚ୍ଚ-ଆଧାରିତ ଇଣ୍ଟେରିୟର୍ ଡିଜାଇନର୍, ଐତିହାସିକ ବାସ୍ତୁକଳା ସଂରକ୍ଷଣରେ ଜଣେ ପ୍ରତିଷ୍ଠିତ ଅଗ୍ରଣୀ, ଉତ୍କୃଷ୍ଟ ସମକାଳୀନ ଏବଂ ଫର୍ଣ୍ଣିଚର ନିର୍ମାତା ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ପୋର୍ଟଫୋଲିଓ ମଧ୍ୟରେ ଭାରତ, ମିସ୍ର, ପାକିସ୍ତାନ, ଭୁଟାନ ଓ ଶ୍ରୀଲଙ୍କା ପରି ଦେଶ ରହିଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ସାର୍ବଜନିକ ବିରାସତ ଭବନ, ହୋଟେଲ୍, କିଲ୍ଲା, ମହଲ, ପୁସ୍ତକାଳୟ, ସଂଗ୍ରହାଳୟ, କର୍ପୋରେଟ୍ କାର୍ଯ୍ୟାଳୟ ଓ କିଛି ଆବାସ ସ୍ଥାନର ଏକ ଲମ୍ବା ଶୃଙ୍ଖଳା ରହିଛି। ୨୦୦୩ରେ ୱାଶିଂଟନ୍ ଡିସିର ପ୍ରତିଷ୍ଠିତ ଜାତୀୟ ଭବନ ସଂଗ୍ରହାଳୟରେ ସଚିତ୍ର ବ୍ୟାଖ୍ୟା ଦେବା ପାଇଁ ଆମନ୍ତ୍ରିତ ହୋଇଥିବା ସେ ହେଉଛନ୍ତି ପ୍ରଥମ ବାସ୍ତୁକାର ଓ ଡିଜାଇନର୍।

ଲକ୍ଷ୍ନୌ ପରି ସାଂସ୍କୃତିକ ଓ ସମୃଦ୍ଧ ସହରରେ ପିଲାଦିନ ବିତେଇଥିଲେ ସୁନୀତା। ସେଠାରେ ରହିବାର ପ୍ରାରମ୍ଭିକ ବର୍ଷଗୁଡ଼ିକ ତାଙ୍କୁ ଡିଜାଇନିଂ କ୍ଷେତ୍ରରେ ପାଦ ପକେଇବା ପାଇଁ ପ୍ରେରିତ କରିଥିଲେ। ତାଙ୍କ ଡିଜାଇନିଂ ଶିକ୍ଷା କ୍ଷେତ୍ରରେ ଲକ୍ଷ୍ନୌ ସହର, ସେଠିକାର ପରିବେଶ, ତାଙ୍କ ମାତାପିତାଙ୍କ ରୁଚି ଏସବୁର ଯୋଗଦାନ ରହିଛି। ସେ ପିଲାଦିନେ ବିକ୍ରି ଓ ନିଲାମୀ ହେଉଥିବା ସ୍ଥାନଗୁଡ଼ିକୁ ଯାଉଥିଲେ। ସେଠାରେ ପ୍ରଦର୍ଶିତ ହେଉଥିବା ସୁନ୍ଦର ସୁନ୍ଦର ଫର୍ଣ୍ଣିଚର୍ ଓ କଳାକୃତିଗୁଡ଼ିକୁ ପ୍ରଶଂସା କରିବା ସହିତ ସେଗୁଡ଼ିକ ଉପରେ ଅଧ୍ୟୟନ କରୁଥିଲେ। ଅଳ୍ପ ବୟସରୁ ଗଭୀର ଅଧ୍ୟୟନ ଓ ଶାସ୍ତ୍ରୀୟ ସଙ୍ଗୀତ ସହିତ ତାଙ୍କର ପରିଚୟ ହୋଇଥିଲା। ଏହି କାରଣରୁ ବିଭିନ୍ନ ଜିନିଷ ପ୍ରତି ସୁନୀତାଙ୍କର ଆଗ୍ରହ ସୃଷ୍ଟି ହେବା ସହିତ ସେ ମନଖୋଲି କାମ କରିବାର ସୁଯୋଗ ପାଇଥିଲେ। ସୁନୀତା ଯେତିକି ପ୍ରୋଜେକ୍ଟ ଡିଜାଇନ୍ କରିଛନ୍ତି ସେଗୁଡ଼ିକ ତାଙ୍କର ସୌଭଗ୍ୟରୁ ତାଙ୍କୁ ମିଳିଛି। ସେସବୁ ମଧ୍ୟରେ ଅଧିକାଂଶ ସାର୍ବଜନିକ ଅଟ୍ଟାଳିକା ଓ ହୋଟେଲ୍ ସବୁ ରହିଛି। ପ୍ରତି ପ୍ରୋଜେକ୍ଟ ଅଲଗା ଅଲଗା ଡିଜାଇନ୍‌ର ହୋଇଥିବା ବେଳେ ସେଗୁଡ଼ିକ ଅଲଗା ସାଂସ୍କୃତିକ ପରିବେଶ ମଧ୍ୟରେ ଅଛନ୍ତି। ତେବେ ପ୍ରତି ପ୍ରୋଜେକ୍ଟର ଆନନ୍ଦ ନେବା ସହିତ ସୁନୀତା ସେଗୁଡ଼ିକ ଉପରେ ଅଧ୍ୟୟନ ମଧ୍ୟ କରନ୍ତି। ପ୍ରତି ଦେଶର ସଂସ୍କୃତି, ସେଠିକାର ବାସିନ୍ଦା, ସେମାନଙ୍କର କଳା ଓ ସେମାନଙ୍କର ପରମ୍ପରାକୁ ଆଖି ଆଗରେ ରଖି ଏହି ଅଧ୍ୟୟନଗୁଡ଼ିକୁ କରାଯାଇଥାଏ ବୋଲି କହନ୍ତି ସୁନୀତା।





ତେବେ ଡିଜାଇନ୍ ପ୍ରତି ତାଙ୍କର ସବୁବେଳେ ସୂକ୍ଷ୍ମ ଦୃଷ୍ଟିକୋଣ ରହିଛି। ଯେତେବେଳେ ରଚନାତ୍ମକତା ଡିଜାଇନ୍ ସହିତ ଉତ୍କୃଷ୍ଟ କାରିଗରୀର ମେଳ ହୋଇଥାଏ ସେଠାରେ ଡିଜାଇନ୍ ଓ କାର୍ଯ୍ୟ କରିବାର ଶୈଳୀରେ କିଛି ସାର୍ଥକତା ଦେଖାଦେଇଥାଏ। ସୁନୀତା ଅନେକ ବ୍ରିଟିଶକାଳୀନ ଅଟ୍ଟାଳିକାଗୁଡ଼ିକର ଜୀର୍ଣ୍ଣୋଦ୍ଧାର, ସାଜସଜ୍ଜା ଓ ଡିଜାଇନିଂ କରିଛନ୍ତି ଯେଉଁଗୁଡ଼ିକ ମଧ୍ୟରେ ରହିଛି ରାଷ୍ଟ୍ରପତି ଭବନ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଓ ସଚିବାଳୟ, ସଂସଦ ଭବନରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ହାଇଦ୍ରାବାଦ ହାଉସ୍, ପ୍ରଧାନମନ୍ତ୍ରୀଙ୍କ ଆଧିକାରିକ ଆବାସ ବଙ୍ଗଳା, ନମ୍ବର-୩ ଓ ନମ୍ବର-୫ ରେସ୍ କୋର୍ସ ରୋଡ୍ ଓ ଇନ୍ଦିରା ଗାନ୍ଧୀ ସ୍ମାରକ ସଂଗ୍ରହାଳୟର ବଙ୍ଗଳା। ବ୍ରିଟିଶ କାଉନସିଲ୍ ବିଲ୍ଡିଂ, ଲାଇବ୍ରେରୀର ଇଣ୍ଟେରିୟର୍ ଡିଜାଇନିଂ କରିବା ସହିତ ୧୯୮୯ରେ ସୁନୀତା ଭୁଟାନର ଥିମ୍ପୁ ଠାରେ ଜାତୀୟ ସଭା ଭବନର ଡିଜାଇନ୍ ମଧ୍ୟ କରିଥିଲେ।

ସୁନୀତା ଓ କୋହେଲିକା କୋହଲି, ଏହି ମା'-ଝିଅଙ୍କ ଯୋଡ଼ିକୁ ଦେଶରେ ଇଣ୍ଟେରିୟର୍ ଡିଜାଇନ୍‌ର ପ୍ରଥମ ପରିବାର ବୋଲି କୁହାଯାଏ। ଏହି ଉଦ୍ୟୋଗ ଦିଗରେ ସୁନୀତାଙ୍କର ସଫଳତାର ସ୍ଥିତି କୋହେଲିକାଙ୍କୁ ଇଣ୍ଟେରିୟର୍ ଓ ଫର୍ଣ୍ଣିଚର୍ ଡିଜାଇନିଂ କ୍ଷେତ୍ରରେ ନିଜର କ୍ୟାରିୟର୍ ଗଢ଼ିବା ପାଇଁ ପ୍ରେରିତ କରିଥିଲା ବୋଲି କହିଲେ ଭୁଲ୍ ହେବ ନାହିଁ। ତେବେ ଏହା ତାଙ୍କ ଝିଅ କୋହେଲିକା ଉପରେ 'ଏକ ଅପ୍ରତ୍ୟକ୍ଷ ପ୍ରଭାବ' ଥିଲା ବୋଲି ସୁନୀତା କହନ୍ତି। ଏମାନେ ପରସ୍ପର ସହିତ ଯେତିକି ଗଭୀରତାର ସହିତ ଜଡ଼ିତ ହୋଇ ରହିଛନ୍ତି ଏମାନଙ୍କର ସମ୍ପର୍କ ସେତିକି ପେସାଗତ ଓ ସମାନ। କୋହେଲିକାଙ୍କ ଅନୁସାରେ ଆମର କାର୍ଯ୍ୟ-ସମ୍ବନ୍ଧ ଦୁଇ ଜଣ ଡିଜାଇନର୍‌ଙ୍କୁ ନେଇ ହୋଇଛି। ଆମର ବିଚାର, ଅବଧାରଣା ଓ ଡିଜାଇନିଂର ଶବ୍ଦାବଳୀ ଲଗାତର ଭାବରେ ପରସ୍ପରକୁ ପ୍ରଭାବିତ କରିଛି।

---

## ସ୍ୱାସ୍ଥ୍ୟ

# ଆଧୁନିକ ମହିଳାଙ୍କ ପାଇଁ ସଂକଟ:

# ବନ୍ଧ୍ୟାପଣ

ଆଜିର ସମୟରେ ଆମ ଦେଶରେ କେତେ ପ୍ରକାରର ବେମାରୀର ପ୍ରକୋପ ଦ୍ରୁତଗତିରେ ବ୍ୟାପି ଚାଲିଛି ଯେଉଁଗୁଡ଼ିକ ମଧ୍ୟରେ ରହିଛି ହାର୍ଟ ଆଟାକ୍, ଡାଇବେଟିସ୍ ଓ କ୍ୟାନ୍ସର୍। କିନ୍ତୁ ଦେଶର ମହିଳାମାନଙ୍କ ମଧ୍ୟରେ ଏକ ନୂଆ ସମସ୍ୟା ଦେଖିବାକୁ ମିଳିଛି ତାହା ହେଉଛି ବନ୍ଧ୍ୟାପଣ। ଏଥିରେ ମହିଳାମାନଙ୍କ ମା' ହେବାର କ୍ଷମତା କମ୍ ହୋଇଯାଏ। ପୂର୍ବରୁ ଅଧିକ ବୟସ୍କ ମହିଳାଙ୍କ ମଧ୍ୟରେ ଏହି ସମସ୍ୟା ଦେଖିବାକୁ ମିଳୁଥିଲା କିନ୍ତୁ ଏବେ ଯୁବ ମହିଳାମାନଙ୍କୁ ଏହା ଅଧିକ ପ୍ରଭାବିତ କରୁଛି। ଏହି ସମସ୍ୟା ପଛରେ ରହିଛି ଜୀବନଶୈଳୀ, ଖରାପ ଖାଦ୍ୟପେୟର ଅଭ୍ୟାସ, ମାନସିକ ଚାପ ଓ ହର୍ମୋନାଲ୍ ଅସନ୍ତୁଳନତା। ସମୟ ଅନୁସାରେ ଯଦି ଜରୁରୀ ପଦକ୍ଷେପ ନ ନିଆଯାଏ ତେବେ ଏହି ସମସ୍ୟା ଆହୁରି ଗମ୍ଭୀର ରୂପ ନେଇଥାଏ।

## କାରଣ

କ୍ୟାଫିନ୍ ଓ ଆଲ୍‌କୋହଲ୍‌ର ସେବନ-କଫି, ଚା', ସଫ୍ଟ ଡ୍ରିଙ୍କ୍‌ସ ଓ ଆଲ୍‌କୋହଲ୍‌ର ସେବନ ମହିଳାମାନଙ୍କ ପ୍ରଜନନ କ୍ଷମତାକୁ ଖୁବ୍ ଖରାପ ଭାବରେ ପ୍ରଭାବିତ କରୁଛି। କ୍ୟାଫିନ୍ ଓ ଆଲ୍‌କୋହଲ୍ ଶରୀରରେ ହର୍ମୋନାଲ୍ ପରିବର୍ତ୍ତନ ଆଣିପାରେ ଯାହାର ପ୍ରଭାବ ପଡ଼େ ଓଭ୍ୟୁଲେସନ୍ ଉପରେ। ଏଥିପାଇଁ ଗର୍ଭଧାରଣ କରିବା କଷ୍ଟକର ହୋଇଯାଏ। ମହିଳାମାନଙ୍କ ମଧ୍ୟରେ ମଦ୍ୟପାନର ଚଳନ ଅନେକ ପରିମାଣରେ ବୃଦ୍ଧି ପାଇଛି।



## ଧୂମପାନ:

ଆଜିକାଲି ଝିଅମାନେ ଯୁବ ବୟସରୁ ଧୂମପାନର ଅଭ୍ୟାସରେ ପଡ଼ିଯାଉଛନ୍ତି। ଏଥିରୁ ବାହାରିଯିବା ଏକ ସମସ୍ୟା ହୋଇଯାଏ। ସିଗାରେଟ୍‌ରେ ଥିବା ନିକୋଟିନ୍ ଓ ଅନ୍ୟ ହାନିକାରକ ତତ୍ତ୍ୱ ମହିଳାଙ୍କ ପ୍ରଜନନର ଗୁଣବତ୍ତାର କ୍ଷତି କରିଥାଏ। ଏହା ବ୍ୟତୀତ ବଡ଼ ବଡ଼ ସହରମାନଙ୍କରେ ବୃଦ୍ଧି ପାଉଥିବା ପ୍ରଦୂଷଣ ମଧ୍ୟ ପ୍ରଜନନ କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପକଉଛି।

## ଅସ୍ୱାସ୍ଥ୍ୟକର ଖାଦ୍ୟପେୟ:

ଆଧୁନିକ ଜୀବନଶୈଳୀ ମହିଳାମାନଙ୍କ ପ୍ରଜନନ କ୍ଷମତା ଉପରେ ଗଭୀର ପ୍ରଭାବ ପକଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଶୋଇବା, ଅନିୟମିତ ଦିନଚର୍ଯ୍ୟା ଓ ଶାରୀରିକ ଗତିବିଧିର ଅଭାବ କାରଣରୁ ହର୍ମୋନାଲ୍ ଅସନ୍ତୁଳନତାର ସମସ୍ୟା ବୃଦ୍ଧି ପାଇଥାଏ। ବିବାହ ପୂର୍ବରୁ ଶାରୀରିକ ସମ୍ବନ୍ଧ ରଖିବା ଏକ ସାଧାରଣ ଘଟଣା ହୋଇଗଲାଣି ଯେଉଁ କାରଣରୁ ଅନିଚ୍ଛା ସତ୍ତ୍ୱେ ସେମାନେ ଗର୍ଭବତୀ ହୋଇଯାଉଛନ୍ତି। ଏହାକୁ ନଷ୍ଟ କରିବା ପାଇଁ ଔଷଧର ସାହାଯ୍ୟ ନିଆଯାଏ ଯାହା ପରବର୍ତ୍ତୀ ସମୟରେ ଗର୍ଭଧାରଣ କରିବାରେ ସମସ୍ୟା ସୃଷ୍ଟି କରାଏ।

## ବିଳମ୍ବ ବିବାହ:

ଆଜିର ସମୟରେ ଝିଅମାନେ କ୍ୟାରିୟରକୁ ନେଇ ବେଶ୍ ସଚେତନ ରହୁଛନ୍ତି। ଏହାକୁ ପ୍ରାଥମିକତା ଦେଉଥିବାରୁ ବିଳମ୍ବରେ ବିବାହ କରୁଛନ୍ତି। ଏହା ପରେ ମଧ୍ୟ କ୍ୟାରିୟର୍ ପାଇଁ ଶୀଘ୍ର ମା' ହେବାକୁ ଚାହୁଁନାହାନ୍ତି। ତେବେ ୩୦-୩୫ ବର୍ଷ ପରେ ମହିଳାମାନଙ୍କ ପ୍ରଜନନ କ୍ଷମତା କମ୍ ହୋଇଯାଏ ଯେଉଁ କାରଣରୁ ଗର୍ଭଧାରଣରେ ସମସ୍ୟା ସୃଷ୍ଟି ହୁଏ।

## ପିସିଓଏସ୍:

ଅନେକ ମହିଳା ଏ ସମୟରେ ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଏହା ଏକ ହର୍ମୋନାଲ୍ ସ୍ୱାସ୍ଥ୍ୟ ସମସ୍ୟା। ଏଥିରେ ଓଭାରିଜ୍‌ରେ ସିଷ୍ଟ ହୁଏ ଯେଉଁ କାରଣରୁ ଅନିୟମିତ ମାସିକଧର୍ମ ଓ ଓଭ୍ୟୁଲେସନ୍‌ରେ ସମସ୍ୟା ହୁଏ। ଏଥିରେ ପୀଡ଼ିତ ମହିଳାମାନଙ୍କର ଗର୍ଭଧାରଣର ସମ୍ଭାବନା କମ୍ ହୋଇଯାଏ। ଏହାର ମୁଖ୍ୟ କାରଣ ଖରାପ ଖାଦ୍ୟପେୟ ଓ ଜେନେଟିକ୍ସ।

---

# ପନିର୍ ଠେଚା

ପନିର୍ ଠେଚା ଏକ ଚଟ୍‌ପଟା ଓ ସ୍ୱାଦିଷ୍ଟ ଡିସ୍। ଏହା ମହାରାଷ୍ଟ୍ରର ପ୍ରସିଦ୍ଧ ଠେଚା (କଞ୍ଚା ଲଙ୍କା ଓ ରସୁଣ ପେଷ୍ଟ) ସହିତ ପନିର୍‌କୁ ମିଶାଇ ତିଆରି କରାଯାଏ। ରାଗ ଖାଉଥିଲା ଲୋକମାନଙ୍କ ପାଇଁ ପନିର୍ ଠେଚା କୌଣସି ଟ୍ରିଟ୍ ଠାରୁ କମ୍ ନୁହେଁ। ଏହା ଆଗରେ ଡ଼ାଲି, ତରକାରିର ସ୍ୱାଦ ବି ଫିକା ପଡ଼ିଯାଏ।



**ଆବଶ୍ୟକ ସାମଗ୍ରୀ-** ପନିର୍-୨୦୦ ଗ୍ରାମ୍ (ଛୋଟ ଖଣ୍ଡରେ କଟାଯାଇଥିବ), କଞ୍ଚା ଲଙ୍କା-୩ଟି, ରସୁଣ କଳି-୫ଟି, ଅଦା-୧ ଇଞ୍ଚ, ପିଆଜ -୧ଟି, ଟମାଟୋ-୧ଟି, ଜିରା-ଅଧା ଚାମଚ, ହଳଦୀ ପାଉଡର୍-୧/୪ ଚାମଚ, ଲୁଣ-ସ୍ୱାଦ ଅନୁସାରେ। ତେଲ-୨ ବଡ଼ ଚାମଚ, ଧଣିଆ ପତ୍ର-କଟାଯାଇଥିବ।

**ପ୍ରଣାଳୀ-** ପନିର୍ ଠେଚା ତିଆରି କରିବା ପାଇଁ ପ୍ରଥମେ କଞ୍ଚା ଲଙ୍କା, ରସୁଣ ଓ ଅଦାକୁ ପକାଇ ଖଦଡ଼ କରି ପେଷିଦେବେ। ଏହାକୁ ଯଦି କୁଟି ଦେବେ ତେବେ ଏହାର ସ୍ୱାଦ ଆହୁରି ବୃଦ୍ଧି ପାଇବ। ଏକ ପ୍ୟାନ୍‌ରେ ଏବେ ତେଲ ଗରମ କରି ପନିର୍ ଖଣ୍ଡଗୁଡ଼ିକୁ ହାଲୁକା ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ। ଏହାକୁ ଏକ ପ୍ଲେଟ୍‌ରେ ବାହାର କରି ବାକିଥିବା ତେଲରେ ଜିରା ପକାନ୍ତୁ। ଜିରା ଫୁଟିଯିବା ପରେ କଟାଯାଇଥିବା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ସେଥିରେ ଟମାଟୋ, ହଳଦୀ ପାଉଡର୍ ପକାଇ ଟମାଟୋ ନରମ ହେବା ପର୍ଯ୍ୟନ୍ତ ଭାଜିବେ। ଏବେ ଏଥିରେ ପେଷା ଯାଇଥିବା ଠେଚା ପେଷ୍ଟ ପକାଇ ୩ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ ଯେପରି ମସଲାର କଞ୍ଚାପଣ ଚାଲିଯିବ। ଏବେ ଏଥିରେ ଭଜା ଯାଇଥିବା ପନିର୍ ଓ ଲୁଣ ପକାଇ ଖୁବ୍ ଭଲ ଭାବରେ ମିଶେଇ ଦିଅନ୍ତୁ। ମିଶ୍ରଣକୁ ଘୋଡ଼େଇ ଧିମା ଆଞ୍ଚରେ ୨-୩ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଯେପରି ସବୁ ଫ୍ଲେଭର୍ ମିଶିଯିବ। ଘୋଡ଼ଣିକୁ ବାହାର କରି ଧଣିଆ ପତ୍ର ପକାଇ ଗାର୍ଣ୍ଣିସ୍ କରି ଗରମ ଗରମ ଚଟଣି କିମ୍ବା ସସ୍ ସହିତ ପରଷିବେ।

---

## ଫ୍ୟାସନ୍

# ପୋଲ୍‌କା ଡଟ୍- କେବେ ଥିଲା ମୃତ୍ୟୁର ପ୍ରତୀକ

## ଆଜି ପାଇଛି ଗର୍ଭବତୀ ହେବାର ପରିଚୟ



ବିଗତ କିଛି ସମୟ ହେଲାଣି ପୋଲ୍‌କା ଡଟ୍ ପିନ୍ଧିଥିବା ଅଭିନେତ୍ରୀମାନଙ୍କ ଠାରୁ ସେମାନେ ଗର୍ଭବତୀ ଥିବାର ଖବର ମିଳୁଛି। କାରଣ ଆଜିର ସନ୍ଦର୍ଭରେ ଯଦି ଦେଖାଯାଏ ତେବେ ପୋଲ୍‌କା ଡଟ୍ ଡ୍ରେସ୍ ଗର୍ଭବତୀ ହେବାର ଏକ ପରିଚୟ ହୋଇଗଲାଣି। କିନ୍ତୁ ଏହି ପୋଲ୍‌କା ଡଟ୍ ଡିଜାଇନ୍ କେବେ ଅଶୁଭର ପ୍ରତୀକ ଥିଲା ବୋଲି ଜାଣିଛନ୍ତି କି? ପୋଲ୍‌କା ଡଟ୍ ଡ୍ରେସ୍ ସହିତ ଜଡ଼ିତ ଇତିହାସ ଓ କେତେକ ଜରୁରୀ ଘଟଣା ବିଷୟରେ ଜାଣିବା।


**ଇତିହାସ-** ଔଦ୍ୟୋଗିକ କ୍ରାନ୍ତି ପୂର୍ବରୁ କପଡ଼ା ଉପରେ ହାତରେ ତିଆରି ଡିଜାଇନ୍ କରାଯାଉଥିଲା। ସବୁଠାରୁ ସୁନ୍ଦର ଓ ସହଜ ଡିଜାଇନ୍ ଥିଲା ପୋଲ୍‌କା ଡଟ୍‌ସ। ତେବେ ସେ ସମୟରେ ଏହାକୁ ଗୋଲ୍ ଡଟ୍‌ସ ବୋଲି କୁହାଯାଉଥିଲା। ଅଷ୍ଟାଦଶ ଶତାବ୍ଦୀରେ ୟୁରୋପ୍‌ର ଅଧିକାଂଶ ଦେଶରେ ପ୍ଲେଗ୍ ଓ ଚିକେନ୍‌ପକ୍ସ ପରି ମହାମାରୀ ଲକ୍ଷାଧିକ ଲୋକଙ୍କର ଜୀବନ ନେଇଥିଲା। ପ୍ଲେଗ୍ ଓ ଚିକେନ୍‌ପକ୍ସ ଦ୍ୱାରା ଗ୍ରସ୍ତ ଲୋକମାନଙ୍କ ଶରୀରରେ ଗୋଲାକାର ଦାନା ବାହାରୁଥିଲା। ପୋଲ୍‌କା ଡଟ୍ସ ସେମାନଙ୍କର ଏହି ଖରାପ ଦିନଗୁଡ଼ିକୁ ମନେପକାଇ ଦେଉଥିବା କାରଣରୁ ସେଠିକାର ଲୋକମାନେ ପୋଲ୍‌କା ଡଟ୍‌କୁ ଘୃଣା କରନ୍ତି। ସେମାନେ କପଡ଼ା ଉପରେ ଏହିଭଳି ଡଟ୍‌ସ ତିଆରି କରନ୍ତି ନାହିଁ।

ଊନବିଂଶ ଓ ବିଂଶ ଶତାବ୍ଦୀର ମଧ୍ୟକାଳରେ କେତେକ ଘଟଣା ଏହି ପ୍ୟାଟର୍ଣ୍ଣକୁ ଲୋକପ୍ରିୟ କରାଇଥିଲା। ୧୮୩୫ରେ ୟୁରୋପ୍‌ରେ ବୋହେମିୟନ୍ ସମୁଦାୟର ଏକ ଡ୍ୟାନ୍ସ ଫର୍ମ ଖୁବ୍ ଲୋକପ୍ରିୟ ହୋଇଥିଲା। ଏହି ଡ୍ୟାନ୍ସ ଫର୍ମର ନାମ ଥିଲା ପୋଲ୍‌କା ଡ୍ୟାନ୍ସ। ଏହି ଡ୍ୟାନ୍ସରେ ଡଟ୍ ପ୍ରିଣ୍ଟ ଥିବା ଡ୍ରେସ୍‌ର ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ସେହିଭଳି ପ୍ରିଣ୍ଟର କପଡ଼ା ବଜାରକୁ ଆସିଗଲା। ଏହିଭଳି ଭାବରେ ଏହି ପ୍ରିଣ୍ଟର କପଡ଼ାକୁ ପୋଲ୍‌କା ଡଟ୍ ଡ୍ରେସ୍ ନାମ ମିଳିଥିଲା। ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଆମେରିକା ସମେତ ପୂରା ଦୁନିଆରେ ଏହି ପ୍ରିଣ୍ଟର କପଡ଼ା ଲୋକପ୍ରିୟତା ହାସଲ କରିଥିଲା। ୧୯୨୮ରେ ଡିଜ୍‌ନୀ, ମିନ୍ନି ମାଉସ୍ ନାମକ ଏକ କାର୍ଟୁନ୍ ଚରିତ୍ରର ନିର୍ମାଣ କରିଥିଲା ଯିଏ ପୋଲ୍‌କା ଡଟ୍ ଡ୍ରେସ୍‌ରେ ନଜର ଆସୁଥିଲା। ଫ୍ୟାସନ୍ ଇଣ୍ଡଷ୍ଟ୍ରି ଉପରେ ସୂକ୍ଷ୍ମ ଦୃଷ୍ଟି ରଖୁଥିବା ଲୋକମାନଙ୍କ ଅନୁସାରେ ଏହି ମିନ୍ନି ମାଉସ୍ ପୋଲ୍‌କା ପ୍ୟାଟର୍ଣ୍ଣକୁ ପୂରା ଦୁନିଆରେ ଲୋକପ୍ରିୟ କରାଇଥିଲା। ତେବେ ବିଗତ କିଛି ବର୍ଷ ମଧ୍ୟରେ ଗର୍ଭବତୀ ହେବାର ସଂକେତ ଭାବରେ ପୋଲ୍‌କା ଡଟ୍‌ସକୁ ବ୍ୟବହାର କରାଯାଉଛି। ଦେଶ ବିଦେଶର ଅନେକ ଅଭିନେତ୍ରୀ ସେମାନଙ୍କର ମ୍ୟାଟର୍‌ନିଟିର ଫଟୋ ସୁଟ୍ ପୋଲ୍‌କା ଡଟ୍‌ସ ଡ୍ରେସ୍ ପିନ୍ଧି କରିଥିବାର ନଜର ଆସିଛନ୍ତି।



---

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ:** ଦିନଟି ଆପଣଙ୍କ ପାଇଁ ଶୁଭ। ଆର୍ଥିକ ମାମଲାରେ ଭାଗ୍ୟଶାଳୀ ରହିବେ। ପେସାଗତ ଜୀବନରେ ଉନ୍ନତିର ଆଶା ରହିଛି। ପାରିବାରିକ ଜୀବନରେ ସମସ୍ୟା ରହିବ। ସାଙ୍ଗସାଥିଙ୍କ ସହିତ ବୁଲିବାକୁ ଯାଇପାରନ୍ତି।

**ବୃଷ:** ଆୟର ନୂଆ ସୋର୍ସ ଖୋଲିବ। ନୂଆ କାମର ଆରମ୍ଭ ଉତ୍ତମ ରହିବ। ପାରିବାରିକ ପରିବେଶ ଆନନ୍ଦଦାୟକ ରହିବ। ବିବାହ ପ୍ରସ୍ତାବ ଆସିପାରେ। ରିଲେସନସିପ୍‌କୁ ମଜଭୁତ କରିବେ।

**ମିଥୁନ:** ଆୟ ବୃଦ୍ଧିର ଅନ୍ୟ ସୋର୍ସ ରହିବ। ଚାକିରି-କାରବାରର ବାତାବରଣ ଅନୁକୂଳ ରହିବ। ନୂଆ ପ୍ରୋଜେକ୍ଟର ଦାୟିତ୍ୱ ମିଳିବ। ଘରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ। ଟ୍ରିପ୍ ପାଇଁ ଯୋଜନା କରିପାରନ୍ତି।

**କର୍କଟ:** ପୁରୁଣା ପ୍ରପର୍ଟିରୁ ଧନ ଲାଭ ହେବ। ପରିବାରରେ ସୁଖ-ଶାନ୍ତି ରହିବ। ଆଫିସ୍‌ରେ ଆପଣଙ୍କର ଭଲ ଇମେଜ ରହିବ। ନୂଆ ପ୍ରପର୍ଟି କିଣିବା କାମ ସହଜ ହୋଇପାରେ। ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ।

**ସିଂହ:** ଆର୍ଥିକ ଦୃଷ୍ଟିରୁ ଭାଗ୍ୟଶାଳୀ ରହିବେ। ପ୍ରମୋଶନର ସୁଯୋଗ ମିଳିପାରେ। ରିୟଲ୍ ଇଷ୍ଟେଟ୍‌ରେ ନିବେଶ ଲାଭଦାୟକ ରହିବ। ଧନ ମାମଲାରେ ରିସ୍କ ନନେଲେ ଭଲ। ରୋମାଣ୍ଟିକ୍ ଜୀବନ ବଢ଼ିଆ ରହିବ।

**କନ୍ୟା:** ଦିନଟି ଆପଣଙ୍କ ପାଇଁ ଶୁଭ। ଅଟକିଥିବା ଧନ ଫେରିପାଇବେ। ପେସାଗତ ଜୀବନରେ ପରାମର୍ଶ ଲାଭଦାୟକ ହେବ। କାରିୟର୍‌ରେ ସଫଳତାର ଶିଡ଼ି ଚଢ଼ିବେ। ସମ୍ପତ୍ତି ବିବାଦରୁ ମୁକ୍ତି ମିଳିବ।

**ତୁଳା:** ଦିନଟି ଉତ୍ଥାନ-ପତନରେ ଭରି ରହିବ। ଅଜ୍ଞାତ ଭୟ ଚିନ୍ତାରେ ପକେଇବ। ମୁଡ୍ ସ୍ୱିଙ୍ଗ୍ ପାଇଁ ସମ୍ପର୍କରେ ସମସ୍ୟା ହୋଇପାରେ। ଜୀବନସାଥି ସହିତ ବୈଚାରିକ ମତଭେଦ ସମ୍ଭବ।

**ବିଛା:** ଦିନଟି ଆପଣଙ୍କ ପାଇଁ ଖାସ୍। ବ୍ୟାପାରରୁ ଧନ ଲାଭ ଆଶା ରହିଛି। ଅଟକିଥିବା କାମରେ ସଫଳତା ପାଇବେ। ପ୍ରପର୍ଟି କିଣିବା ପାଇଁ ଲୋନ୍ ମିଳିଯିବ। ନୂଆ ଉପଲବ୍ଧି ହାସଲ କରିବେ।

**ଧନୁ:** ନିବେଶ ପାଇଁ ନୂଆ ଅବସର ମିଳିବ। ଧନ ଲାଭ ଯୋଗ ରହିଛି। ପେସାଗତ ଜୀବନରେ ଉନ୍ନତି ସମ୍ଭବ। ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହୋଇପାରେ। ନୂଆ ଘର କିଣି ପାରନ୍ତି।

**ମକର:** ଆୟର ଅଗଣିତ ସୋର୍ସରୁ ଧନ ଲାଭ ହେବ। ନୂଆ ରଣନୀତି ସହିତ କରାଯାଇଥିବା କାମଗୁଡ଼ିକ ଭଲ ପରିଣାମ ଦେବ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ। କ୍ୟାରିୟର୍‌ରେ ଉନ୍ନତିର ଆଶା ରହିଛି।

**କୁମ୍ଭ:** ପୁରୁଣା ନିବେଶରୁ ଖୁବ୍ ଭଲ ରିଟର୍ଣ୍ଣ ପାଇବେ। ଧନ ଆୟ ବୃଦ୍ଧି ହେବ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କଲେ କ୍ଷତି ସହିବେ। ପାରିବାରିକ ଜୀବନ ସୁଖମୟ ରହିବ। ଜୀବନସାଥିର ଭରପୂର ସହଯୋଗ ପାଇବେ।

**ମୀନ:** ଜୀବନରେ ସକାରାତ୍ମକ ଉର୍ଜାର ସଂଚାର ହେବ। ମାନସିକ ଚାପରୁ ମୁକ୍ତି ମିଳିବ। ଆର୍ଥିକ ମାମଲାରେ ଭାଗ୍ୟଶାଳୀ ରହିବେ। ବିନା କୌଣସି ପ୍ରତିବନ୍ଧରେ କାମ ସମାପ୍ତ ହେବ। ପ୍ରପର୍ଟି ପାଇଁ ବିବାଦ ହୋଇପାରେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ କାର୍ଯ୍ୟକ୍ରମ




**କେନ୍ଦୁଝର,୨୩।୭/ଏନ୍‌ଏନ୍‌ଏସ୍:** ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ କେନ୍ଦୁଝର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ଉପନିବନ୍ଧକ ସମବାୟ ସମିତି ସମୂହ ପର୍ଶୁରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, କାନନ ବିହାରୀ ପହି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରମୋଦ କୁମାର ଦାଶ, ଡିଡିଏମ୍ ନାବାର୍ଡ କୁରେଶ କୁମାର ନାୟକ, ବରିଷ୍ଠ ସହକାରୀ ସମବାୟ ସମିତି ସମୂହ, ଚମ୍ପୁଆ, ମଙ୍ଗଳ ସୋରେନ, ସହକାରୀ ସମବାୟ ସମିତି ସମୂହ, ଆନନ୍ଦପୁର ରାମଚନ୍ଦ୍ର ବିଶ୍ୱାଳ, ସହକାରୀ ସମବାୟ ସମିତି ସମୂହ, କେନ୍ଦୁଝର ସୁଦର୍ଶନ ନାଏକ, ଜି.ଏମ୍. ଜିଲ୍ଲା ସମବାୟ ମିଲ୍କ ୟୁନିଅନ୍ ସତ୍ୟ ପ୍ରକାଶ ଧର, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ପ୍ରତିନିଧି ବିଶ୍ୱନାଥ ନାଏକ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତା ଓ ସଭ୍ୟ /ସଭ୍ୟା ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା, ଏମ୍-ପିଏସିଏସ୍, ଏମ୍-ଡିସିଏସ୍ ଓ ଏମ୍-ଏଫ୍‌ସିଏସ୍ ସମବାୟ ସମିତିର ବ୍ୟବସାୟ ବିବିଧିକରଣ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏତଦ ବ୍ୟତୀତ ସମବାୟ ମଧ୍ୟରେ ସହଭାଗୀତା, ସମବାୟ ସମିତିର ପଞ୍ଜୀକରଣ ଓ ସମବାୟ ଆଇନରେ ଥିବା ବିଭିନ୍ନ ପ୍ରାବଧାନ ଉପରେ ଏକ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପନିବନ୍ଧକ ସମବାୟ ସମିତି ସମୂହ କେନ୍ଦୁଝର ସ୍ୱାଗତ ଭାଷଣ ଦେଇଥିଲେ। ସମବାୟ ନିରୀକ୍ଷକ ସୀମାଶ୍ରୀ ପ୍ରିୟଦର୍ଶିନୀ ଜେନା ଧନ୍ୟବାଦ୍ ଦେଇଥିଲେ ଓ ଆଲୋକ କୁମାର ବଳ ମ୍ୟାନେଜର, କେନ୍ଦ୍ର ସମବାୟ ବ୍ୟାଙ୍କ ମଞ୍ଚ ପରିଚାଳନା କରିଥିଲେ।

### ପୁଣି ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ

## ସମ୍ପର୍କୀୟ ଜେଜେବାପା ଅଟକ

**ବାଲେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲାରେ ପୁଣି ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ସମ୍ପର୍କୀୟ ଜେଜେବାପାକୁ ପୁଲିସ ଗିରଫ କରିଛି। ଏଭଳି ଅଭାବନୀୟ ଘଟଣା ଜିଲ୍ଲାର ଅମର୍ଦ୍ଦା ଫାଣ୍ଡି ଅଧୀନରେ ଘଡ଼ିଛି।



ସୂଚନା ଅନୁସାରେ ଗତ ରବିବାର ଦିନ ଅମର୍ଦ୍ଦା ଫାଣ୍ଡି ଅଧୀନ ହଦମଉଦ ଗ୍ରାମର ଜଣୈକା ନାବାଳିକା ଗ୍ରାମର ପଡ଼ୋଶୀଙ୍କ ଘରକୁ ଯାଉଥିଲେ। ଏତିକି ବେଳେ ଗ୍ରାମର କରୁଣାକର ବେହେରା ନାବାଳିକାକୁ ପ୍ରଲୋଭନ ଦେଖାଇ ନିଜ ଘରକୁ ନେଇଯାଇ ତାକୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ଝିଅଟିର ଚିତ୍କାର ଶୁଣି ପଡ଼ୋଶୀ ପିଉସୀ ଆସି ଜେଜେବାପାଙ୍କଠାରୁ ନାବାଳିକାକୁ ଉଦ୍ଧାର କରିଥିଲେ। ପରେ ଝିଅଟି ବାପାମା’ଙ୍କୁ ସବୁକଥା କହିଥିଲା। ଏ ନେଇ ପୀଡ଼ିତାର ବାପା ମଙ୍ଗଳବାର ଅମର୍ଦ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ଉଠାଇ ଆଣି ଫାଣ୍ଡିରେ ଅଟକ ରଖିଛି। ବୁଧବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଅମର୍ଦ୍ଦା ଫାଣ୍ଡି ପକ୍ଷରୁ ଏକ ମୋକଦ୍ଦମା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ଦୋକାନରୁ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ସୋର,୨୩।୭/ଏନ୍‌ଏନ୍‌ଏସ୍:** ସୋର ଥାନା ମଙ୍ଗଳପୁର ବଜାରରେ ଥିବା ଏକ ତେଜରାତି ଦୋକାନରୁ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ସୂଚନା ଅନୁସାରେ, ମଙ୍ଗଳପୁର ଗ୍ରାମର ତାପସ କୁମାର ଦାସ ମଙ୍ଗଳପୁର ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ପଛପଟ ଝରକା ଭାଙ୍ଗି ଡ୍ରରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅବକାରୀ ଚଢ଼ଉ, ୩ ଗିରଫ

**ତେଲକୋଇ,୨୩।୭/ଏନ୍‌ଏନ୍‌ଏସ୍:** ତେଲକୋଇ ଅବକାରୀ ବିଭାଗ ପକ୍ଷରୁ ଆଜି ତେଲକୋଇ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ତେଲକୋଇ ଥାନା ଅନ୍ତର୍ଗତ ଛାମୁଣ୍ଡା, ମାର୍ଦ୍ଦା ଓ ପଡ଼ିଆପଶିରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ତିନି ଜଣଙ୍କୁ ଗିରଫ ସହ ୨ବାଇକ ଜବତ ହୋଇଛି। ସେହିପରି ଅଭିଯୁକ୍ତମାନଙ୍କଠାରୁ ୨ କ୍ୱିଣ୍ଟାଲ ମହୁଲ ଫୁଲ ଓ ୩୨ ଲିଟର ବିଦେଶୀ ମଦ ଜବତ କରାଯାଇଛି। ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗର ଅଧିକାରୀ ସ୍ୱାଭିମାନ ବଡ଼ ଜେନା, କନ୍‌ଷ୍ଟେବଲ ମାଣିକ ସମରାଇ ଓ ଦୀପ୍ତିମୟୀ ବେହେରା ପ୍ରମୁଖ ସାମିଲ ଥିଲେ।

### ବିଏସ୍‌ଏଫ୍ ଯବାନଙ୍କ ଶ୍ୱଶୁର ଘରେ ମୃତ୍ୟୁ ଘଟଣା

# ‘ମୋ ପୁଅକୁ ଶ୍ୱଶୁର ଲୋକେ ମାରି ଦେଇଛନ୍ତି’

**ସୋର,୨୩।୭/ଏନ୍‌ଏନ୍‌ଏସ୍:** ବାହାନଗା ବଗଲପୁର ଗ୍ରାମର ବିଏସ୍‌ଏଫ୍ ଯବାନଙ୍କର ତାଙ୍କ ଶ୍ୱଶୁରଘରେ ମୃତ୍ୟୁକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିବାବେଳେ ତାଙ୍କ ବୃଦ୍ଧା ମା’ ଆଜି ସୋରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ପୁଅକୁ ତା’ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ୭୦ ବର୍ଷୀୟା ବାସନ୍ତୀ ସାହୁଙ୍କର ଦିବ୍ୟରଞ୍ଜନ ସାହୁ (୩୯) ୨୦୦୭ ମସିହାରେ ଭାରତ ସରକାରଙ୍କ ବିଏସ୍‌ଏଫ୍ ୩୬ ବାଟାଲିୟନ୍ ଭାବେ ନିଯୁକ୍ତି ପାଇ ଉତ୍ତରପ୍ରଦେଶ ଗ୍ରେଟର ନୋଏଡାରେ କାର୍ଯ୍ୟଥିଲା। ସେ ୨୦୧୨ ମସିହାରେ ବାଲେଶ୍ୱର ରାଣୀପଟଣା ଗ୍ରାମର ଚିଲିକା




ବେହେରାଙ୍କ ସାନଝିଅ ସଂଯୁକ୍ତା ସାହୁଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟେ ୮ ବର୍ଷର ଝିଅ ରହିଛି। ଝିଅର ପାଠପଢ଼ା ପାଇଁ ଉଭୟେ ବାଲେଶ୍ୱର ସହରରେ ଏକ ଘରଭଡ଼ା ନେଇ ରହୁଥିଲେ। କିନ୍ତୁ ଗତ ଜୁଲାଇ ୩ ତାରିଖ ରାତିରେ କୌଣସି କାରଣରୁ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟଙ୍କ ମଧ୍ୟରେ ଝଗଡ଼ା ଚାଲିଥିବା ଭିତରେ ମୋ ବୋହୂ ସଂଯୁକ୍ତା ତା’ର ଭାଇ କମଳ ବେହେରାକୁ ଖବର ଦେଇଥିଲା। ଖବର ପାଇ ବୋହୂର ଭାଇ କମଳ ସାଙ୍ଗରେ କେତେଜଣ ଲୋକମାନଙ୍କୁ ନେଇ ଆସି ପହଞ୍ଚିଥିଲା। ସେମାନେ କୌଣସି କଥା ନବୁଝି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୁଝାମଣା କରିବା ବଦଳରେ ମୋ ପୁଅକୁ ସେମାନେ ଆକ୍ରମଣ କରିବା ସହିତ ନିଷ୍ଠୁର ଭାବେ ମାଡ଼ମାରିଥିଲେ। ଫଳରେ ମୋ ପୁଅ ଗୁରୁତର ଅବସ୍ଥାରେ ଘରେ ପଡ଼ିରହିଥିବା ଦେଖି ସେମାନେ ଘଟଣାର ପରଦିନୁ ବାଲେଶ୍ୱର ମେଡିକାଲକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ମୋ ପୁଅକୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁଅର ମୃତ ଦେହକୁ ବ୍ୟବଚ୍ଛେଦ କରାଇ ତା’ର ଶ୍ୱଶୁରଘର ଲୋକମାନେ ପୁଅର ମୃତଦେହକୁ ଆଣି ବଗଲପୁରକୁ ଆସିଥିଲେ। ମାତ୍ର ଗାଁ ଲୋକ ସେମାନଙ୍କୁ ବିରୋଧ କରିବା ସହିତ ଦିବ୍ୟରଞ୍ଜନଙ୍କୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ବାଲେଶ୍ୱର ସହଦେବଖୁଣ୍ଟା ପୁଲିସ୍ କେସ୍ ନଂ-୨୨୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଚାଲିଛନ୍ତି। ପୁଅର ହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ ପାଇଁ ବୃଦ୍ଧା ମା’ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଏହି ସମ୍ମିଳନୀରେ ବଡ଼ଭାଇ ସୌମ୍ୟରଞ୍ଜନ ସାହୁ ଏବଂ ଭାଉଜ ସରିତା ବେହେରା, ଗ୍ରାମବାସୀ ଆଲୋକ ରାଉତ, ସୁମନ୍ତ ରାଉତ, ବିନୋଦ ରାଉତ, ସୁମନ୍ତ ଦାସ, ବିକାଶ ଯଶମୁଖ, ସମାଜସେବୀ ମାୟାଧର ନାୟକ ଓ ଅନାଦି ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଏଫ୍‌ଏମ୍ ଛାତ୍ରୀମୃତ୍ୟୁ: ବ୍ୟବସ୍ଥାଗତ ମୃତ୍ୟୁ ପାଇଁ ନ୍ୟାୟିକ ତଦନ୍ତ କରାଯାଉ

**ବାଲେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଏଫ୍‌ଏମ୍ କଲେଜ ଛାତ୍ରୀମୃତ୍ୟୁକୁ ନେଇ ଭାରତର ଛାତ୍ର ଫେଡେରେସନ(ଏସଏଫଆଇ)ର ଏକ ପ୍ରେସମିଟ୍ ବୁଧବାର ଅପରାହ୍ନରେ ନୂଆ ବଜାରସ୍ଥିତ ମୋଟର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୌମ୍ୟାଶ୍ରୀଙ୍କ ବ୍ୟବସ୍ଥାଗତ ମୃତ୍ୟୁ ପାଇଁ ନ୍ୟାୟିକ ତଦନ୍ତ କରାଯାଉ ବୋଲି ଏସ୍‌ଏଫ୍‌ଆଇର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ ଦାବି କରିଛନ୍ତି। ଘଟଣା ଅନୁସାରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମାସାଧିକ କାଳ କଲେଜର ଶିକ୍ଷା ବିଭାଗର ପ୍ରଧାପକ ସମୀର ସାହୁଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହେବା ସହ ଶ୍ରୀ ସାହୁ ଛାତ୍ରୀଙ୍କଠାରୁ ଫେଭର୍ ମାଗୁଥିଲେ। ସେ ନିଜର ଅଭିଯୋଗ କଲେଜ ଅଧ୍ୟକ୍ଷଙ୍କୁ ଦେବା ସହ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ସ୍ଥାନୀୟ ବିଧାୟକ, ରାଜ୍ୟ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ଏଥିସହ ବ୍ୟକ୍ତିଗତ ଭାବେ ବାଲେଶ୍ୱର ସାଂସଦଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ କେହି ତାଙ୍କ କଥାକୁ କର୍ଣ୍ଣପାତ କରିନଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ସେ ଶାସକ ଦଳ ବିଜେପିର ଛାତ୍ର ସଙ୍ଗଠନ ଏବିଭିପିର ଆଗଧାଡ଼ିର ସଭ୍ୟା




ଥାଇ ବି ତାଙ୍କର ଅଭିଯୋଗ ପ୍ରତି ପ୍ରଶାସନ, ସରକାର ଏବଂ ସରକାରୀ ଦଳ ସମ୍ପୂର୍ଣ୍ଣ ଅଣଦେଖା ପୂର୍ବକ ତାଙ୍କୁ ଏକ ଅସହାୟ ସ୍ଥିତିକୁ ଠେଲି ଦେଇଥିଲେ। ଅପରପକ୍ଷେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଭିଯୁକ୍ତ ପ୍ରଧାପକଙ୍କୁ ଦୋଷମୁକ୍ତ କରିବା ସହ ଛାତ୍ରୀଙ୍କୁ ଅଭିଯୋଗ ପ୍ରତ୍ୟାହାର ପାଇଁ ଅଧ୍ୟକ୍ଷ ଚାପ ପକାଇଥିଲେ। ଗତ ଜୁଲାଇ ୧୨ ତାରିଖରେ ଆତ୍ମହତ୍ୟା ଉଦ୍ୟମ କରି ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଗତ ଦିନରେ କିଟ୍ ନେପାଳୀ ଛାତ୍ରୀ ପ୍ରକ୍ରିତିଙ୍କ କ୍ଷେତ୍ରରେ ସମାନ ଘଟଣା ଘଟିଥିଲା। ଏଥିରେ ରାଜ୍ୟ ସରକାରଙ୍କ ଅସମ୍ବେଦନଶୀଳତା ପ୍ରଦର୍ଶନ ଯୋଗୁଁ ଫକୀର ମୋହନ କଲେଜରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହେଲା ବୋଲି ଏସଏଫଆଇ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସର୍ବୋପରି ଏକ ନ୍ୟାୟିକ ତଦନ୍ତ ଜରିଆରେ ପ୍ରଧାପକ ଏବଂ ଅଧ୍ୟକ୍ଷଙ୍କ ସହ ସ୍ଥାନୀୟ ଥାନାଧିକାରୀ, ବାଲେଶ୍ୱର ପୁଲିସ ଅଧୀକ୍ଷକ, କଲେଜ ଆଭ୍ୟନ୍ତରୀଣ କମିଟିର ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକ ଏସ୍‌ଏଫ୍‌ଆଇ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଏସ୍‌ଏଫ୍‌ଆଇ ବୃହତ୍ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ ସୂଚନା ଦେଇଥିଲେ। ଏଥିରେ ଏସ୍‌ଏଫ୍‌ଆଇ ରାଜ୍ୟ ସଭାପତି ଚନ୍ଦନ କାମିଲା, ସମ୍ପାଦକ ଚନ୍ଦନ ସାହୁ, କୋଷାଧ୍ୟକ୍ଷା ରାକ୍ଷୀ ସ୍ୱାଇଁଙ୍କ ସମେତ ମାନସ ରଞ୍ଜନ ଦଳବେହେରା, ଲିପୁ ବଳିଆରସିଂହ, ଅଭିଳାଷ ମଲ୍ଲିକ, ରାଜ୍ୟ ଉପଦେଷ୍ଟା ପ୍ରଫେସର ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସମିଟ୍ ପୂର୍ବରୁ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ସମ୍ମିଳନୀ ମଧ୍ୟ ଆୟୋଜିତ ହୋଇଥିଲା।

## ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ


**ବୈଶିଙ୍ଗା,୨୩।୭/ଏନ୍‌ଏନ୍‌ଏସ୍:** ବେତନଟୀ ବ୍ଲକ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ବୈଶିଙ୍ଗା ବାଳିକା ଉଚ୍ଚବିଦ୍ୟାଳୟରେ ସମନ୍ୱୟ ସମିତିର ଏକ ବୈଠକ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗଦାନ କରି ସରକାରଙ୍କ ଶିକ୍ଷକ ମାରଣ ନୀତିର ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ବିନା ଦରମାରେ ଚାକିରି କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ, ବିନା ପେନ୍‌ସନ୍‌ରେ ଅବସର ଗ୍ରହଣ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ, ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ୬



ବର୍ଷକୁ ଚାକିରି କାଳରେ ଯୋଗ ଆଦି ବିଭିନ୍ନ ଦାବିରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ସହସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ନରହରି ମହାନ୍ତ, ସୁଶାନ୍ତ କୁମାର ପଣ୍ଡା, ଅନୀଲ କୁମାର ମହାନ୍ତ, ବିଶ୍ୱ ରଞ୍ଜନ ଦୁର୍ଗା, ଅଶୋକ କୁମାର ବାରିକ, ଶାନ୍ତନୁ କୁମାର ଜେନା, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଗୋପାଳ କୃଷ୍ଣ ପ୍ରଧାନ, ଭବାନୀ ଶଙ୍କର ବାଗ, କାଞ୍ଚନବାଳା କର, ନନ୍ଦିତା ମହାନ୍ତି ଯୋଗଦାନ କରି ରାଜ୍ୟ ସଂଗଠନର ନିର୍ଦ୍ଦେଶକ୍ରମେ ଆସନ୍ତା ଅଗଷ୍ଟ ମାସ ୨ ତାରିଖ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଗଷ୍ଟ ୮ ତାରିଖ ଜିଲ୍ଲାପାଳ ଧାରଣା, ଅଗଷ୍ଟ ୧୬ ତାରିଖ ଭୁବନେଶ୍ୱରରେ ପ୍ରତିବାଦ ସଭା ଓ ଦାବିପତ୍ର ପ୍ରଦାନକୁ ସଫଳ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ସର୍ବଶେଷରେ ଶିକ୍ଷକ ଟିକାୟତ ମହାନ୍ତ ଧନ୍ୟବାଦ୍ ଦେଇଥିଲେ।

## ଏଫ୍‌ଏମ୍‌ୟୁରେ ଲିଙ୍ଗଗତ ପ୍ରଭେଦ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର,୨୩।୭/ଏନ୍‌ଏନ୍‌ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ଏକ ଲିଙ୍ଗଗତ ପ୍ରଭେଦ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦଘାଟିତ ହୋଇଯାଇଛି। ସୂଚନା ମୁତାବକ ମୁଖ୍ୟ ପ୍ରସଙ୍ଗ ‘ପୋକ୍ସୋ ଆଇନ ୨୦୧୩ ଓ ୟୁଜିସି ଆଇନ ୨୦୧୫’କୁ ନେଇ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଡିନ୍ ପ୍ରଫେସର ବିନୟ କୁମାର ଦାସ ଯୋଗଦେଇ ‘ପୋକ୍ସୋ ଆଇନ- ୨୦୧୩’ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ଏକ ସଚେତନଶୀଳ




ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ମୂଲ୍ୟବାନ ଉଦ୍‌ବୋଧନରେ ଏହି ସଚେତନତାର ଆବଶ୍ୟକତା, ଏହାର ସଠିକ ଉପଯୋଗ, ସମସ୍ତଙ୍କ ସାମୁହିକ ସହଯୋଗ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ସମ୍ପ୍ରତି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ‘ଶକ୍ତି ଶ୍ରୀ’ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁନ୍ତୁମୀନା ଦାସ ଉପସ୍ଥିତ ହୋଇ ସେମାନଙ୍କ ଅଭିଭାଷଣ ମାଧ୍ୟମରେ ‘କାର୍ଯ୍ୟସ୍ଥଳରେ ମହିଳାଙ୍କ ବିରୁଦ୍ଧରେ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପୁନର୍ବିଚାର) ଆଇନ’, ୨୦୧୩ (ପୋକ୍ସୋ ଆଇନ), ୟୁଜିସି ଆଇନ-୨୦୧୫ ( ଛାତ୍ରୀ, ମହିଳା, ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ପାଇଁ), କାର୍ଯ୍ୟସ୍ଥଳୀରେ ପାରସ୍ପାରିକ ବ୍ୟବହାର, ଲିଙ୍ଗ ଉତ୍ପୀଡ଼ନ ପ୍ରତିଷେଧ ଓ ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ସମତାର ଆବଶ୍ୟକତା ଇତ୍ୟାଦି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତ ନିୟମାବଳୀକୁ ନେଇ ଏକ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଆଇସିସିର ସଂଯୋଜକ ପ୍ରଫେସର ଗୀତାଞ୍ଜଳି ପଣ୍ଡା, ୟୁଜିସି ଆଇନ-୨୦୧୫ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ସୂଚିତ କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ଓ ଛାତ୍ରଛାତ୍ରୀମାନେ ଏହାର ମୂଳ ପ୍ରସଙ୍ଗ ସମ୍ପର୍କରେ ନିଜର ମତାମତ ରଖିବା ସହ ବିଶେଷଜ୍ଞଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର କରାଯାଇଥିଲା। ଆଇସିସିର ସଦସ୍ୟ ଅଧାପିକା ଶୁଭଶ୍ରୀ ମହାଲିକ ସଂଚାଳନ କରିଥିବାବେଳେ ଆଇସିସିର ସଦସ୍ୟ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

### ଭାରତୀୟ ମଜଦୁର୍ ସଂଘର ୭୦ତମ ବର୍ଷ ପୂର୍ତ୍ତି

# ମଜଦୁର୍‌ଙ୍କ ହକ୍ ପାଇଁ ଲଢ଼େଇର ମାଧ୍ୟମ ‘ବିଏମ୍‌ଏସ୍’

**ଭଦ୍ରକ,୨୩।୭/ଏନ୍‌ଏନ୍‌ଏସ୍:** ଭାରତୀୟ ମଜଦୁର ସଂଘର ସ୍ଥାପନା ହେବାର ମୂଳ ଲକ୍ଷ୍ୟ ଶ୍ରମିକମାନଙ୍କ ହିତ ସାଧନ। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି ଏବଂ ଆଗାମୀ ଦିନରେ ମଧ୍ୟ କରି ଚାଲିଥିବ। ଏହି ଲଢ଼େଇର ଫଳ ମଜଦୁରମାନଙ୍କ ମୁହଁରେ ହସ ଫୁଟାଇଥାଏ ବୋଲି ଭାରତୀୟ ମଜଦୁର ସଂଘର ୭୦ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଅଙ୍ଗନବାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍‌ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୁର ସଂଘ ଆନ୍ଦୋଳନରତ। ଦେଶର ସର୍ବ




ବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି। ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମଣ୍ଡଳ ଶ୍ରମ ଆୟୁକ୍ତ ଶଚିଦାନନ୍ଦ ଜେନା, ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ତଥା ମୁଖ୍ୟବକ୍ତା ଶାନ୍ତନୁ କୁମାର ମହାପାତ୍ର, ଅଖିଳ ଭାରତ ମଧ୍ୟାହ୍ନ ଭୋଜନ କର୍ମଚାରୀ ସଂଘର ଉପସଭାପତି ମୁକ୍ତିକାନ୍ତ ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ବସନ୍ତରାୟ ସଭାରେ ସଭାପତିତ୍ୱ କରିଥିଲେ। ଆଶାକର୍ମୀ ସଂଘ ଜିଲ୍ଲା ସମ୍ପାଦିକା ସଞ୍ଜୁଲତା ରାଉତ, ପ୍ରଭାସିନୀ ଦାସ, କନକ ବିଶ୍ୱାଳ ଶ୍ରମିକ ସଂଗୀତ ଗାନ କରିଥିଲେ। ବିଏମ୍‌ଏସ୍ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଆଗାମୀ ଦିନରେ ସଂଘ ସହ ଅନୁବନ୍ଧିତ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୁଲ୍ୟରେ ଅଗଷ୍ଟ ମାସରେ ରକ୍ତଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଅଙ୍ଗନବାଡ଼ି ସଂଘର ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ପହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଞ୍ଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନରୁ ମନୋଜ ଲେଙ୍କା, ଚନ୍ଦ୍ରଶେଖର ଜେନା, ଶଶିକାନ୍ତ ସାହୁ, ବିଜୟ ମିଶ୍ର, ବିଭୁତି ପାଣିଗ୍ରାହୀ, ଅଶୋକ ନାୟକ, ବିଶ୍ୱନାଥ ଜେନା, କମଳାକାନ୍ତ ସାହୁ, ବିପ୍ରଚରଣ ସେଠୀ, ଆରତୀ ପଣ୍ଡା, ତପନ ପଣ୍ଡା, ଆଡ୍‌ଭୋକେଟ ସଞ୍ଜୟ ମହାନ୍ତି, ସୁଶାନ୍ତ ସାହୁ, ମନୋଜ ପାତ୍ର, ସୁଶାନ୍ତ ନାୟକ, ତିଳୋତ୍ତମା ସାହୁ, ଶୋଭନ ମହାନ୍ତି, ବିଜୟ ପ୍ରତାପ ଜେନା, ସସ୍ମିତା ନାୟକ, ମମତା ବାରିକ, ପ୍ରଦୀପ ରାଉତ, ଶୁଭେନ୍ଦୁ ନାୟକ, ଅଭିମନ୍ୟୁ ଜେନା, କନକଲତା ଜେନା, ବିଳାସିନୀ ରାଉତ, ନିରୂପମା ପତ୍ରୀ, ଆରତୀ ପଣ୍ଡା ଓ ଜାନକୀ ରାଉତ ପ୍ରମୁଖ ଶତାଧିକ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ଚୋରି, ୫ ଗିରଫ

**ଧାମନଗର,୨୩।୭/ଏନ୍‌ଏନ୍‌ଏସ୍:** ପାଞ୍ଚ ଦିନ ତଳେ ଧାମନଗର ବ୍ଲକରେ ହୋଇଥିବା ୫ଟି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ଘଟଣାରେ ଧୂଷୁରୀ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଟ୍ରାନ୍ସଫର୍ମର ମୋବାଇଲ ଏବଂ ଏକ କାର ଜବତ କରାଯାଇଛି। ଗତ ଶୁକ୍ରବାର ରାତିରେ ଧାମନଗର ବ୍ଲକ ପାଳସାହି ସେକ୍ସନ ଅଧୀନ ପନ୍ଦରବାଟିଆ ଏବଂ ଅସୁରାଳି ସେକ୍ସନ ଅଧୀନ ଅର୍ଜୁନପୁର ଅଞ୍ଚଳରୁ ୫ଟି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହୋଇଥିଲା। ଏନେଇ ଟିପିଏନ୍‌ଡିଏଲ୍‌ଓ ପାଳସାହି ସେକ୍ସନର କନିଷ୍ଠ ଯନ୍ତ୍ରୀ ସାହିଲ ସିଂହ ଏବଂ ଅସୁରାଳି ସେକ୍ସନ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଦାସ ଦୁଇଟି ଏତଲା ଦେଇଥିଲେ। ଏନେଇ ଧୂଷୁରୀ ଥାନାରେ କେସ ନଂ-୩୪୯/୨୫ ଏବଂ କେସ ନଂ-୩୫୦/୨୫ରେ ଦୁଇଟି ମାମଲା ରୁଜୁ ହୋଇଥିଲା। ପୁଲିସ ଅନୁସନ୍ଧାନ ଜାରି ରଖିଥିଲା



ବେଳେ ଆଜି କିଛି ଲୋକ ପନ୍ଦରବାଟିଆ ନିକଟରେ ସନ୍ଦେହଜନକ ଭାବେ ଥିବା ଦେଖି ପୁଲିସକୁ ଖବର କରିଥିଲେ। ଏସ୍‌ଆଇ ବାସୁଦେବ ଓରାମ ପୁଲିସ ଟିମ୍ ସହ ଚଢ଼ଉ କରିଥିଲେ। ସନ୍ଦିଗ୍ଧମାନଙ୍କ ଠାରୁ ଦୁଇଟି ଟ୍ରାନ୍ସଫର୍ମର,ଚାରୋଟି ମୋବାଇଲ ଫୋନ ସହିତ ଏକ କାର(ଓଡ଼ି-୨୨ସିଏକ୍ସ-୭୨୮୪) ଜବତ କରାଯାଇଛି। ଚୋରିରେ ସମ୍ପୃକ୍ତ କଟକ ଜିଲ୍ଲା ଖୁଣ୍ଟୁଣି ଥାନା ଅନ୍ତର୍ଗତ ମୁସୁଣିଆ ଅଞ୍ଚଳର ସୁରେଶ ଡିଗି(୨୮), ରାଜେଶ ଛତର(୨୫), ଦୁର୍ଯ୍ୟୋଧନ ଗୁମୁଜିରା(୨୭), ରାଜେନ୍ଦ୍ର ହେମ୍ବ୍ରମ(୩୯) ଏବଂ ଡ୍ରାଇଭର ରାଜୁ ଦାସ(୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ମାଞ୍ଚେଷ୍ଟର୍ ଟେଷ୍ଟରେ ଇତିହାସ ରଚିଲା ଭାରତ

**ମାଞ୍ଚେଷ୍ଟର,୨୩।୭/ଏଜେନ୍ସି :** ବୁଧବାର ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଭାରତ ପ୍ରଥମ ଥର ପାଇଁ ପାଞ୍ଚଜଣ ବାମହାତୀ ବ୍ୟାଟ୍ସମ୍ୟାନ୍ଙ୍କୁ ଖେଳାଇ ଟେଷ୍ଟ କ୍ରିକେଟ୍‌ରେ ଇତିହାସ ରଚିଛି। ଏହି ଲାଇନଅପ୍‌ରେ ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ରଷଭ ପନ୍ତ, ରବୀନ୍ଦ୍ର ଜାଡେଜା ଏବଂ ୱାଶିଂଟନ ସୁନ୍ଦର ସାମିଲ ଅଛନ୍ତି, ଯାହା ଭାରତର ୫୯୨ ମ୍ୟାଚ୍ ଟେଷ୍ଟ କ୍ରିକେଟ୍ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ଆଣ୍ଡରସନ୍-ତେଣ୍ଡୁଲକର ଟ୍ରଫିର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ଭାରତ ଚୂଡ଼ାନ୍ତ ଏକାଦଶରେ ତିନୋଟି ପରିବର୍ତ୍ତନ କରିଛି। ନମ୍ବର-୩ରେ କରୁଣ ନାୟରଙ୍କ ସ୍ଥାନରେ ବି ସାଇ ସୁଦର୍ଶନ ଟିମ୍‌କୁ ଫେରିଛନ୍ତି। ଆଣ୍ଠୁ ଆଘାତ ଯୋଗୁଁ ସିରିଜ୍‌ରୁ ବାଦ୍ ପଡ଼ିଥିବା ନୀତିଶ କୁମାର ରେଡ୍ଡୀଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁରଙ୍କୁ ସାମିଲ କରାଯାଇଛି। ତୃତୀୟ ପରିବର୍ତ୍ତନରେ ହରିଆଣାର ୨୪ ବର୍ଷୀୟ ଅଂଶୁଲ କାମ୍ବୋଜଙ୍କୁ ଆକାଶ ଦୀପଙ୍କ ସ୍ଥାନରେ ସୁଯୋଗ ଦିଆଯାଇଛି, ଯିଏ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଛନ୍ତି। ତାଙ୍କୁ ପୂର୍ବତନ କ୍ରିକେଟର୍ ଦୀପ୍ ଦାସଗୁପ୍ତା ଟେଷ୍ଟ କ୍ୟାପ୍ ପିନ୍ଧାଇଥିଲେ। ଏହା ସହିତ ଭାରତ ପକ୍ଷରୁ ଟେଷ୍ଟ ମ୍ୟାଚ୍ ଖେଳିବାରେ ସେ ୩୧୮ତମ ଖେଳାଳି ହୋଇଛନ୍ତି। ଲର୍ଡ୍ସ ଟେଷ୍ଟର ପ୍ରଥମ ଦିନ ଆଙ୍ଗୁଠିରେ ଆଘାତ ଲାଗିବା ପରେ ରଷଭ ପନ୍ତ ମାଞ୍ଚେଷ୍ଟର ଟେଷ୍ଟ ଖେଳିବା ଅନିଶ୍ଚିତ ଥିଲା। ତେବେ ଇତିମଧ୍ୟରେ ସୁସ୍ଥହୋଇ ସେ ଦଳରେ ନିଜର ସ୍ଥାନ ବଜାୟ ରଖିଛନ୍ତି।

## ଯଶସ୍ୱୀ ଜୟସ୍ୱାଲ୍‌ଙ୍କ କୀର୍ତ୍ତିମାନ

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଯଶସ୍ୱୀ ଜୟସ୍ୱାଲ୍ ପ୍ରଥମ ଇନିଂସ୍‌ରେ ୯୬ ରନ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟର୍‌ର ୧୨ଶ ଅର୍ଦ୍ଧଶତକ



ହୋଇଥିବା ବେଳେ ଚଳିତ ସିରିଜ୍‌ରେ ତୃତୀୟ। ଏହା ସହିତ ସେ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୫୦+ ରନ୍ କରିବାରେ ସେ ତୃତୀୟ ଭାରତୀୟ ଓପ୍ନର୍ ହୋଇଛନ୍ତି। ଏହି ମାମଲାରେ ସୁନିଲ୍ ଗାଭାସ୍କର ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୬୬ ଇନିଂସ୍‌ରେ ୨୦ ଥର ୫୦ରୁ ଉର୍ଦ୍ଧ୍ୱ ରନ୍ କରିଛନ୍ତି। ରୋହିତ ଶର୍ମା ୨୪ ଇନିଂସ୍‌ରେ ଆଠଥର ଏହି କୃତିତ୍ୱ ହାସଲ କରିଛନ୍ତି। ଏବେ ଯଶସ୍ୱୀ ଇଂଲଣ୍ଡ ବିପକ୍ଷରେ ୧୬ ଇନିଂସ୍‌ରେ ଆଠଥର ୫୦ରୁ ଉର୍ଦ୍ଧ୍ୱ ରନ୍ କରିଛନ୍ତି। କେଏଲ୍ ରାହୁଲ ମଧ୍ୟ ଇଂଲଣ୍ଡ ବିପକ୍ଷରେ ୨୭ ଇନିଂସ୍‌ରେ ସାତଥର ୫୦+ ରନ୍ କରିଛନ୍ତି।

ଏହା ବ୍ୟତୀତ ଯଶସ୍ୱୀ ଇଂଲଣ୍ଡ ବିପକ୍ଷରେ ୧୦୦୦ ଟେଷ୍ଟ ରନ୍ ପୂରଣ କରିଛନ୍ତି। ଏହି ମାମଲାରେ ସେ ୨୦ଶ ଭାରତୀୟ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ୧୬ ଇନିଂସ୍‌ରେ ଏହି ଉପଲବ୍ଧି ହାସଲ କରିବାରେ ସେ ମହମ୍ମଦ ଆଝାରୁଦ୍ଦିନ୍‌ଙ୍କ ସହ ଯୁଗ୍ମ ଭାବେ ଦ୍ୱିତୀୟ ଦ୍ରୁତ ଭାରତୀୟ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ଏହି ମାମଲାରେ ରାହୁଲ ଦ୍ରାବିଡ୍ ଶୀର୍ଷରେ ରହିଛନ୍ତି। ସେ ଇଂଲଣ୍ଡ ବିପକ୍ଷରେ ୧୫ ଇନିଂସ୍‌ରେ ୧୦୦୦ ରନ୍ କରିଥିଲେ।

## ମାଞ୍ଚେଷ୍ଟର୍ ଟେଷ୍ଟ: ଯଶସ୍ୱୀ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ; ପନ୍ତ୍ ରିଟାୟର୍ଡ ହର୍ଟ

# ପ୍ରଥମ ଦିନରେ ଭାରତ ୨୬୪/୪

**ମାଞ୍ଚେଷ୍ଟର,୨୩।୭/ଏଜେନ୍ସି :** ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆଜିଠାରୁ ମାଞ୍ଚେଷ୍ଟର୍‌ର ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଦିନର ଖେଳ ଶେଷ ବେଳକୁ ପ୍ରଥମ ଇନିଂସ୍‌ରେ ୪ ୱିକେଟ୍ ହରାଇ ୨୬୪ ରନ୍ କରିଛି। ଷ୍ଟମ୍ପ ବେଳକୁ ରବୀନ୍ଦ୍ର ଜାଡ଼େଜା ୧୯ ଓ ଶାର୍ଦ୍ଦୁଳ ଠାକୁର ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ।



ଯଶସ୍ୱୀ ଜୟସ୍ୱାଲ୍ ଓ କେଏଲ୍ ରାହୁଲ ଭାରତକୁ ଭଲ ଷ୍ଟାର୍ଟ ଦେଇଥିଲେ। ଉଭୟ ଇଂଲିଶ ବୋଲରଙ୍କ ବିପକ୍ଷରେ ନିୟନ୍ତ୍ରଣ ରଖି ୯୪ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ଦ୍ୱିତୀୟ ସେସନ୍‌ରେ କେଏଲ୍ ରାହୁଲଙ୍କୁ ଜ୍ୟାକ୍ କ୍ରାଲିଙ୍କ ହାତରେ କ୍ୟାଚ୍ କରାଇ କ୍ରିସ୍ ୱୋକ୍ସ ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ। ରାହୁଲ ୯୮ ବଲ୍‌ରେ ୪୬ ରନ୍ କରି ବିଦାୟ ନେଇଥିଲେ। ଏହାପରେ ଯଶସ୍ୱୀ ଜୟସ୍ୱାଲଙ୍କୁ ଆଠବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଲିଆମ୍ ଡସନ୍ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ଯଶସ୍ୱୀ ୧୦୭ ବଲ୍‌ରେ ୫୮ ରନ୍ କରିଥିଲେ। ଇତିମଧ୍ୟରେ ଯଶସ୍ୱୀ ୫୮ ବଲ୍‌ରେ ଟେଷ୍ଟ କ୍ୟାରିୟର୍‌ର ୧୨ଶ ଅର୍ଦ୍ଧଶତକ ପୂରଣ କରିଥିଲେ। ଦ୍ୱିତୀୟ ସେସନ୍‌ରେ ଭାରତ ତିନିଟି ୱିକେଟ୍ ହରାଇଥିଲା। ରାହୁଲ ଓ ଯଶସ୍ୱୀଙ୍କ ବ୍ୟତୀତ ଚତୁର୍ଥ ନମ୍ବରରେ ବ୍ୟାଟିଂ ପାଇଁ ଆସିଥିବା କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ମାତ୍ର ୧୨ ରନ୍‌ରେ ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।

ତୃତୀୟ ସେସନ୍‌ରେ ସାଇ ସୁଦର୍ଶନଙ୍କ ସହ ରଷଭ ପନ୍ତ୍ ଇନିଂସ୍ ସମ୍ଭାଳି ୭୨ ରନ୍ ଯୋଗ କରିଥିଲେ। ତେବେ ୩୭ ରନ୍ କରିଥିବା ବେଳେ ପନ୍ତ୍ ରିଟାୟର୍ଡ ହର୍ଟ ହୋଇଥିଲେ। କ୍ରିସ୍ ୱୋକ୍ସଙ୍କ ଏକ ୟର୍କର୍ ବଲ୍ ତାଙ୍କ ଡାହାଣ ପାଦରେ ଲାଗିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ତାଙ୍କ ପାଦରୁ ରକ୍ତ ବାହାରିବା ସହିତ ପାଦ ଫୁଲି ଯାଇଥିଲା ଏବଂ ତାଙ୍କୁ ପଡ଼ିଆରୁ ନେବା ପାଇଁ ଆମ୍ବୁଲାନ୍ସର ବ୍ୟବହାର କରିବାକୁ ପଡ଼ିଥିଲା। ଏହାପରେ ସାଇ ସୁଦର୍ଶନଙ୍କୁ ବ୍ରାୟଡନ୍ କାର୍ସଙ୍କ ହାତରେ କ୍ୟାଚ୍ କରାଇ ବେନ୍ ଷ୍ଟୋକ୍ସ ଭାରତକୁ ଚତୁର୍ଥ ଝଟ୍‌କା ଦେଇଥିଲେ। ସୁଦର୍ଶନ ୧୫୧ ବଲ୍‌ରେ ୭ ଚୌକା ସହାୟତାରେ ୬୧ ରନ୍ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟର୍‌ର ପ୍ରଥମ ଅର୍ଦ୍ଧଶତକ। ରବୀନ୍ଦ୍ର ଜାଡ଼େଜା ୩୭ ବଲ୍‌ରେ ୧୯ ଏବଂ ଶାର୍ଦ୍ଦୁଳ ଠାକୁର ୩୬ ବଲ୍‌ରେ ୧୯ ରନ୍ କରିଥିବା ବେଳେ ଖରାପ ଆଲୋକ କାରଣରୁ ପ୍ରଥମ ଦିନର ଖେଳ ଶୀଘ୍ର ସମାପ୍ତ ହୋଇଥିଲା। ଇଂଲଣ୍ଡ ପକ୍ଷରୁ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ ଦୁଇଟି ୱିକେଟ୍ ନେଇଥିବା ବେଳେ ଲିଆମ୍ ଡସନ୍ ଓ କ୍ରିସ୍ ୱୋକ୍ସଙ୍କୁ ୧-୧ ସଫଳତା ମିଳିଥିଲା।

### ଚାଇନା ଓପନ୍: ଆଗେଇଲେ ସାତ୍ୱିକ୍-ଚିରାଗ

## ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁ



**ଚାଙ୍ଗଝୁ,୨୩।୭/ଏଜେନ୍ସି :** ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ତଥା ପୂର୍ବତନ ବିଶ୍ୱ ଚାମ୍ପିଅନ୍ ପିଭି ସିନ୍ଧୁ ବୁଧବାର ଜାପାନର ୬ଷ୍ଠ ସିଡ୍ ତୋମୋକା ମିୟାଜାକିଙ୍କୁ ୨୧-୧୫, ୮-୨୧, ୨୧-୧୭ରେ ହରାଇ ଚାଇନା ଓପନ୍ ସୁପର୍ ୧୦୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସିନ୍ଧୁ ଚମତ୍କାର ଆରମ୍ଭ ସହ ଲଗାତାର ସାତ ପଏଣ୍ଟ ଜିତି ପ୍ରଥମ ଗେମ୍‌ରେ ୧୩-୫ରେ ଅଗ୍ରଣୀ ହାସଲ କରିବା ପରେ ସହଜରେ ଏହି ଗେମ୍ ନିଜ ନାମରେ କରିଥିଲେ। ଦ୍ୱିତୀୟ ଗେମ୍‌ରେ ମିୟାଜାକୀ ପ୍ରତ୍ୟାବର୍ତ୍ତନ କରି ଲଗାତାର ୯ ପଏଣ୍ଟ ଜିତି ୧୨-୮ରେ ପ୍ରାରମ୍ଭିକ ଅଗ୍ରଣୀ ହାସଲ



କରିଥିଲେ। ଏହାପରେ ଗେମ୍ ଜିତି ଜାପାନୀ ଖେଳାଳି ସ୍ଥିତି ସମାନ କରିଥିଲେ। ତୃତୀୟ ଏବଂ ନିର୍ଣ୍ଣାୟକ ଗେମ୍‌ରେ ସିନ୍ଧୁ ପ୍ରଥମରୁ ଉନ୍ନତ ପ୍ରଦର୍ଶନ କରି ଲଗାତାର ଅଗ୍ରଣୀ ବଜାୟ ରଖିବା ସହିତ ୬୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା କଡ଼ା ମୁକାବିଲାରେ ବିଜୟୀ ହୋଇଥିଲେ। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୫ଶ ସ୍ଥାନରେ ଥିବା ୩୦ ବର୍ଷୀୟା ସିନ୍ଧୁ ପରବର୍ତ୍ତୀ ରାଉଣ୍ଡ୍‌ରେ ଭାରତର ଅନ୍ୟ ଜଣେ ଖେଳାଳି ୧୭ ବର୍ଷୀୟା ଉନ୍ନତି ହୁଡ୍ଡାଙ୍କୁ ଭେଟିବେ। ଅଲିମ୍ପିକ୍ ସ୍ପୋର୍ଟ୍ସ ସେଣ୍ଟର୍ ଜିମ୍ନାସିୟମ୍‌ରେ ୩୬ ମିନିଟ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଉନ୍ନତି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ସ୍କଟ୍‌ଲାଣ୍ଡର କ୍ରିଷ୍ଟି ଗିଲମୋରଙ୍କୁ ୨୧-୧୧, ୨୧-୧୬ରେ ମାତ୍ ଦେଇଥିଲେ।

ଇତ୍ୟବସରରେ ସାତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ବିଶ୍ୱ ନଂ.୧୫ ପୁରୁଷ ଡବଲ୍ସ ଯୋଡ଼ି ଜାପାନର କେନ୍ୟା ମିତ୍ସୁହାଶୀ ଓ ହିରୋକୀ ଓକାମୁରାଙ୍କୁ ମାତ୍ର ୩୧ ମିନିଟ୍ ମଧ୍ୟରେ ୨୧-୧୩, ୨୧-୯ରେ ହରାଇ ଦମ୍‌ଦାର ଆରମ୍ଭ କରିଛି। ତେବେ ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ମହିଳା ଡବଲ୍ସ ଯୋଡ଼ି ହଂକଂର ନଗା ଟିଙ୍ଗ୍ ୟେଉଙ୍ଗ୍ ଓ ପୁଇ ଲାଭ ୟେଉଙ୍ଗଙ୍କଠାରୁ ୧୨-୨୧, ୧୩-୨୧ରେ ପରାଜିତ ହୋଇଛି।

## ସେମିଫାଇନାଲ୍‌ରେ କଟକ, କୋରାପୁଟ ଓ ସୁନ୍ଦରଗଡ଼

**କଟକ,୨୩।୭/ଏନ୍‌ଏନ୍‌ଏସ୍ :** ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ୬୪ତମ ସିନିୟର ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ ବୁଧବାର ତିନିଟି ଜୋନ୍‌ର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଶେଷ ହୋଇଛି। ଏଥିରେ କେନ୍ଦ୍ରାପଡ଼ା ଜୋନ୍‌ରୁ କଟକ, ବ୍ରହ୍ମପୁର ଜୋନ୍‌ରୁ କୋରାପୁଟ ଏବଂ କେନ୍ଦୁଝର ଜୋନ୍‌ରୁ ସୁନ୍ଦରଗଡ଼ ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେମିଫାଇନାଲ୍ ମ୍ୟାଚ୍ ଜୁଲାଇ ୨୬ ଓ ୨୭ ତାରିଖରେ ଯଥାକ୍ରମେ ରାଜକନିକା ଓ ବ୍ରହ୍ମପୁର ଜୋନ୍‌ରେ ଖେଳାଯିବ। ମ୍ୟାଚ୍ ଅପରାହ୍ନ ସଢ଼େ ୩ଟାରେ ଆରମ୍ଭ ହେବ। କେନ୍ଦ୍ରାପଡ଼ା ଜୋନ୍‌ରେ ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ କଟକ ୫-୦ ଗୋଲ୍‌ରେ ଝାରସୁଗୁଡ଼ାକୁ ହରାଇ ଦେଇଛି। ଦଳ ପକ୍ଷରୁ ଦୀନବନ୍ଧୁ ଦାସ (୨୫, ୪୭ ଏବଂ ୭୮ତମ ମିନିଟ୍) ତିନିଟି ଗୋଲ୍ କରିଥିବା ବେଳେ ପରାଓ ଟୁଡ଼ି (୫୬ତମ) ଏବଂ ଅବିନାଶ କିସାନ୍ (୮୭ତମ) ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ। ସେହିପରି ବ୍ରହ୍ମପୁର ଜୋନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର ବିପକ୍ଷରେ କୋରାପୁଟ ୨-୧ ଗୋଲ୍‌ରେ ବିଜୟୀ ହୋଇଛି। କୋରାପୁଟ ପକ୍ଷରୁ ଅବିନାଶ ମୁଦୁଲି ଦୁଇଟି ଯାକ ଗୋଲ୍ କରିଥିବା ବେଳେ ଭୁବନେଶ୍ୱର ପକ୍ଷରୁ ସୋମେଶ ମହାନ୍ତି ଏକମାତ୍ର ଗୋଲ୍‌ଟି ଦେଇଥିଲେ। କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ଅନ୍ୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ସୁନ୍ଦରଗଡ଼ ୩-୧ ପେନାଲ୍ଟିରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ହରାଇ ସେମିରେ ସ୍ଥାନ ପକ୍କା କରିଛି।



**ସାହାଣୀ କପ୍**

ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହେବା ପରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ସୁନ୍ଦରଗଡ଼ ପକ୍ଷରୁ ଆହଶ ବେକ୍, ମୋହନ ମାଝୀ ଓ ଅଶାନ୍ତ କେରକେଟା ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପକ୍ଷରୁ ରୋହିତ ବଡ଼ାଇକ ଗୋଲ୍ କରିଥିଲେ।

ଏହା ବ୍ୟତୀତ ଆଜି ବୌଦ୍ଧ ଜୋନ୍‌ରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ବରଗଡ଼ ୫-୦ ଗୋଲ୍‌ରେ ନୟାଗଡ଼କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଦେଓଗଡ଼ ୧-୦ ଗୋଲ୍‌ରେ କଳାହାଣ୍ଡିକୁ ହରାଇଛନ୍ତି।

## ଗଙ୍ଗାରେ ଭାସିଯାଉଥିବା ପୂର୍ବତନ କବାଡ଼ି ଖେଳାଳି ଉଦ୍ଧାର

**ହରିଦ୍ୱାର,୨୩।୭/ଏଜେନ୍ସି :** ଭାରତୀୟ କବାଡ଼ି ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ୍ ଦୀପକ ହୁଡା ଗଙ୍ଗା ନଦୀର ପ୍ରଖର ସ୍ରୋତରେ ଭାସିଯାଉଥିବା ବେଳେ ଉତ୍ତରାଖଣ୍ଡ ପୁଲିସ୍ ତାଙ୍କୁ ଉଦ୍ଧାର କରିଛି। ଏହି ଉଦ୍ଧାର କାର୍ଯ୍ୟର ଏକ ଭିଡିଓ ଉତ୍ତରାଖଣ୍ଡ ପୁଲିସ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ପୋଷ୍ଟ କରିବା ପରେ ଏହା ଜଣାପଡ଼ିଛି। ଦୀପକ ବୁଧବାର ସନ୍ଧ୍ୟାରେ ଏହାକୁ ଅସ୍ୱୀକାର କରିଥିଲେ। ସେ କହିଥିଲେ ପୁଲିସ ଶେୟାର୍ କରିଥିବା ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ସେ ନୁହନ୍ତି। ତେବେ ରାତିରେ ହରିଦ୍ୱାରରୁ ରାତିରେ ଗୃହନଗର ରୋହତକ ଫେରିବା ପରେ ସେ ଏହାକୁ ସ୍ୱୀକାର କରିଥିଲେ ଏବଂ ଭିଡିଓ ତାଙ୍କର ବୋଲି କହିଥିଲେ। ସେ କହିଛନ୍ତି, ଗୋଡ଼ ଖସିଯିବାରୁ ଗଙ୍ଗାରେ ଭାସି ଯାଇଥିଲେ ଏବଂ ସେଠାରେ ମୁତୟନ ଉତ୍ତରାଖଣ୍ଡ ପୁଲିସ ଟିମ୍ ଉଦ୍ଧାର କରି ତାଙ୍କ



ଜୀବନ ବଞ୍ଚାଇଛି। ସେ କହିଛନ୍ତି, ବୁଧବାର ମହାଶିବରାତ୍ରୀ ଥିବାରୁ ସେ ସକାଳୁ ସକାଳୁ ଗଙ୍ଗାସ୍ନାନ ପାଇଁ ହରିଦ୍ୱାର ଯାଇଥିଲେ। ମାତ୍ର କୂଳରେ ବୁଡ଼ ପକାଇଥିବା ବେଳେ ଭାସିଯାଇଥିଲେ ଏବଂ ଭୋଲେ ବାବାଙ୍କ ଆଶୀର୍ବାଦରୁ ବଞ୍ଚିଯାଇଛନ୍ତି। ଏଥିପାଇଁ ସେ ଉତ୍ତରାଖଣ୍ଡ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି। ହରିଆଣା ବିଜେପି ନେତା ଦୀପକ ହୁଡା ବିଧାନସଭା ନିର୍ବାଚନ ମଧ୍ୟ ଲଢ଼ିସାରିଛନ୍ତି। ସେ ମହିଳା ବକ୍ସର୍ ସ୍ୱିଟି ବୁରାଙ୍କ ପତି। କିନ୍ତୁ ଏବେ ଦୁହିଁଙ୍କ ମଧ୍ୟରେ ବିବାଦ ଚାଲିଛି।

### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିବାଦ

## ଏଆଇୟୁ ଯୁଗ୍ମ ସମ୍ପାଦକ ସେଖୋଁ ନିଲମ୍ବିତ

**ନୂଆଦିଲ୍ଲୀ,୨୩।୭/ଏଜେନ୍ସି :** ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ନିଜ ଯୁଗ୍ମ ସମ୍ପାଦକ ବଲ୍‌ଜିତ୍ ସିଂହ ସେଖୋଁଙ୍କୁ ନିଲମ୍ବିତ କରିଛି। ଏହା ସହିତ ଜର୍ମାନୀର ରାଇନ୍-ରୁହର୍‌ରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (ଡବ୍ଲ୍ୟୁୟୁଜି) ପାଇଁ ଚୟନିତ ଖେଳାଳି ପ୍ରତିଯୋଗିତାରୁ ଭାଗ ନେବାକୁ ବଞ୍ଚିତ ହେବା ଘଟଣାର ଯାଞ୍ଚ ପାଇଁ ଏକ



ତିନିଜଣିଆ ଯାଞ୍ଚ ପ୍ୟାନେଲ୍‌ର ଗଠନ କରିଛି। ପ୍ୟାନେଲ୍‌ଙ୍କ ଅଧ୍ୟକ୍ଷତା ବିଳାସପୁରସ୍ଥିତ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ କୁଳପତି ଅନିଲ୍ କୁମାର କଲକଲ୍ କରିବେ। ଏହା ପୂର୍ବରୁ ଖେଳ ମନ୍ତ୍ରଣାଳୟ ମଧ୍ୟ ଏହି ଘଟଣାକ୍ରମ ଉପରେ ସଂଜ୍ଞାନ ନେଇଥିଲା।

ଏହି ପ୍ରତିଯୋଗିତାରେ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଟିମ୍ ବ୍ରୋଞ୍ଜ୍ ପଦକ ଜିତିଥିଲା। କିନ୍ତୁ ଜୁଲାଇ ୧୬ ତାରିଖରେ ଟିମ୍ ମ୍ୟାନେଜରଙ୍କ ବୈଠକରେ ଭାରତୀୟ ଅଧିକାରୀଙ୍କ ଦ୍ୱାରା ସମସ୍ତ ନାମ ଠିକ୍ ଭାବେ ପ୍ରସ୍ତୁତ କରାଯାଇ ନଥିବାରୁ ଚୟନିତ ୧୨ ଖେଳାଳିଙ୍କ ମଧ୍ୟରୁ ଛଅଜଣଙ୍କୁ ଭାଗ ନେବାରୁ ରୋକି ଦିଆଯାଇଥିଲା। ତେବେ ଏଫ୍‌ଆଇଏସ୍‌ୟୁ (ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସ୍ଥା) ସହ ଏଆଇୟୁ କଥାବାର୍ତ୍ତା କରିବା ପରେ ନିୟମ ଅନୁସାରେ ଟିମ୍‌ର ସମସ୍ତ ୧୨ ସଦସ୍ୟଙ୍କୁ ପଦକ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରୋହନ କୁମାର, ଦର୍ଶନ ପୂଜାରୀ, ଅଦିତି ଭଟ୍ଟ, ଅବିନାଶ ମହାନ୍ତି, ବିରାଜ କୁଓ୍ୱଲେ ଏବଂ ଅଲିଶା ଖାନ୍ ଭାରତର ୧୨ ଜଣିଆ ଟିମ୍‌ର ଅଂଶବିଶେଷ ଥିବା ସତ୍ତ୍ୱେ ସେମାନଙ୍କୁ ଖେଳିବାକୁ ସୁଯୋଗ ମିଳିନଥିଲା। ସେହିପରି ଅଧିକାରୀଙ୍କ ତ୍ରୁଟି ଯୋଗୁଁ ମହିଳା ୪୦୦ ମିଟର ଧାବିକା ଦେବଜାନୀ ବାଜାଲା ମଧ୍ୟ ପ୍ରତିଯୋଗିତାରେ ଭାଗ ନେଇପାରି ନଥିବା ଅଭିଯୋଗ କରିଥିଲେ।

ଏଆଇୟୁ ସାଧାରଣ ସମ୍ପାଦକ ପଙ୍କଜ ମିତ୍ତଲ୍ କହିଛନ୍ତି, ଯାଞ୍ଚ ପ୍ୟାନେଲ୍ ପୂରା ମାମଲାର ଯାଞ୍ଚ କରିବା ଏବଂ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଆମେ ଯୁଗ୍ମ ସମ୍ପାଦକ ବଲ୍‌ଜିତ୍ ସିଂହ ସୋଖୋଁଙ୍କୁ ନିଲମ୍ବିତ କରିବା ନିଷ୍ପତ୍ତି ନେଇଛି। ପ୍ୟାନେଲ୍ ୧୫ ଦିନରେ ନିଜ ରିପୋର୍ଟ ପ୍ରଦାନ କରିବ।





### ଦ୍ୱିତୀୟ ଟି-୨୦: ଇଂଲିଶ୍-ଗ୍ରୀନ୍‌ଙ୍କ ଅପରାଜିତ ୧୩୧ ରନ୍‌ର ପାର୍ଟନରଶିପ୍

# ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ବିଜୟୀ

### ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ରସେଲ୍‌ଙ୍କ ୩୬ ରନ୍



**ଜାମାଇକା,୨୩।୭/ଏଜେନ୍ସି :** ସ୍ଥାନୀୟ ସାବିନା ପାର୍କରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ଦେଇଛି। ଏହି ବିଜୟ ସହ କଙ୍ଗାରୁ ଟିମ୍ ତିନି ମ୍ୟାଚ୍‌ର ସିରିଜ୍‌ରେ ୨-୦ର ଅଜେୟ ଅଗ୍ରଣୀ ଲାଭ କରିଛି। ପ୍ରଥମେ ୱେଷ୍ଟଇଣ୍ଡିଜ୍ ୮ ୱିକେଟ୍ ହରାଇ ୧୭୨ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଜୋଶ୍ ଇଂଲିଶ୍ ଓ କାମେରନ୍ ଗ୍ରୀନ୍‌ର ଅପରାଜିତ ୧୩୧ ରନ୍‌ର ପାର୍ଟନରଶିପ୍ ବଳରେ ୧୫.୨ ଓଭର୍‌ରେ ୨ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଓପ୍ନର୍ ବ୍ରେଣ୍ଡନ୍ କିଙ୍ଗ୍ ଓ ଶାଇ ହୋପ୍ ପ୍ରଥମ ୱିକେଟ୍ ପାଇଁ ୬୩ ରନ୍‌ର ପାର୍ଟନରଶିପ୍ କରିଥିଲେ। କିଙ୍ଗ୍ ୩୬ ବଲ୍‌ରେ ୫୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ କୌଣସି ବ୍ୟାଟ୍ସମ୍ୟାନ୍ ୪୦ରୁ ଉର୍ଦ୍ଧ୍ୱ ରନ୍ କରିବାକୁ ସମର୍ଥ ହୋଇନଥିଲେ। କ୍ୟାରିୟର୍‌ର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ଆନ୍ଦ୍ରେ ରସେଲ୍ ୧୫ ବଲ୍‌ରେ ୩୬ ରନ୍ କରି ଟିମ୍‌ର ସ୍କୋର୍ ୧୭୨ ରନ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଦମ୍ ଜାମ୍ପା ସର୍ବାଧିକ ୩ଟି ଏବଂ ଗ୍ଲେନ୍ ମାକ୍ସୱେଲ୍ ଓ ନାଥନ୍ ଏଲିସ୍ ୨-୨ ୱିକେଟ୍ ନେଇଥିଲେ।

୧୭୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୧୩ ରନ୍‌ରେ ମାକ୍ସୱେଲ୍ (୧୨ ରନ୍)ଙ୍କ ୱିକେଟ୍ ହରାଇଥିଲା। କ୍ୟାପ୍‌ଟେନ୍ ମିଚେଲ୍ ମାର୍ଶ ୪୩ ରନ୍‌ର ସ୍କୋର୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ସେ ୧୭ ବଲ୍‌ରେ ୨୧ ରନ୍ କରିଥିଲେ। ଏହାପରେ ତୃତୀୟ ୱିକେଟ୍ ପାଇଁ ଜୋଶ୍ ଇଂଲିଶ୍ ଓ କାମେରନ୍ ଗ୍ରୀନ୍ ୫୯ ବଲ୍‌ରେ ଅପରାଜିତ ୧୩୧ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିଜୟ ଦେଇଥିଲେ। ଇଂଲିଶ୍ ୩୩ ବଲ୍‌ରେ ୭ ଚୌକା ଓ ୫ ଛକା ସହାୟତାରେ ଅପରାଜିତ ୭୮ ଏବଂ ଗ୍ରୀନ୍ ୩୨ ବଲ୍‌ରେ ଅପରାଜିତ ୫୨ ରନ୍ କରିଥିଲେ। ଜୋଶ୍ ଇଂଲିଶଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra